• Vol.- 44, Issue No. 243
• Thursday, 5 December 2024
• ଗୁରୁବାର, ୫ ଡିସେମ୍ବର ୨୦୨୪
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

Web: www.dinalipi.com, E-mail: dinalipinews@gmail.com




ଏସିସି ଅଣ୍ଡର-୧୯ ଏସିଆ କପ୍
ୟୁଏଇକୁ ହରାଇ ସେମିରେ ଭାରତ

# ପରାକ୍ରମ ଦେଖାଇଲା ନୌସେନା

## ଅନୁପ୍ରବେଶ ରୋକିବାରେ ନୌସେନାର ଭୂମିକା ପ୍ରଶଂସନୀୟ: ରାଷ୍ଟ୍ରପତି



ପୁରୀ,୪।୧୨(ନିପ୍ର): ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ବୁଧବାର ନୌସେନା ତା'ର ପରାକ୍ରମ ଦେଖାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଡେମୋର ଉଦ୍‌ଘାଟନ କରିଛନ୍ତି। ରାଷ୍ଟ୍ରପତି ବ୍ଲୁ ଫ୍ଲାଗ୍ ବିଚ୍‌ରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପ୍ରଥମ କରି ପୁରୀରେ ନୌସେନା ଦିବସ ପାଳିତ ହେଉଛି। ଏଥିରେ ୧୫ଟି ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ, ଗୋଟିଏ ବୁଡ଼ା ଜାହାଜ ସାମିଲ ହୋଇଥିବାବେଳେ ବେଳାଭୂମିରେ ସତେ ଯେମିତି ଯୁଦ୍ଧର ଭ୍ରମ ସୃଷ୍ଟି ହୋଇଛି। ଆମ ଦେଶର ନୌବୀରମାନେ ଜଳପଥରେ ସେମାନଙ୍କର ରଣକୌଶଳ ଦେଖାଉଛନ୍ତି। ଧ୍ୱଜାବତରଣ ପରେ ନୌସେନା ମୁଖ୍ୟ ସମ୍ବୋଧିତ କରିଥିଲେ। ସେ କହିଥିଲେ, ଆମେ ସମୁଦ୍ର ଭିତରେ କ'ଣ କରିପାରିବୁ ତାହା ଏଠାରେ ପ୍ରଦର୍ଶନ କରିଛୁ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ନୌସେନାର ଭୂମିକା ଅତୁଳନୀୟ। ଉଭୟ ଆରବ ସାଗର ଓ ବଙ୍ଗୋପସାଗରରେ ନୌସେନା ତା'ର ଶକ୍ତି ଦେଖାଇଥିଲା। ପାକିସ୍ତାନ ସେନା ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ ଆମ ନୌବୀରମାନେ। ଆଜି ତାହା ଏଠାରେ ସୁନ୍ଦର ଭାବରେ ପ୍ରଦର୍ଶିତ ହେଉଛି। ଦେଶର ସୁରକ୍ଷା ପାଇଁ ନୌସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସନ୍ଧ୍ୟାରେ କହିଛନ୍ତି। ପୁରୀସ୍ଥିତ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଆୟୋଜିତ ନୌସେନା ଦିବସ ଅବସରରେ ସେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ସମୁଦ୍ର ଭିତରେ ଶତ୍ରୁଙ୍କୁ ଭାରତୀୟ ନୌବୀରମାନେ ପ୍ରତିରୋଧ କରିପାରୁଛନ୍ତି। ଜଳପଥରେ ଅନୁପ୍ରବେଶ ରୋକିବାରେ ନୌସେନା ପ୍ରଶଂସନୀୟ କାମ କରୁଛି। ୧୯୭୧ ଯୁଦ୍ଧ ବେଳେ ନୌସେନା ଯେଉଁ ଶକ୍ତି ଦେଖାଇଥିଲା, ତାହା ସବୁବେଳେ ମନେ ରହିବ। ନୌସେନାର କର୍ତ୍ତବ୍ୟକୁ ନେଇ ଭାରତୀୟମାନେ ଗର୍ବ ଅନୁଭବ କରନ୍ତି। ଭାରତ ୨୦୪୭ ସୁଦ୍ଧା ସଂପୂର୍ଣ୍ଣ ରୂପେ ଆତ୍ମନିର୍ଭର ହେବା ଦିଗରେ କାମ କରୁଛି। ବାଲିଷ୍ଟିକ୍ ମିଜାଇଲ ସବ୍‌ମେରାଇନ୍ ନିର୍ମାଣ କରିବାରେ ଭାରତ ହେଉଛି ବିଶ୍ୱର ଷଷ୍ଠ ରାଷ୍ଟ୍ର। ଦେଶ ଏଯାଏଁ ୬୩ଟି ବୁଡ଼ାଜାହାଜ ନିର୍ମାଣ କରିସାରିଛି। ନୌସେନାରେ ମହିଳା ଅଗ୍ନିବୀରମାନଙ୍କୁ ନିଯୁକ୍ତି ମିଳିଛି। କଳିଙ୍ଗର ଇତିହାସକୁ ନୌସେନା ମନେ ପକାଇ ଦେଉଛି। ରାଷ୍ଟ୍ରପତିଙ୍କ ସହିତ ଗଜପତି ମହାରାଜା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳ ସଦସ୍ୟ, ଏମ୍‌ପି ଏବଂ ବିଧାୟକ ମାନେ ମଧ୍ୟ ଉପସ୍ଥିତ ଥିଲେ। ନୌସେନାର ବୀରତ୍ୱ ଦେଖିବା ପାଇଁ ହଜାର ହଜାର ଲୋକ ଏକତ୍ରିତ ହୋଇଛନ୍ତି।

## ଖୁବଶୀଘ୍ର ଗଞ୍ଜାମ ଓ ଢେଙ୍କାନାଳରେ ଖୋଲିବ ଆୟୁଷ ହସ୍‌ପିଟାଲ

ଭୁବନେଶ୍ୱର,୪।୧୨: ଓଡିଶାର ଗଞ୍ଜାମ ଏବଂ ଢେଙ୍କାନାଳ ଜିଲାରେ ଖୁବଶୀଘ୍ର ଆୟୁଷ ଡାକ୍ତରଖାନା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁରୀରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଏକ ସମାବେଶକୁ ସମ୍ବୋଧିତ କରି ସେ ଆୟୁର୍ବେଦିକ ସୁବିଧା ସମ୍ପ୍ରସାରଣ ଘୋଷଣା କରିଥିଲେ ଏବଂ ଦୁଇଟି ନୂତନ ଆୟୁଷ ଡାକ୍ତରଖାନା ଉଦଘାଟନ ସମ୍ପର୍କରେ ସୂଚନା ଦେଇଥିଲେ। ଆୟୁର୍ବେଦ ଚିକିତ୍ସା ଏକ ପ୍ରାଚୀନ ଅଭ୍ୟାସ। ଯାହା ପାଞ୍ଚ ହଜାର ବର୍ଷରୁ ଅଧିକ ସମୟ ଧରି ସ୍ୱାସ୍ଥ୍ୟସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଅବଶ୍ୟ, ଏହା ମୁଖ୍ୟ ସ୍ରୋତ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସ୍ୱୀକୃତି ପାଇବା ପରିବର୍ତ୍ତେ ପ୍ରାୟ ଧାର୍ମିକ ବିଶ୍ୱାସର ସଦୃଶ ରହିଥିଲା। ୨୦୧୪ ପର୍ଯ୍ୟନ୍ତ ଭାରତର ପାରମ୍ପାରିକ ଚିକିତ୍ସା ପଦ୍ଧତି ଅବହେଳିତ ହୋଇଥିଲା। କେବଳ ଜିନିଷଗୁଡିକ ପରିଚାଳନା ଏବଂ ଦାୟିତ୍ୱ ନିର୍ବାହ କରିବା ପାଇଁ ନାମମାତ୍ର ପାଣ୍ଠି ଯୋଗାଣ କରାଯାଉଥିଲା। ତେବେ ନଭେମ୍ବର ୯, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୁଷ ମନ୍ତ୍ରଣାଳୟ ଗଠନ କରି ଆୟୁର୍ବେଦକୁ ଏକ ନୂତନ ଦିଗ ଏବଂ ଏକ ନୂତନ ଆଶା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଧନୁଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବରଗଡ଼,୪।୧୨: ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୫ ଜାନୁଆରୀ ୩ରୁ ଆରମ୍ଭ ହୋଇ ଜାନୁଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ଦୀର୍ଘ ୧୧ ଦିନ ବ୍ୟାପୀ ଏହି ଅବଧି ମଧ୍ୟରେ ବରଗଡ଼ ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। ସେହିପରି ବରଗଡ଼ ଓ ଅମ୍ବାପାଲି ମଧ୍ୟରେ ବହି ଯାଇଥିବା ଜୀରାନଦୀ ହେବ ଯମୁନା। ତେବେ ଏହି ମହୋତ୍ସବ ଯେତିକି ପାଖେଇ ଆସୁଛି, ଅଞ୍ଚଳବାସୀଙ୍କ ମଧ୍ୟରେ ସେତିକି ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହେଉଛି। ବୁଧବାର ସନ୍ଧ୍ୟା ୬ଟା ୩୦ରେ ପରମ୍ପରା ଅନୁଯାୟୀ, ବରଗଡ଼ ହାଟପଦା ସଞ୍ଚାର ମଣ୍ଡଳୀରେ ଧନୁଯାତ୍ରା ମହୋତ୍ସବର ଶୁଭଖୁଣ୍ଟି ସ୍ଥାପିତ ହୋଇଛି। ଏହି ଅବସରରେ ଅପରାହ୍ନ ୫ଟାରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ପୂଜାର୍ଚ୍ଚନା ପରେ ଅପରାହ୍ନ ୫ଟା.୩୦ମିନିଟ୍‌ରେ ସମଲେଶ୍ୱରୀ ମନ୍ଦିରରୁ ହାଟପଦା ସଞ୍ଚାର ମଣ୍ଡଳୀ ଅଭିମୁଖେ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟା ୬ଟା ୩୦ରେ ଶୋଭାଯାତ୍ରା ହାଟପଦା ସଞ୍ଚାର ମଣ୍ଡଳୀ ପହଞ୍ଚିବା ପରେ ପୂଜାର୍ଚ୍ଚନା ସହିତ ସେଠାରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା।

## ୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମୁଡିଲାଣି କୁକୁର

ଭୁବନେଶ୍ୱର,୪।୧୨(ନିପ୍ର): ରାଜ୍ୟରେ ଗତ ୨ ବର୍ଷରେ ୫ଲକ୍ଷରୁ ଅଧିକ ଲୋକଙ୍କୁ କାମୁଡିଲାଣି କୁକୁର । ବୁଲା କୁକୁରମାନଙ୍କ ସଂପର୍କରେ ବୁଧବାର ବିଧାନସଭାରେ ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି, ବୁଲା କୁକୁରମାନଙ୍କ ପ୍ରତି ସାବଧାନ ରହନ୍ତୁ। କାରଣ ରାସ୍ତାରେ ବୁଲୁଛନ୍ତି ୧୭ ଲକ୍ଷ ବୁଲା କୁକୁର। ବୁଲା କୁକୁରଙ୍କ ଉପଦ୍ରବରେ ଲୋକ ହନ୍ତସନ୍ତ ହେଉଛନ୍ତି। ସେ କହିଛନ୍ତି,ଗତ ଦୁଇ ବର୍ଷ ଭିତରେ କୁକୁର କାମୁଡ଼ାରେ ଶିକାର ହେଲେଣି ୫ ଲକ୍ଷରୁ ଅଧିକ ଲୋକ। ରାଜ୍ୟର ୮ଟି ସହରାଞ୍ଚଳରେ ୪ ହଜାର ୬୦୫ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି। ଚଳିତ ବର୍ଷ ଅର୍ଥାତ ଏଇ ୧୦ ମାସରେ ୨ ଲକ୍ଷ ୪୩ ହଜାର ୫୬୫ ଜଣ ଲୋକ କୁକୁର କାମୁଡ଼ାରେ ଶିକାର ହୋଇଛନ୍ତି। ସେହିପରି ଗତବର୍ଷ ୨ ଲକ୍ଷ ୬୦ ହଜାର ଲୋକ କୁକୁର କାମୁଡ଼ାର ଶିକାର ହୋଇଥିଲେ।

## ଡିସେମ୍ବର ୨୫ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୪।୧୨: 'ସୁଭଦ୍ରା' ଯୋଜନା ଅଧୀନରେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ମୋଟ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇ ସାରିଥିବା ବେଳେ ଡିସେମ୍ବର ୨୫ ତାରିଖରେ ଚତୁର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥ ପ୍ରେରଣ କରାଯିବାକୁ ପ୍ରସ୍ତୁତି ଜାରି ରହିଛି । ଏଥିପାଇଁ ନୂଆ ଆବେଦନକାରୀଙ୍କ ସମେତ ଅଦ୍ୟାବଧି ସହାୟତା ପାଇପାରିନଥିବା ଦରଖାସ୍ତକାରୀଙ୍କ ଆବେଦନ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧ ତାରିଖ ସୁଦ୍ଧା ସୁଭଦ୍ରାରେ ମୋଟ ୧ କୋଟି ୫ ଲକ୍ଷ ୩୬ ହଜାର ୬୧୨ ଆବେଦନ ଗ୍ରହଣ ହୋଇଛି।

## ୪ ବିଦ୍ୟୁତ ବିତରକ କମ୍ପାନୀ ଉପରେ ବାକି ପଡ଼ିଛି ୬,୫୮୭ କୋଟି

ଭୁବନେଶ୍ୱର,୪।୧୨: ରାଜ୍ୟର ୪ଟି ବିଦ୍ୟୁତ ବିତରକ କମ୍ପାନୀ ଉପରେ ବାକି ପଡ଼ିଛି ୬ ହଜାରରୁ ଅଧିକ କୋଟି ଟଙ୍କା। ଏନେଇ ଗୃହରେ ତଥ୍ୟ ରଖି ଲିଖିତ ଉତ୍ତର ଦେଇ କହିଛନ୍ତି ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ। ରାଜ୍ୟର ୪ ବିଦ୍ୟୁତ ବିତରକ କମ୍ପାନୀ ଉପରେ ମୋଟ ୬ ହଜାର ୫୮୭ କୋଟି ଟଙ୍କା ବାକି ପଡିଛି । ତା ଭିତରୁ ସେସୁ ପାଖରେ ୨ ହଜାର ୬୫୧ କୋଟି



ବାକି ପଡିଥିବାବେଳେ, ନେସ୍କୋ ପାଖରେ ୯୫୮ କୋଟି, ୱେସ୍କୋ ପାଖରେ ୧ ହଜାର ୬୭୬ କୋଟି ଆଉ ସାଉଥକୋ ପାଖରେ ୧୩୦୦ କୋଟି ଟଙ୍କା ବାକି ପଡ଼ିଛି । ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏନେଇ ଗୃହରେ ଏକ ଅଣତାରକା ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ, ରାଜ୍ୟର କେଉଁ ବିଦ୍ୟୁତ ଆବଣ୍ଟନ କମ୍ପାନୀ ଓ ଦେଶର କେଉଁ ବିଦ୍ୟୁତ ବଣ୍ଟନ କମ୍ପାନୀ ଉପରେ ସରକାରଙ୍କ କେତେ ପ୍ରାପ୍ୟ ବାକି ଅଛି ? ଯାହାର ଉତ୍ତର ଦେଇ ଶକ୍ତି ମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ୪ ବିଦ୍ୟୁତ ବିତରକ କମ୍ପାନୀ ଉପରେ ମୋଟ ୬ ହଜାର ୫୮୭ କୋଟି ଟଙ୍କା ବାକି ପଡ଼ିଛି । ତା ଭିତରୁ ସେସୁ ପାଖରେ ୨ ହଜାର ୬୫୧ କୋଟି ବାକି ପଡିଥିବାବେଳେ, ନେସ୍କୋ ପାଖରେ ୯୫୮ କୋଟି, ୱେସ୍କୋ ପାଖରେ ୧ ହଜାର ୬୭୬ କୋଟି ଆଉ ସାଉଥକୋ ପାଖରେ ୧୩୦୦ କୋଟି ଟଙ୍କା ବାକି ପଡ଼ିଛି।

## କଳ୍ପନା ଜଳ୍ପନା ଶେଷ

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଫଡନବିସ

### ଏକନାଥ ସିନ୍ଦେ ହେବେ ଉପମୁଖ୍ୟମନ୍ତ୍ରୀ

ମୁମ୍ବାଇ,୪।୧୨: ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ବୁଧବାର ଘୋଷଣା କରାଯାଇଛି। ସର୍ବସମ୍ମତିକ୍ରମେ ଦେବେନ୍ଦ୍ର ଫଡନବିସଙ୍କ ନାମକୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଛି। ଫଡନବିସ ୩ୟ ଥର ଲାଗି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିବେ। ତେବେ ଏକନାଥ ସିନ୍ଦେଙ୍କୁ ନେଇ ସସପେନ୍ସ ଜାରି ରହିଥିଲା। ଫଡନବିସ ମୁଖ୍ୟମନ୍ତ୍ରୀ ହେଲେ ସିନ୍ଦେଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଥିଲା। ଏହା ଉପରୁ ମଧ୍ୟ ବୁଧବାର ପରଦା ଉଠିଛି। ସିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇଛି। ପ୍ରଥମରୁ ସେ ମନା କରିଆସୁଥିଲେ। କିନ୍ତୁ ଫଡନବିସ ତାଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ସେ ରାଜି ହୋଇଥିବା ବିଶେଷ



ସୂତ୍ରରୁ ସୂଚନା ମିଳିଛି। ବୁଧବାର ସିନ୍ଦେ ଶିବସେନା ନେତାମାନଙ୍କ ସହିତ ବୈଠକ କରିଥିଲେ। ସରକାରରେ ସେ ସାମିଲ ହେବେ ନା ନାହିଁ ସେ ବିଷୟରେ ସନ୍ଧ୍ୟାରେ ସୂଚନା ଦେବେ ବୋଲି ସିନ୍ଦେ ବୈଠକରେ ନିଜ ନେତାମାନଙ୍କୁ କହିଥିଲେ। କିନ୍ତୁ ବୈଠକରେ ନେତାମାନେ ତାଙ୍କୁ ସରକାରରେ ରହିବାକୁ ବହୁ ଅନୁରୋଧ କରିଥିଲେ। ଫଡନବିସ ବି ସିନ୍ଦେଙ୍କୁ ସରକାରରେ ରହିବାକୁ ଅନୁରୋଧ କରିଥିଲେ। ଶେଷରେ ସିନ୍ଦେ ରାଜି ହୋଇଥିବା ଜଣାପଡ଼ିଛି। ତେବେ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ହେଲେ ତାଙ୍କୁ କେଉଁ ବିଭାଗ ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ମାତ୍ର ଆରମ୍ଭରୁ ଶିବସେନା ଗୃହ ବିଭାଗ ନିଜ ଅଧୀନରେ ରଖିବାକୁ ଦାବି କରିଆସୁଛି। ସେହିପରି ମହାୟୁତିର ଅନ୍ୟତମ ସହଯୋଗୀ ଏନସିପି ମୁଖ୍ୟ ଅଜିତ ପାୱାର ମଧ୍ୟ ଉପମୁଖ୍ୟମନ୍ତ୍ରୀ ପଦବୀ ପାଇବାର ସମ୍ଭାବନା ରହିଛି। ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଫଡନବିସ ଗୁରୁବାର ସନ୍ଧ୍ୟା ସାଢ଼େ ୫ଟାରେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି।

## ଦୁଇ ନାବାଳକଙ୍କ ଜୀବନ ନେଲା ପିକ୍‌ଅପ ଭ୍ୟାନ

ଆଠଗଡ,୪।୧୨(ନିପ୍ର): ମୁଣ୍ଡଳୀ ନଦୀବନ୍ଧ ଭାୟା କନ୍ଦରପୁର ଦେଇ ଆଠଗଡ ରାସ୍ତାରେ ଏକ ଦ୍ରୁତଗାମୀ କେକ ବୋଝେଇ ପିକଅପ ଭ୍ୟାନ ରାସ୍ତା କଡରେ ଠିଆ ହୋଇଥିବା ଦୁଇ ନାବାଳକଙ୍କୁ ଧକ୍କା ଦେଇ ଓଲଟି ପଡିଥିଲା। ସ୍ଥାନୀୟ ଯୁବକମାନେ ଘଟଣାସ୍ଥଳରୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ କନ୍ଦରପୁର ଗ୍ରାମର ନାରାୟଣ ଦାସଙ୍କ ଏକମାତ୍ର ପୁତ୍ର ଅଂଶୁମାନ ଦାସ (୧୭) ଏବଂ ଅନ୍ୟଜଣେ ସେହି କନ୍ଦରପୁର ଗ୍ରାମର ପ୍ରମୋଦ କୁମାର ବେହେରାଙ୍କ ଏକମାତ୍ର ପୁତ୍ର ସୌମ୍ୟ ରଞ୍ଜନ ବେହେରା (୧୭)। ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତର ଖାନାକୁ ନିଆଯାଇଥିଲାବେଳେ ସେଠାରେ ଚିକିତ୍ସାଧୀନ ଡାକ୍ତର ତାଙ୍କୁ ମଧ୍ୟ ମୃତ ବୋଲି ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ ଉଭୟ ଅଂଶୁମାନ ଓ ସୌମ୍ୟ ଏକା କ୍ଲାସମେଣ୍ଟ ଏବଂ ଉଭୟ +୨ ପ୍ରଥମ ବର୍ଷର ଛାତ୍ର ଥିଲେ। ବୁଧବାର ଉଭୟ ସାଙ୍ଗ ହୋଇ ଅପରାହ୍ନରେ ନଣ୍ଡାଇଲୋ ଗ୍ରାମରୁ ଫେରି କନ୍ଦରପୁର ପାଳିଆପଠା ବାଙ୍କରେ ସାଇକେଲ ରଖି ରାସ୍ତା କଡରେ ଠିଆହୋଇ ପରିଶ୍ରା କରୁଥିବାବେଳେ ଆଠଗଡ ପଟୁ ଏକ ପିକଅପ ଭ୍ୟାନ୍ ଦ୍ରୁତ ବେଗରେ ଆସି ଉଭୟଙ୍କୁ ଧକ୍କା ଦେଇ ଓଲଟି ପଡି ରାସ୍ତା ଅବରୋଧ ହୋଇଯାଇଥିଲା ।

## ମାଲକାନଗିରିରେ ମୃଦୁ ଭୂକମ୍ପ

ମାଲକାନଗିରି,୪।୧୨: ମାଲକାନଗିରି ଜିଲାରେ ବୁଧବାର ସକାଳେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ସକାଳ ୭ଟାରୁ ୭.୩୦ ମଧ୍ୟରେ ୩ରୁ ୪ ସେକେଣ୍ଡ ଏହା ଅନୁଭୂତ ହୋଇଥିଲା। ମାଲକାନଗିରି ସହ କାଲିମେଳା ଓ ପଡ଼ିଆ ବ୍ଲକ୍‌ର କେତେକ ସ୍ଥାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ପାଣିପାଗ ବିଭାଗ ପକ୍ଷରୁ ଏଥିନେଇ କୌଣସି ସୂଚନା ଦିଆଯାଇନାହିଁ। ସୂଚନାଯୋଗ୍ୟ, ୪ ବର୍ଷ ପୂର୍ବେ ମଧ୍ୟ ମାଲକାନଗିରି ସଦର ମହକୁମାରେ ଏପରି ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା।

## ସରକାରଙ୍କୁ ଅର୍ଥଚିନ୍ତା

## ଭଡ଼ାରେ ଲାଗିବ ସରକାରୀ ଜମି ଓ କୋଠା

ଭୁବନେଶ୍ୱର,୪।୧୨: ବର୍ଷବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିଥିବା ସରକାରୀ ଜମି ଏଣିକି ଭଡ଼ାରେ ଲାଗିବ । ରାଜଧାନୀ ଭୁବନେଶ୍ୱରରେ ଥିବା ସରକାରୀ ଜମିଗୁଡ଼ିକର ମଧ୍ୟ ସଦୁପଯୋଗ କରାଯିବ। ଜିଲ୍ଲାଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଖାଲି ପଡ଼ିଥିବା ପ୍ରମୁଖ ସରକାରୀ ଜମି ଓ କୋଠାଗୁଡ଼ିକର ଉପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ କରାଯିବ। ଏପରିକି ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ନିଆଯାଇଥିବା ବୃହତ୍ ଜମି ଓ ନିର୍ମିତ କୋଠା ଯଦି କାର୍ଯ୍ୟରେ ଲାଗୁ ନଥିବ ସେସବୁକୁ ମଧ୍ୟ ଯଥାର୍ଥ ଉପଯୋଗ କରି ଅର୍ଥ ଉପାର୍ଜନ କରାଯିବ। ଏଭଳି ଢଙ୍ଗରେ ବିଭିନ୍ନ ବିଭାଗର ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ସଚିବ ମନୋଜ ଆହୁଜା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅବ୍ୟବହୃତ ସରକାରୀ ଜମି ଓ କୋଠାଗୁଡ଼ିକର ସଦୁପଯୋଗ କରି ସେଥିରୁ ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ଆନୁଷ୍ଠାନିକ କୌଶଳ ଆପଣାଇବା ନିମନ୍ତେ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ନିଜ ବିଭାଗ ଅଧୀନରେ ଥିବା ବୃହତ୍ କୋଠା ଅବା ଜମିକୁ ଚିହ୍ନଟ କରିବାକୁ ମୁଖ୍ୟ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି । ବିଶେଷକରି ଜିଲ୍ଲାଗୁଡ଼ିକରେ ଥିବା ଆଦିବାସୀ ସଂଗ୍ରହାଳୟ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ (ଆଇଆଇସି)ଗୁଡ଼ିକ ଉଦ୍ଦିଷ୍ଟ କାର୍ଯ୍ୟରେ ଉପଯୋଗ ହେଉନାହିଁ। ତେଣୁ ସମ୍ପୃକ୍ତ ବିଭାଗଗୁଡ଼ିକ ଏସବୁ ସରକାରୀ ସମ୍ପତ୍ତିର ସଦୁପଯୋଗ କରି ଅର୍ଥ ଉପାର୍ଜନ ନିମନ୍ତେ ଆବଶ୍ୟକ ପିପିପି ମଡେଲ ସମେତ ଯଥାର୍ଥ ଆବଶ୍ୟକ କୌଶଳ ଆପଣାଇବାକୁ ମୁଖ୍ୟ ସଚିବ କହିଛନ୍ତି। ସେହିପରି ବିଭିନ୍ନ ସରକାରୀ ବିଭାଗ ଓ ସରକାରଙ୍କ ସଂସ୍ଥାଗୁଡ଼ିକ ପାଖରେ ବୃହତ୍ କୋଠା ଓ ସରକାରୀ ଜମି ରହିଛି ଯାହାକି ବିଶେଷ ବ୍ୟବହାରରେ ଲାଗୁନି। ଅବା ଯେଉଁଥିପାଇଁ ତାହା ନିର୍ମାଣ ଅବା ଆବଂଟିତ ହୋଇଥିଲା ସେ କାର୍ଯ୍ୟରେ ଲାଗୁନି । ସେସବୁ କୋଠା ଓ ଜମିକୁ ଚିହ୍ନଟ କରି ଯଥାର୍ଥ ପରିଚାଳନା ମଡେଲ ମାଧ୍ୟମରେ ତା'ର ବିକଳ୍ପ ଉପଯୋଗ କରିବାକୁ ମଧ୍ୟ କୁହାଯାଇଛି । ଶ୍ରୀ ଆହୁଜା ଆହୁରି ମଧ୍ୟ କହିଛନ୍ତି ଯେ, ଭୁବନେଶ୍ୱରରେ ଜାତୀୟସ୍ତରର ବହୁ ଅନୁଷ୍ଠାନ ସ୍ଥାପନ ପାଇଁ ଜମିର ଆବଶ୍ୟକତା ରହିଛି । ତେଣୁ ସମସ୍ତ ବିଭାଗ ଏସବୁ ଅନୁଷ୍ଠାନର ତାଲିକା ପ୍ରସ୍ତୁତ କରି ତୁରନ୍ତ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଲେ ସେହି ଜାତୀୟ ସଂସ୍ଥାଗୁଡ଼ିକୁ ଜମି ଆବଂଟନ ପ୍ରକ୍ରିୟାକୁ ସାଧାରଣ ପ୍ରଶାସନ ବିଭାଗ ତ୍ୱରାନ୍ୱିତ କରିପାରିବ ବୋଲି ମୁଖ୍ୟ ସଚିବ କହିଛନ୍ତି।




## ବେଆଇନ ଘର ହୋଇଥିଲେ ଚଢିବ ବୁଲ୍‌ଡୋଜର

ଭୁବନେଶ୍ୱର,୪।୧୨: ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରି ବେଆଇନ ଭାବେ ବଡ଼ ଅଟାଳିକା କରିଛନ୍ତି, ହାଇକୋର୍ଟ ରହିତାଦେଶ ଉଠିବା ପରେ ଚଢ଼ିବ ବୁଲଡଜର। ରାଜସ୍ୱ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ଗରିବଙ୍କୁ ପଟ୍ଟା ପ୍ରଦାନ ନେଇ ମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କୁ ପଟ୍ଟା ସହିତ ପକ୍କା ଘର ଦିଆଯିବ। ପ୍ରତି ଶନିବାର ଭୂମିହୀନଙ୍କୁ ଜମି ଦେବା ପାଇଁ ତହସିଲଦାର ଓ ବିଡ଼ିଓଙ୍କ ବୈଠକ ବସିବ। ହିତାଧିକାରୀଙ୍କୁ ପଟ୍ଟା ଓ ଜମି ସହିତ ପକ୍କାଘର ଯୋଗାଇବେ ବିଡ଼ିଓ। ଏ ସରକାର ସମୟରେ ଜଣେ ହେଲେ ଭୂମିହୀନ ରହିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ୭୦% ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ। ଡିସେମ୍ବର ୩୦ ସୁଦ୍ଧା ସବୁ ସ୍କୁଲକୁ ଜମି ଦିଆଯିବ। ସବୁ ତହସିଲ ଅଫିସକୁ ଦୁର୍ନୀତି ମୁକ୍ତ କରିବା ପାଇଁ ରେଜିଷ୍ଟ୍ରାସନ୍ ଅଫିସକୁ ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଏଭଳି ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ୍ ଆରଆଇ ଅଫିସରେ ଲାଗିବ ବୋଲି ମନ୍ତ୍ରୀ କହିଛନ୍ତି। ଗୃହରେ ପାରିତ ହେଲା ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ୨୦ କୋଟି ୨୨ ଲକ୍ଷ ୫୩ ହଜାର କୋଟି ଟଙ୍କା। ଏହାସହ ଅନୁସୂଚିତ ଜାତି, ଜନଜାତି ବିଭାଗର ଖର୍ଚ୍ଚ ଦାବି ଗୃହରେ ପାରିତ ହୋଇଛି। ଅବଶିଷ୍ଟ ବିଭାଗର ଖର୍ଚ୍ଚ ଦାବି ମଧ୍ୟ ଗୃହରେ ପାରିତ ହୋଇଛି।

# ମା’ କାଳିଜାଇ ଓ କିମ୍ବଦନ୍ତୀ




ଚିଲିକା ହେଉଛି ଏସିଆ ମହାଦେଶର ସର୍ବ ବୃହତ୍ତମ ତଥା ସମଗ୍ର ବିଶ୍ୱର ଦ୍ୱିତୀୟ ବୃହତ୍ତମ ଲବଣ ହ୍ରଦ । ହ୍ରଦଟି ଲମ୍ବ ପ୍ରାୟ ସାଢେ ୬୪ କିମି, ପ୍ରସ୍ଥ ୧୮ କିମି ମଧ୍ୟରେ ପରିବ୍ୟାପ୍ତ । ଏହି ଚିଲିକା ହ୍ରଦର ମଧ୍ୟଭାଗରେ ଗୋଟିଏ ଛୋଟ ପାହାଡ଼ରେ ଅବସ୍ଥାନ ହୋଇ ପୂଜା ପାଆନ୍ତି ମା’ କାଳିଜାଇ । ଚିଲିକାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା’ କାଳିଜାଇ । କିମ୍ବଦନ୍ତୀ ଅନୁଯାୟୀ ପ୍ରାୟ ୪୦୦ ବର୍ଷ ତଳେ ସ୍ଥାନୀୟ ଅଞ୍ଚଳର ଜାଇ ନାମକ ଏକ ଝିଅର ବାହାଘର, ହ୍ରଦ ମଧ୍ୟରେ ଥିବା ଏକ ଦ୍ୱୀପ ପାରିକୁଦଠାରେ ସ୍ଥିର ହୋଇଥିଲା । ବାହାଘର ପରେ ଜାଇ ନିଜ ବାପାଙ୍କ ସହିତ ଚିଲିକାର ନୀଳ ଜଳରାଶିରେ ଏକ ଡଙ୍ଗାରେ ବସି ଶାଶୂଘର ଯାଉଥିଲା । ସମୟ ପ୍ରାୟ ସନ୍ଧ୍ୟା ହେଇ ଆସୁଥାଏ । ପାଣିପାଗ ବି ଭଲ ଥାଏ । ହେଲେ କୁଆଡେ ଥିଲା କେଜାଣି ସେହି ସମୟରେ ଭାଲେରି ପାହାଡ଼ ଆଡୁ କଳା ହାଣ୍ଡିଆ ମେଘ ଘୋଡାଇ ହୋଇ ଆସିଲା ଆଉ ନିମିଷକ ମଧ୍ୟରେ ଭୟଙ୍କର ଝଡ଼ ତୋଫାନ ହେବାକୁ ଲାଗିଲା । ଏହି ଭୟଙ୍କର ଝଡ଼ର ସାମ୍ନା ଜାଇ ଓ ତା ବାପାଙ୍କୁ କରିବାକୁ ପଡିଥିଲା । ଝଡ଼ର ପ୍ରଭାବ ଏତେ ତୀବ୍ର ଥିଲା ଯେ ଡ଼ଙ୍ଗାଟି ହ୍ରଦ ମଧ୍ୟରେ ଥିବା ଏକ ଗଣ୍ଡରେ ପିଟି ହୋଇ ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଡ଼ଙ୍ଗାର ନାଉରୀ ଓ ଜାଇର ବାପା କୌଣସି ମତେ ବଞ୍ଚିଗଲେ ସତ, ହେଲେ ଜାଇ କୁଆଡେ ଚିଲିକା ଗଭୀର ଜଳ ରାଶିରେ ବୁଡି ଯାଇଥିଲା । ମାତ୍ର ବହୁ ଖୋଜାଖୋଜି ପରେ ମଧ୍ୟ ଜାଇର କୌଣସି ଖବର ମିଳିପାରିନଥିଲା । ଜାଇ ଘରୁ ଗୋଡ଼ କାଢ଼ିଥିଲା ସତ, କିନ୍ତୁ ଶାଶୂଘରେ ପହଞ୍ଚିନଥିଲା କି ସଂସାରର ମୋହମାୟାରେ ଜଡିତ ହୋଇପାରିନଥିଲା । ହଁ ପରିସ୍ଥିତିକୁ ବଦଳାଇ ଚାଲିଗଲା । ଶାଶୂ ଘରେ ବୋହୂ ହେବା ପରିବର୍ତ୍ତେ ସାରା ସଂସାରର ମା’ ହେଇଗଲା ଜାଇ । ଏମିତି କେତେ ଦିନ ଗଲା ପରେ ସେହି ରାସ୍ତା ଦେଇ ନାଉରୀମାନେ ଗଲା ବେଳେ ସେହି ଗଣ୍ଡ ମଧ୍ୟରୁ କାହାର ଚିତ୍କାର ସହିତ କାନ୍ଦିବାର ଶବ୍ଦ ଶୁଣିବାକୁ ମିଳିଥିଲା । ପରେ ସେ ସମୟର ପାରିକୁଦ ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିଲା କି, ମୁଁ ସେହି ଜାଇ ଯାହାକୁ କାଳିଜାଇ ଭାବରେ ମନ୍ଦିର ନିର୍ମାଣ କରି ପୂଜା କରିବାପାଇଁ ନିର୍ଦ୍ଦେଶ ହୋଇଥିଲା । ପରେ ରାଜା ସେହି ଛୋଟ ପାହାଡ଼ ଉପରେ କାଳିଜାଇ ମନ୍ଦିର ନିର୍ମାଣ କରିଥିଲେ । ସେହିଦିନ ଠାରୁ ସେହି ପାହାଡ଼ ଉପରେ ମା’ କାଳିଜାଇ ପୂଜା ହୋଇ ଆସୁଛନ୍ତି । ଅନେକ ସ୍ଥାନୀୟ ଲୋକ, ଧୀବର ଓ ନାଉରୀଙ୍କ ମୁହଁରୁ ଆଜି ବି ଶୁଣିବାକୁ ମିଳେ ଯେ ବିପଦରୁ ଉଦ୍ଧାର କରିବାକୁ ମାଆ ନିଜେ ଆବିର୍ଭାବ ହୋଇ, ଲୋକମାନଙ୍କୁ ରକ୍ଷା କରିଥାନ୍ତି । ଚିଲିକା ଜଳରାଶିରେ ଜଳଯାତ୍ରା କରିବା ପୂର୍ବରୁ ମା’ କାଳିଜାଇଙ୍କୁ ମୁଣ୍ଡିଆଟେ ମାରି ଯାତ୍ରା ଆରମ୍ଭ କରିଥାନ୍ତି ମତ୍ସ୍ୟଜୀବୀ । ପାରିକୁଦ ଅଞ୍ଚଳରେ ବିବାହ କାର୍ଯ୍ୟ ପାଇଁ ଡଙ୍ଗାରେ ଗଲାବେଳେ ପ୍ରଥମେ ମା’ଙ୍କୁ ନଡ଼ିଆ ବାଡେଇ ଚିଲିକା ଜଳରାଶିରେ ମୁଆଁ ଭସାଇ ଯାଇଥାନ୍ତି । ଆଉ ଜଳ ଭାଗରେ ବିପଦ ସମୟରେ ମା’ ହିଁ ସାହା ଭରସା ହୋଇଥାନ୍ତି । ଐତିହାସିକ ତଥ୍ୟ ଅନୁସାରେ ମା’ କାଳିଜାଇଙ୍କ ମନ୍ଦିର ପ୍ରାୟ ୧୭୧୭ ମସିହାରେ ସେ ସମୟର ପାରିକୁଦ ରାଜା ଶ୍ରୀ ଜଗନ୍ନାଥ ମାନସିଂହଙ୍କ ଦ୍ୱାରା ନିର୍ମାଣ କରାଯାଇଥଲା । ଏହା ପରଠୁ ମା’ ସେହି ପାହାଡ଼ର ଟାପୁ ଉପରେ ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜା ପାଇଆସୁଛନ୍ତି । ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବେ ବେଶ ଜଣାଶୁଣା । ପ୍ରାୟ ୨୯ ଏକର ପାହାଡ଼ରେ ପରିପୂର୍ଣ୍ଣ ଏହି ଦ୍ୱୀପରେ ମା’ କାଳିଜାଇ ପୂଜା ପାଆନ୍ତି । ମା’ କାଳିଜାଇ ହେଉଛନ୍ତି ଚିଲିକାର ଆକର୍ଷଣର ଏକ ସ୍ୱତନ୍ତ୍ର କେନ୍ଦ୍ରବିନ୍ଦୁ । ପ୍ରତିବର୍ଷ ଲକ୍ଷଲକ୍ଷ ପର୍ଯ୍ୟଟକ ଏଠାକୁ ମା’ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଶୀତ ଦିନରେ ମା’ଙ୍କ ଦର୍ଶନ ପାଇଁ ଗଲାବେଳେ ରାସ୍ତାରେ ଚିଲିକାର ନୀଳ ଜଳରାଶିରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥାଏ । ଆଉ ପର୍ଯ୍ୟଟକ ପକ୍ଷୀଙ୍କୁ ପାଖରୁ ଦେଖି ବେଶ ଉପଭୋଗ କରିଥାନ୍ତି । ମକର ସଂକ୍ରାନ୍ତିରେ ମାଆଙ୍କ ପୀଠରେ ପ୍ରସିଦ୍ଧ ମକର ମେଳା ବଡ ଧୁମଧାମରେ ପାଳନ କରାଯାଏ । ଏହିଦିନ ମନ୍ଦିର ପୀଠରେ ଆଖପାଖ ଅଞ୍ଚଳର ଲକ୍ଷଲକ୍ଷ ଭକ୍ତଙ୍କର ସମାଗମ ହୋଇଥାଏ । ଆଉ ଯିଏ ଯାହାର ମାନସିକ ରଖିଥାନ୍ତି, କୁକୁଡ଼ା ଓ ବୋଦା ମା’ ଙ୍କ ପାଖରେ ସମର୍ପିତ କରି ମନସ୍କାମନା ପୁରଣ କରିଥାନ୍ତି । ଏହି ସମୟରେ ଗଞ୍ଜା ଲଢେଇ ମଧ ଦେଖିବାକୁ ମିଳିଥାଏ । ବାଣପୁର ଅଞ୍ଚଳର ପ୍ରତ୍ୟକ୍ଷ ଠାକୁରାଣୀ ମା’ ଭଗବତୀଙ୍କ ଭଉଣୀ ହେଉଛନ୍ତି ମା’ କାଳିଜାଇ । ମା’ କାଳିଜାଇଙ୍କ ଆଜ୍ଞାମାଳ ପାଇଁ ଦୁର୍ଗାପୂଜା ସମୟରେ ମାଆ ଭଗବତୀ ଅପେକ୍ଷା କରିଥାନ୍ତି । ତେବେ କାଳିଜାଇ ମନ୍ଦିରକୁ ଯିବାକୁ ହେଲେ ବାଲୁଗାଁ ଏବଂ ବଡକୁଳ ପାନ୍ଥ ନିବାସ ଠାରୁ ଜଳପଥ ଦେଇ ବୋଟ କିମ୍ବା ଡଙ୍ଗା ମାଧ୍ୟମରେ ଯିବାକୁ ପଡିଥାଏ । କିନ୍ତୁ ମା’ଙ୍କ ପୀଠ ବହୁ ଅବ୍ୟବସ୍ଥାରେ ମଧ୍ୟରେ ଗତିକରୁଥିବା ଦେଖିବାକୁ ମିଳୁଛି । ଏଠାରେ ଥିବା ସୋଲାର ସିଷ୍ଟମ ଅଚଳ ହୋଇ ପଡିରହିଥିବା ହେତୁ ସନ୍ଧ୍ୟା ହେଲେ ମା’ଙ୍କ ପୀଠ ଅନ୍ଧାରମୟ ହୋଇପଡୁଛି । ପର୍ଯ୍ୟଟକଙ୍କ ପାଇଁ ତିଆରି ହୋଇଥିବା ଫ୍ଲୋଟିଙ୍ଗ ଜେଟି ମଧ ଭାଙ୍ଗି ରୁଜି ନଷ୍ଟ ହୋଇ ପଡ଼ିରହିଛି । ଫଳରେ ପର୍ଯ୍ୟଟକ ମାନେ ଏଥିରେ ପଡି ଆହତ ହୋଇଥିବା ଦେଖିବାକୁ ମିଳୁଛି । ଆଜି ପର୍ଯ୍ୟନ୍ତ ପାନୀୟ ଜଳର ଟିକେ ବ୍ୟବସ୍ଥା ହୋଇପାରିଲା ନାହିଁ । ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାପାଇଁ ଜନସାଧାରଣ ଅନୁରୋଧ କରିଛନ୍ତି ।

# ପ୍ରଭୁ ଶ୍ରୀରାମଙ୍କ ମାନବୀୟ ଲୀଳା

ସଂସାରର ବ୍ୟକ୍ତିଙ୍କ ମନରେ ଏହି ପ୍ରଶ୍ନ ଆସେ ଯେ, କେଉଁ କାରଣରୁ ଭଗବାନ ଶ୍ରୀରାମ ନିଜ ପରିବାରକୁ ଛାଡ଼ି ବିଷ୍ଣୁଲୋକ ପ୍ରତ୍ୟାବର୍ତ୍ତନ କଲେ । ପଦ୍ମପୁରାଣରେ ବର୍ଣ୍ଣିତ ଏକ କଥା ଅନୁସାରେ ଦିନେ ଜଣେ ବୃଦ୍ଧ ସନ୍ଥ ଭଗବାନ ଶ୍ରୀରାମଙ୍କ ଦରବାରରେ ପହଞ୍ଚିଲେ ଏବଂ ପ୍ରଭୁଙ୍କ ସହ ଏକାନ୍ତରେ କଥାବାର୍ତ୍ତା ପାଇଁ ଇଚ୍ଛା ପ୍ରକଟ କଲେ । ସନ୍ଥଙ୍କ ନିବେଦନ ସ୍ୱୀକାର କରି ପ୍ରଭୁ ଶ୍ରୀରାମ ସନ୍ଥଙ୍କୁ ଗୋଟିଏ କୋଠରିକୁ ନେଇଗଲେ ଏବଂ କୋଠରି ଦ୍ୱାରରେ ଲକ୍ଷ୍ମଣଙ୍କୁ ଛିଡ଼ା କରାଇ ଦେଲେ ଏବଂ କହିଲେ କେହି ଯେପରି ଏହି କୋଠରୀ ଭିତରକୁ ପ୍ରବେଶ କରି ନ ପାରନ୍ତି । ଜ୍ୟୋଷ୍ଠ ଭ୍ରାତାଙ୍କ ଆଜ୍ଞା ପାଳନ କରି ଲକ୍ଷ୍ମଣ ଦ୍ୱାରରେ ଜଗି ରହିଥିଲେ । ପ୍ରଭୁ ଶ୍ରୀରାମ ଓ ସନ୍ଥ ଏକାନ୍ତରେ କଥାବାର୍ତ୍ତା ହେଲେ । ତେବେ ଏହି ବୃଦ୍ଧ ସନ୍ଥ ଆଉ କେହି ନୁହନ୍ତି, ବିଷ୍ଣୁ ଲୋକରୁ ପ୍ରେରିତ ହୋଇଥିବା କାଳ ହିଁ ଅଟନ୍ତି, ଯାହାଙ୍କୁ ବିଷ୍ଣୁ ଲୋକରୁ ପ୍ରେରଣ କରା ଯାଇଥିଲା ଭଗବାନ ଶ୍ରୀରାମଙ୍କୁ କହିବା ପାଇଁ ଯେ, ଧରିତ୍ରୀରେ ତାଙ୍କର ସମୟ ଶେଷ ହୋଇଗଲାଣି ଓ ଏବେ ବିଷ୍ଣୁଲୋକ ଯିବାର ସମୟ ଉପନୀତ । ତେବେ ପ୍ରଭୁ ଶ୍ରୀରାମ ଓ ସନ୍ଥଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ପ୍ରଭୁଙ୍କୁ ଦେଖା କରିବାକୁ ମହର୍ଷି ଦୁର୍ବାସା ସେଠାରେ ପହଞ୍ଚିଲେ । ଶ୍ରୀରାମଙ୍କୁ ଦେଖା କରିବାକୁ ମହର୍ଷି ଦୁର୍ବାସା



ଲକ୍ଷ୍ମଣଙ୍କୁ ଅନୁମତି ମାଗି ଥିଲେ ମଧ୍ୟ ଲକ୍ଷ୍ମଣ ଋଷି ଦୁର୍ବାସାଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇ ନ ଥିଲେ । ଲକ୍ଷ୍ମଣ ବାରମ୍ବାର ମନା କରିବା ସତ୍ତ୍ୱେ ମହର୍ଷି ଦୁର୍ବାସା ନିଜ ବାକ୍ୟରେ ଅଟଳ ରହିଲେ ଏବଂ କହିଲେ ଯଦି ମୋତେ ଭିତରକୁ ଯିବାକୁ ଅନୁମତି ଦିଆ ନ ଯାଏ ତେବେ ଶ୍ରୀରାମ, ଲକ୍ଷ୍ମଣଙ୍କ ସମେତ ସମସ୍ତ ଅଯୋଧ୍ୟାବାସୀଙ୍କୁ ଅଭିଶାପ ଦେବି, ଅଭିଶାପ କଥା ଶୁଣି ଲକ୍ଷ୍ମଣ ଭୟଭୀତ ହେଲେ । ତେବେ ଜ୍ୟେଷ୍ଠ ଭ୍ରାତାଙ୍କ ଆଜ୍ଞା ପାଳନ ଏପଟେ ଋଷି ଦୁର୍ବାସାଙ୍କ ଅଭିଶାପକୁ ଦୃଷ୍ଟିରେ ରଖି ଲକ୍ଷ୍ମଣ କଠୋର ନିଷ୍ପତ୍ତି ସ୍ୱରୂପ ନିଜର ମୃତ୍ୟୁଦଣ୍ଡକୁ ଉଚିତ ମଣିଲେ । ସେ ସଂଗେ ସଂଗେ ସେହି କୋଠରି ଭିତରକୁ ପ୍ରବେଶ କଲେ ଯେଉଁଠାରେ ସନ୍ଥ ଓ ଜ୍ୟୋଷ୍ଠଭ୍ରାତ ଆଲୋଚନାରତ ଥିଲେ । ଏହା ଦେଖି ଶ୍ରୀରାମ ନିରୁପାୟ ହୋଇ ଲକ୍ଷ୍ମଣଙ୍କୁ ମୃତ୍ୟୁଦଣ୍ଡ ସ୍ୱରୂପ ରାଜ୍ୟରୁ ବିତାଡ଼ିତ କରିବାର ଆଦେଶ ଦେଲେ । ଲକ୍ଷ୍ମଣ ଜ୍ୟେଷ୍ଠ ଭ୍ରାତାଙ୍କ ବିନା ରହି ପାରିବେ ନାହିଁ ବୋଲି କହିଲେ ଏବଂ ପ୍ରଭୁଙ୍କୁ ନିବେଦନ କଲେ ମୃତ୍ୟୁଦଣ୍ଡ ଦେବାପାଇଁ । ଶେଷରେ ଭଗବାନ ଶ୍ରୀରାମ ଲକ୍ଷ୍ମଣଙ୍କୁ ଜଳସମାଧି ନେବାର ଆଜ୍ଞା ଦେଲେ । ଲକ୍ଷ୍ମଣ ସରଜୁ ନଦୀ ଗର୍ଭରେ ପଶି ଜଳସମାଧି ନେଇ ଶେଷନାଗ ଅବତାର ଗ୍ରହଣ କଲେ । ଏପଟେ ଭାଇ ଲକ୍ଷ୍ମଣଙ୍କ ଚାଲିଯିବା ପରେ ପ୍ରଭୁ ଶ୍ରୀରାମ ଉଦାସ ହୋଇଗଲେ । ନିଜ ପୁତ୍ରଙ୍କୁ ଶାସନ ଭାର ଅର୍ପଣ କରି ସରଜୁ ନଦୀ ଆଡ଼କୁ ଅଗ୍ରସର ହେଲେ । ସରଜୁ ନଦୀର ଆନ୍ତରୀକ୍ଷ ଭୂଭାଗ ପର୍ଯ୍ୟନ୍ତ ଯାଇ ଅଚାନକ ଅନ୍ତର୍ଧ୍ୟାନ ହୋଇଗଲେ । ଏହା ପରେ ଭଗବାନ ଶ୍ରୀହରି ବିଷ୍ଣୁ ସରଜୁ ନଦୀରେ ପ୍ରକଟ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଲେ । ଏହିପରି ଭାବେ ପ୍ରଭୁ ଶ୍ରୀରାମ ନିଜର ମାନବୀୟ ଲୀଳା ସମାପ୍ତ କରିଥିଲେ ।

# ସ୍ୱାସ୍ଥ୍ୟ ପାଇଁ ସୁପରଫୁଡ୍

# ମାଣ୍ଡିଆ

ମାଣ୍ଡିଆ ଏକ ଅତ୍ୟନ୍ତ ପୁଷ୍ଟିକର ଆହାର । ଏଥିରୁ ଶରୀରକୁ ଜରୁରୀ ପୋଷଣ ମିଳିଥାଏ । କିନ୍ତୁ ସମସ୍ତଙ୍କ ପାଇଁ ଏହା ସମାନ ଲାଭଦାୟକ ନହୋଇପାରେ । ମାଣ୍ଡିଆରୁ ଉପଯୁକ୍ତ ପୌଷ୍ଟିକତା ଗ୍ରହଣ କରିବାକୁ ହେଲେ ଏହାର ସେବନ ସହ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଜାଣିବା ଜରୁରୀ । କାରଣ ବେଳେବେଳେ ଏହାର ସେବନ ପେଟରେ ଏସିଡିଟି ଏବଂ ଅନ୍ୟ କିଛି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିପାରେ ।



### ମାଣ୍ଡିଆରୁ କ’ଣ ଲାଭ ମିଳେ:

ଖାଦ୍ୟ ଓ ପୋଷଣ ବିଶେଷଜ୍ଞ ଡଃ ଦିବ୍ୟା ଶର୍ମା କହିଛନ୍ତି, ମାଣ୍ଡିଆ ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଏହାକୁ ଇଂରାଜୀରେ ’ଫିଙ୍ଗର ମିଲେଟ୍’ କୁହାଯାଏ । ଏଥିରୁ ଶରୀରକୁ ଭରପୂର ପୋଷଣ ମିଳିଥାଏ । ଏହା ଗ୍ଲୁଟନ ଫ୍ରି ହୋଇଥିବାରୁ ଆଲର୍ଜି କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟଗତ କାରଣରୁ ଗ୍ଲୁଟନ ଫ୍ରି ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିବା ଲୋକମାନେ ମାଣ୍ଡିଆ ଖାଇପାରିବେ । ମାଣ୍ଡିରେ ପ୍ରଚୁର ମାତ୍ରାରେ ଫାଇବର, ପ୍ରୋଟିନ, କ୍ୟାଲସିୟମ, ଆଇରନ, ମିନେରାଲ, ଭିଟାମିନ ବି୧, ବି୩, ବି୫, ବି୬ ଓ ପଲିଫେନୋଲ ଥାଏ, ଯାହାକି ଶରୀର ପାଇଁ ଲାଭକାରୀ । ଏଥିରେ କ୍ୟାଲସିୟମ ଓ ପୋଟାସିୟମ ଭରପୂର ଥିବାରୁ ହାଡ ଓ ଦାନ୍ତ ମଜଭୁତ କରିବାରେ ଏବଂ ଅଷ୍ଟିଓପୋରୋସିସ୍ ଭଳି ହାଡ ରୋଗକୁ ରୋକିବାରେ ସାହାଯ୍ୟ କରେ । ମାଣ୍ଡିଆରେ ନଅ ଆବଶ୍ୟକୀୟ ଅମିନୋ ଏସିଡ୍ ଥାଏ ଏହା କ୍ୟାନ୍ସର ସମେତ ଅନେକ ଗମ୍ଭୀର ରୋଗର ଆଶଙ୍କା ହ୍ରାସ କରେ । ଏହାବ୍ୟତୀତ ଏଥିରେ ପ୍ରଚୁର ପରିମାଣର ଆଇରନ ମଧ ମିଳେ । ତେଣୁ ନିୟମିତ ମାଣ୍ଡିଆ ସେବନ ଦ୍ୱାରା ରକ୍ତହୀନତା ସମସ୍ୟା ଦୂର ହୋଇପାରେ । ଏଥିରେ ଥିବା ଫାଇବର ହୃଦୟ ସୁସ୍ଥ ରଖେ, ଲିଭର ଫ୍ୟାଟ୍ କମାଇବାରେ ଓ ପାଚନ ତନ୍ତ୍ର ଠିକ୍ ରଖିବାରେ ସାହାଯ୍ୟ କରେ । ଡାଇଟେରୀ ଫାଇବର ଛଡା ମାଣ୍ଡିଆରେ ଥିବା ଫାଇଟିକ ଏସିଡ ଓ ପଲିଫେନୋଲ ଖରାପ କୋଲେଷ୍ଟ୍ରଲ କମାଇବା ଏବଂ ବ୍ଲଡସୁଗାର ନିୟନ୍ତ୍ରଣ ରଖିବାରେ କାର୍ଯ୍ୟ କରେ । ମାଣ୍ଡିଆରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନଫ୍ଲାମେଟୋରୀ ଓ ଆଣ୍ଟି-ଡାଇବେଟିକ ଗୁଣ ସହ ଆଣ୍ଟି-ଏଜିଂ ଗୁଣ ମଧ ଥାଏ । ଖାସ୍ କରି ଶୀତ ଦିନେ ଆପଣ ମାଣ୍ଡିଆକୁ ନିଜ ସକାଳ ଭୋଜନ ସାମିଲ କରିପାରିବେ । ଏହାଦ୍ୱାରା ଶରୀରରେ ତାପମାତ୍ରା ଓ ଶକ୍ତି ବଜାୟ ରହିଥାଏ ।

# ନିୟମିତ ଖାଲି ପାଦରେ ଘାସ ଉପରେ ଚାଲନ୍ତୁ



ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । କିନ୍ତୁ ଜାଣନ୍ତି କି ଘାସରେ ଚାଲିବା ଦୁଇଗୁଣା ଲାଭଦାୟକ । ବିଶେଷକରି ସକାଳେ ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ । ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ସହ ଶାରିରୀକ ଚଳପ୍ରଚଳ ମଧ ନିହାତି ଦରକାର । ବ୍ୟସ୍ତ ଜୀବନଶୈଳୀ ଯୋଗୁ ପ୍ରାୟ ଲୋକ ଓ୍ୱାର୍କଆଉଟ୍ ଓ ବ୍ୟାୟାମ କରିବାକୁ ସମୟ ବାହାର କରିପାରି ନଥାନ୍ତି । ଏହି ପରିସ୍ଥିତିରେ ନିଜକୁ ସୁସ୍ଥ ରଖିବା ପାଇଁ ଚାଲିବା ହିଁ ଏକମାତ୍ର ସହଜ ଉପାୟ । ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ବହୁ ପ୍ରକାରର ଫାଇଦା ମିଳିଥାଏ ।

**ରକ୍ତଚାପ ଓ ପାଚନ ତନ୍ତ୍ର ସୁସ୍ଥ:** ଏକ ଗବେଷଣା ଅନୁସାରେ ଧରିତ୍ରୀ ସହ ପାଦର ସିଧାସଳଖ ସମ୍ପର୍କ ଦ୍ୱାରା ଶରୀରରେ ଥିବା ସ୍ନାୟବିକ ବ୍ୟବସ୍ଥା ଓ ସର୍କିଡିଆନ୍ ରିଦିମ୍ ନିୟମିତ ହୋଇଥାଏ । ଫଳରେ ଶରୀରର ତାପମାତ୍ରା, ହରମୋନ୍ କ୍ଷରଣ, ପାଚନତନ୍ତ୍ର ଓ ରକ୍ତଚାପ ଆଦି ନିୟନ୍ତ୍ରିତ ରହିଥାଏ ।

**ପ୍ରଦାହ କମାଏ :** ଖାଲି ପାଦରେ ୨ ଘଣ୍ଟା ଘାସରେ ଚାଲିବା ଦ୍ୱାରା ପ୍ରଦାହ କମ୍ ହୋଇଥାଏ, ଯାହା ହୃଦୟ ରୋଗ, ଟାଇପ-୨ ମଧୁମେହ ଏବଂ କେତେକ ପ୍ରକାରର କର୍କଟର ରିସ୍କକୁ କମ୍ କରିଥାଏ ।

**ଚିନ୍ତା ଦୂରାଏ :** ଘାସରେ ଚାଲିବା ଦ୍ୱାରା ମନ ଶାନ୍ତ ହୋଇଥାଏ, ଯାହାଦ୍ୱାରା ଚିନ୍ତା କମ୍ ରହିଥାଏ । ପ୍ରକୃତି ଓ ଧରିତ୍ରୀ ସହ ଶରୀରର ସମ୍ପର୍କ ଦ୍ୱାରା ଚିନ୍ତାର ସ୍ତର କମ୍ ରହିଥାଏ । ଫଳରେ ମାନସିକ ସ୍ୱାସ୍ଥ୍ୟ ସୁଧାର ହେବାରେ ସାହାଯ୍ୟ କରିଥାଏ ।

**ମୁଡ୍‌ରେ ସୁଧାର ଆଣେ :** ଖାଲି ପାଦରେ ଘାସରେ ଚାଲିବା ଦ୍ୱାରା ମନକୁ ଖୁସି ଓ ଆରାମ ମିଳିଥାଏ । ଘାସରେ ଚାଲିବା ଦ୍ୱାରା ଶରୀରରୁ ଏଣ୍ଡୋର୍ଫିନ୍ କ୍ଷରଣରେ ହୋଇଥାଏ । ଏହା ଏକ ପ୍ରାକୃତିକ ମୁଡ୍ ଲିଫ୍ଟର ।

**ଯନ୍ତ୍ରଣାରୁ ମୁକ୍ତି ଦିଏ :** ଯଦି ଆପଣଙ୍କ ଶରୀରରେ ପୁରୁଣା ଯନ୍ତ୍ରଣା ରହିଥାଏ । ତେବେ ନିୟମିତ ଖାଲି ପାଦରେ ଘାସରେ ଚାଲିବା ଦ୍ୱାରା ଉପକାରିତା ମିଳିଥାଏ ।





# ମହାଭାରତ କଥା

# ସର୍ପମେଧ ଯଜ୍ଞ





ଜନ୍ମେଜୟ ହଠାତ୍ ବୁଝିପାରିଲେନି କିମ୍ବା ଚିହ୍ନିପାରିଲେନି ଆଗନ୍ତୁକ ଯୁବକଙ୍କୁ । ତାଙ୍କ ନିଜ ରାଜ୍ୟରେ, ତାଙ୍କ ଦ୍ୱାରା ଆହୁତ ଯଜ୍ଞକୁ ବନ୍ଦ କରିବାକୁ ଓ ତାଙ୍କୁ ଆଦେଶ ଦେବାକୁ ଏମିତି ଆସ୍ପର୍ଦ୍ଧା କାହାର ହୋଇପାରେ ? ଯଜ୍ଞ କର୍ମରେ ବ୍ୟାଘାତ ହେବା ଦେଖି କ୍ରୋଧ ସହ ରାଜା ଜନ୍ମେଜୟ ଆଗନ୍ତୁକ ଯୁବକଙ୍କ ପରିଚୟ ମାଗିଲେ । ଯୁବକ ଜଣକ ନିଜର ପରିଚୟ ଦେଇ କହିଲେ, ସେ ହେଉଛନ୍ତି ବାସୁକିଙ୍କ ସମ୍ପର୍କୀୟ, ଜରତ୍କାରୁଙ୍କ ପୁଅ ନାଗରାଜ ଆସ୍ତିକ । ଋଷି ପିତା ଓ ନାଗ ମାତାଙ୍କ ସନ୍ତାନ । ଆସ୍ତିକଯେ ନାଗ ବଂଶର, ଏତକ ଜାଣିଲା ପରେ ଜନ୍ମେଜୟ ଆହୁରି ରାଗିଗଲେ । ନାଗରାଜ ଆସ୍ତିକ କିନ୍ତୁ ଶାନ୍ତ ଭାବରେ ଜନ୍ମେଜୟଙ୍କୁ ବୁଝାଇବାକୁ ଲାଗିଲେ । କହିଲେ, ହେ ରାଜନ ତୁମେ ଯେଉଁ ତୁମ ପିତାଙ୍କୁ ବିନା କାରଣରେ ବିନା ଦୋଷରେ ହତ୍ୟା କରାଯାଇଛି ବୋଲି ଧାରଣାକୁ ଧରି ବସିଛ ଓ ଧରାତଳରୁ ନାଗ ବଂଶକୁ ସମୂଳେ ବିନାଶ କରିବ ବୋଲି ଶପଥ କରିଛ, ପ୍ରକୃତ ସତ୍ୟକଥାଟି କିନ୍ତୁ ସେମିତି ନୁହେଁ । ମହିମଣ୍ଡଳରେ ବିନା କର୍ମରେ କାହାକୁ କିଛି ଫଳ ମିଳେନି । ତାହା ସୁଫଳ ହେଉ କି କୁଫଳ । ପୂର୍ବାପର ପ୍ରସଙ୍ଗ ଓ କାରଣ ନଥାଇ ଅଯଥାରେ ତ୍ରିଲୋକରେ କିଛି ବି ଘଟେନି । ଆସ୍ତିକ ଏଥର ଜନ୍ମେଜୟଙ୍କ ଆଗରେ କଥାଟିକୁ ଅଧିକ ବିସ୍ତାର କରି କହିଲେ । ତକ୍ଷକ ଦଂଶନର ମାତ୍ର ସାତ ଦିନ ଆଗରୁ ତୁମ ପିତା ରାଜା ପରୀକ୍ଷିତ ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଯାଇଥିଲେ । ଶିକାର ପଛରେ ଧାଇଁ ଧାଇଁ ହଠାତ୍ ରାଜାଙ୍କୁ ପ୍ରବଳ ଶୋଷ ଲାଗିଲା । ଆଖ ପାଖରେ କୌଣସି ଜଳାଶୟର ସନ୍ଧାନ ବି ମିଳିଲାନି । ରାଜା ସେଇ ଖୋଜିବା ଭିତରେ ଦେଖିଲେ ଜଣେ ତପସ୍ୱୀ ଏକ ବୃକ୍ଷ ତଳେ ଧ୍ୟାନରେ ବସିଛନ୍ତି । ତୃଷାର୍ତ୍ତ ପରୀକ୍ଷିତ ଧ୍ୟାନସ୍ଥ ତପସ୍ୱୀଙ୍କ ନିକଟକୁ ଯାଇ ତୃଷା ନିବାରଣ ପାଇଁ ଜଳ ଭିକ୍ଷା କଲେ । ତପସ୍ୱୀ ତ ଧ୍ୟାନରେ ମଗ୍ନ । ସେ ବା ପରୀକ୍ଷିତଙ୍କ କଥା ଶୁଣିଥା’ନ୍ତେ କେମିତି ? ସେତେବେଳକୁ ଶୋଷରେ ରାଜା ନିଜର ହିତାହିତ ଜ୍ଞାନ ହରେଇ ସାରିଲେଣି । କ୍ରୋଧରେ ରାଜା ପରୀକ୍ଷିତ ପାଖରେ ପଡିଥିବା ଗୋଟେ ମଲା ସାପକୁ ଧ୍ୟାନସ୍ଥ ତପସ୍ୱୀଙ୍କ ବେକରେ ଗୁଡେଇ ଦେଲେ । ତପସ୍ୱୀଙ୍କ ପୁଅ ଏତାଦୃଶ ଅପମାନକୁ କେମିତି ବା ସହିଥା’ନ୍ତେ ? ସେମାନେ ପରୀକ୍ଷିତଙ୍କ ଧୃଷ୍ଟତା ପାଇଁ ଅଭିଶାପ ଦେଲେ ଯେ, ଏମିତି ଅପକର୍ମ ଯିଏ କରିଛି ସେ ମାତ୍ର ସାତ ଦିନ ଭିତରେ ସର୍ପାଘାତରେ ନିଶ୍ଚୟ ମୃତ୍ୟୁବରଣ କରିବ । ଜନ୍ମେଜୟଙ୍କ ମନରେ ଦ୍ୱନ୍ଦ ଦେଖି ଆସ୍ତିକ ତାଙ୍କୁ ବୁଝାଇ କହିଲେ - ତା’ର ବି କାରଣ ଅଛି ରାଜନ । ଗୋଟେ ଘଟଣା ଆଉ ଗୋଟେ ଘଟଣାକୁ ଜନ୍ମ ଦିଏ । ବିନା କାରଣରେ ତକ୍ଷକ ନାଗ କାହିଁକି ତୁମ ବାପାଙ୍କୁ ଦଂଶନ କରିବେ ? କିନ୍ତୁ ତକ୍ଷକ ନାଗ କାହିଁକି ? ରାଜା ତକ୍ଷକର କି କ୍ଷତି କରିଥିଲେ ? ଜନ୍ମେଜୟଙ୍କ ମନରେ ପ୍ରଶ୍ନ । ପୁରୁଣା ଦିନର କଥା ରାଜା । ତୁମରି ପୂର୍ବପୁରୁଷ ଧନୁର୍ଦ୍ଧର ବୀର ଅର୍ଜୁନ ଦିନେ ଚକ୍ରଧାରୀ ଶ୍ରୀକୃଷ୍ଣଙ୍କ ସହ ମିଶି ଇନ୍ଦ୍ରପ୍ରସ୍ଥ ସହର ସ୍ଥାପନ କରିବାକୁ ଖାଣ୍ଡବବନ ନାମକ ଜଙ୍ଗଲକୁ ଜାଳିଦେଇଥିଲେ । ସେଇ ଅଗ୍ନିକାଣ୍ଡରେ ଅନେକ ପଶୁପକ୍ଷୀଙ୍କ ସହ ନାଗ ଓ ସେମାନଙ୍କ ପରିବାର ଉଚ୍ଛନ୍ନ ହୋଇଯାଇଥିଲା । ଯେଉଁ ଅଳ୍ପ କେତେଜଣ ନାଗବଂଶରୁ ବଞ୍ଚି ରହିଯାଇଥିଲେ, ସେଥିରେ ତକ୍ଷକ ନାଗ ଅନ୍ୟତମ । ସୁଯୋଗ ମିଳିବାରୁ ଅନେକ ବର୍ଷ ପରେ ତକ୍ଷକ ନାଗ ତା’ର ବଂଶ ଓ ପରିବାର ହତ୍ୟା ପାଇଁ ଅର୍ଜୁନଙ୍କ ନାତି ତଥା ତୁମ ପିତା ପରିକ୍ଷୀତଙ୍କୁ ଦଂଶନ କରି ସେଇ ପୁରୁଣା ରାଗର ପ୍ରତିଶୋଧ ନେଇଛି । ତୁମେ ପୁଣି ହେଇ ତୁମ ବାପାଙ୍କ ହତ୍ୟା ପାଇଁ ପ୍ରତିଶୋଧ ନେବାକୁ ସର୍ପକୂଳଙ୍କୁ ହତ୍ୟା କରୁଛ । ସର୍ପ କୂଳର କେହି ସମ୍ପର୍କୀୟ ପୁଣି ତୁମର ଏଇ ସର୍ପମେଧ ଯଜ୍ଞର ପ୍ରତିଶୋଧ ନେବ । ଏମିତି କେତେ ଦିନ ଏଇ ପ୍ରତିଶୋଧର ଧାରା ଚାଲିଥିବ ? କେଉଁଠି ନା କେଉଁଠି ଆଉ କାହା ପାଖରେ ନା କାହା ପାଖରେ ଏହାକୁ ଶେଷ କରିବାକୁ ହେବ ରାଜନ । ଆପଣ ଜ୍ଞାନୀ ଓ ବିବେକୀ ତେଣୁ ମୋ କଥା ସ୍ଥିର ଚିତ୍ତରେ ଥରେ ଶୁଣନ୍ତୁ । ଆଶା ମୋ ଯୁକ୍ତିର ଯଥାର୍ଥତା ଆପଣ ନିଶ୍ଚୟ ବୁଝିପାରୁଥିବେ ।

ପୁନଶ୍ଚ..

# ଜାତୀୟ ଡିଏଭି ରୋଲର ସ୍କେଟିଂ, ବ୍ରହ୍ମପୁର ସ୍କେଟର ଅନ୍ୱେଷାଙ୍କୁ ବ୍ରୋଞ୍ଜ ମେଡାଲ

ବ୍ରହ୍ମପୁର,(ନିପ୍ର): ନୂଆଦିଲ୍ଲୀର ନଏଡ଼ା ସେକ୍ଟର-୨୧ , ସ୍କୋର୍ଟସ୍ ଷ୍ଟାଡିଅମ୍ ଠାରେ ଚଳିତ ମାସ ୨ ତାରିଖ ଠାରୁ ୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିବା ଡିଏଭି ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶ ଗ୍ରହଣ କରିଥିବା ବ୍ରହ୍ମପୁର ଡିଏଭି ପବ୍ଲିକ୍ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ଅନ୍ୱେଷା ବିଷୋୟୀ ବ୍ରୋଞ୍ଜ ପଦକ ହାସଲ କରି ନିଜ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ଅନ୍ୱେଷା ପ୍ରଥମେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା କ୍ଲଷ୍ଟର ଓ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ଓଡିଶା ଟିମରୁ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ । ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସ୍କିଡ୍ ରୋଲର ସ୍କେଟିଂର ୧୪ବର୍ଷରୁ କମ୍ ବାଳିକା ବର୍ଗର ତିନି ଶହ ମିଟର ରେସରେ ତୃତୀୟ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରିଛନ୍ତି । ପୂର୍ବରୁ ମଧ୍ୟ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସ୍କେଟର ଅନ୍ୱେଷା ରୌପ୍ୟ ପଦକ ହାସଲ କରିଥିଲେ । ପ୍ରତିଯୋଗିତାରେ ବ୍ରୋଞ୍ଜ୍ ମେଡାଲ ପାଇବା ପରେ ସେ ଜାତୀୟସ୍ତରରେ ଦ୍ୱିତୀୟ ମେଡାଲ ହାସଲ କରିବାରେ ସକ୍ଷମ ହୋଇଛନ୍ତି । ସ୍କେଟର ଅନ୍ୱେଷା ବ୍ରହ୍ମପୁର ସିଲକି ରୋଲର ସ୍କେଟିଂ ଏକାଡେମୀର କୋଚ୍ ଶ୍ରୀମନ୍ତ ପାଢୀଙ୍କ ଠାରୁ କୋଚିଂ ନେଇ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି କରିଥିଲେ । ସେପଟେ ଡିଏଭି ପବ୍ଲିକ୍ ସ୍କୁଲର ଖେଳ ଶିକ୍ଷକ ଭିନସେଣ୍ଟ ଦାଶ , ମାନସ ପଣ୍ଡା ଓ ଖେଳ ଶିକ୍ଷୟତ୍ରୀ ଅଞ୍ଜନା ପଟ୍ଟନାୟକଙ୍କ ତତ୍ତ୍ୱବଧାନରେ ସ୍କେଟର ଅନ୍ୱେଷା ଏହି ପ୍ରିତଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

## ଭୀମଭୋଇ ସାମର୍ଥ୍ୟ ପ୍ରସ୍ତୁତି ବୈଠକ

ଭାପୁର (ନିପ୍ର): ଆସନ୍ତା ୧୦ ତାରିଖ ଦିନ ଭାପୁର ବ୍ଲକ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହେବାକୁ ଥିବା ଭୀମଭୋଇ ସାମର୍ଥ୍ୟ ଶିବିର ପାଇଁ ବୁଧବାର ଦିନ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଭାରପ୍ରାପ୍ତ ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ, ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ବ୍ଲକ ର ପଞ୍ଚାୟତ ର ନିର୍ବାଚିତ ଜନପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ । ଭାପୁର ବ୍ଲକ ର ସମସ୍ତ ୨୦ ଗୋଟି ପଞ୍ଚାୟତ ର ଅଧିକରୁ ଅଧିକ ଭିନ୍ନକ୍ଷମ ଭତ୍ତା ଆଶାୟୀ ଙ୍କୁ ଏହି ଶିବିରରେ ସାମିଲ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା । ପଞ୍ଚାୟତ ର ବିଭିନ୍ନ ଅଞ୍ଚଳରେ ଉକ୍ତ ଶିବିର ବିଷୟରେ ପ୍ରଚାର ଓ ପ୍ରସାର ହୋଇ ପାରିଲେ ଆବେଦନକାରୀଙ୍କ ସଭା ବୃଦ୍ଧି ପାଇବ ବୋଲି ନିଷ୍ପତି ହୋଇଥିଲା । ସମସ୍ତ ପଞ୍ଚାୟତ ର ଜନପ୍ରତିନିଧି ଓ ପି.ଇ.ଓ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଆଲୋଚନା କରାଯାଇଥିଲା । ଉକ୍ତ ଶିବିରରେ ଯୋଗ୍ୟ ହିତାଧିକାରୀ ଙ୍କୁ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଚୟନ କରାଯାଇ ପ୍ରମାଣ ପତ୍ର ଦିଆଯିବ ବୋଲି ଭାରପ୍ରାପ୍ତ ବିଡିଓ ଶ୍ରୀ ନାୟକ ପ୍ରକାଶ କରିଥିଲେ ।

## ବୁଦ୍ଧଗିରି ବିଦ୍ୟାପୀଠରେ ପୋଷାକ ବଣ୍ଟନ ମେଳା




ବୁଗୁଡ଼ା (ନିପ୍ର): ସ୍ଥାନୀୟ ବୀରଧନଞ୍ଜୟପୁରସ୍ଥିତ ବୁଦ୍ଧଗିରି ବିଦ୍ୟାପୀଠରେ ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏସ୍‌ଏମସି ସଭାପତି ଦିବ୍ୟ ଚରଣ ଦାଶ ଓ ରବି ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ପୋଷାକ ବିତରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଗଙ୍ଗାଧର ଦାଶ ପରିଚାଳନା କରିଥିଲା ବେଳେ ଅନ୍ୟ ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଏଥିରେ ସହଯୋଗ କରିଥିଲେ ।

# ୮ ପଞ୍ଚାୟତରେ ରାସ୍ତା ଓ ପାଣି ସମସ୍ୟା ଉତ୍କଟ

ରାୟଗଡା,(ନି ପ୍ର ): ରାୟଗଡା ବ୍ଲକର ୮ ଗୋଟି ପଞ୍ଚାୟତରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଥିବା ବେଳେ ରାସ୍ତା ସମସ୍ୟା ମଧ୍ୟ ଶୋଚନୀୟ ହୋଇପଡିଥିବା ଅଭିଯୋଗ ହେଉଛି । ଫଳରେ ଲୋକେ ପିଇବା ପାଣି ମୁଁଦିଏ ପାଇବା ପାଇଁ ଡହଳବିକଳ ହେଉଥିବାବେଳେ ଭଲ ରାସ୍ତାଟିଏ ନ ଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି । ଏନେଇ ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ଜିଲ୍ଲାକରା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ କକ୍ଷରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି । ଉକ୍ତ କରାଯାଇଥିବା ଅଭିଯୋଗ ଆଧାରରେ ଏହାର ଅନୁସନ୍ଧାନ କରାଯାଇଛି ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପାରୁଲ ପାଟଓ୍ୱାରୀ ପ୍ରତିଶୃତି ଦେଇଛନ୍ତି । ଅଭିଯୋଗ ପ୍ରକାରେ ରାୟଗଡା ବ୍ଲକ ଜିଲ୍ଲା ପରିଷଦ ଖ ଜୋନ ଅନ୍ତର୍ଗତ ବାଇଶିଙ୍ଗ, ବି. ହଲୁଆ, ପିପଲଗୁଡା, ବଡ଼ ଆଲୁବାଡ଼ି, ମୀରାବାଲି, ଦୁର୍ଗାପାଡୁ ଆଦି ପଂଚାୟତ ରହିଛି । ବାଇଶିଙ୍ଗ ପଂଚାୟତ ଡେଙ୍ଗାଯୋଡି ଛକରୁ ପିପଲଗୁଡା ପଞ୍ଚାୟତ ଜାଙ୍ଗିଲି ଗାଁ ପୂର୍ତ୍ତ ରାସ୍ତା ପର୍ଯ୍ୟନ୍ତ ଗ୍ରାମ୍ୟ ନିର୍ମାଣ ବିଭାଗର ଏବଂ ଡେଙ୍ଗାଯୋଡି ଛକରୁ ଭାଲୁମତି ଗ୍ରାମ ଦେଇ ଏହି ପିପଲଗୁଡା ଛକ ଗ୍ରାମ୍ୟ ନିର୍ମାଣ ବିଭାଗର ରାସ୍ତା ଅତୀବ ଶୋଚନୀୟ ହୋଇପଡିଥିବା କ୍ରମାଗତ ଭାବେ ଅଭିଯୋଗ ହୋଇଆସୁଛି । ରାସ୍ତା ଖରାପ ଥିବାରୁ ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି ।

ସେହିଭଳି ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ଅଦ୍ୟାବଧି ହୋଇନାହିଁ । ଏପରି ପରିସ୍ଥିତିରେ ବସୁଧା ଯୋଜନା ଠିକ୍ ଭାବେ କାର୍ଯ୍ୟ କରୁନାହିଁ । ଫଳରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ‘ସ୍ଥାୟୀ ଭବିଷ୍ୟତ ପାଇଁ ଭିନ୍ନକ୍ଷମ ନେତୃତ୍ୱକୁ ବୃଦ୍ଧି କରିବା’

**ଯାଜପୁର,ବ୍ରହ୍ମପୁର(ନିପ୍ର):** ଯାଜପୁର ଜିଲ୍ଲାର ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ତରଫରୁ ବିରଜା ଉଚ୍ଚ ବିଦ୍ୟାଳୟ, ଦେବୀଦ୍ୱାର ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଯାଜପୁର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଶିବାଶିଷ ମହାରଣା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ନିତ୍ୟାନନ୍ଦ ବାରିକ, ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ମଲ୍ଲିକ, ବିରଜା ଉଚ୍ଚ ବିଦ୍ୟାଳୟ, ଯୋଗଦାନ କରିଥିଲେ ।

ଉକ୍ତ ସଭାରେ ଦଶ ଗୋଟି ବ୍ଲକରୁ ଭିନ୍ନ ଭିନ୍ନ ବର୍ଗର ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ । ଜିଲ୍ଲାସ୍ତରରେ ସେହି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା ଏବଂ ସେମାନଙ୍କୁ ପୁରସ୍କାର ସ୍ୱରୂପ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

ଏହା ବ୍ୟତୀତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକସ୍ତରରେ ଶତକଡା ୬୦% ରୁ ଅଧିକ ନମ୍ବର ରଖି ୨୩ ଜଣ ମେଧାବୀ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ସାଲ ଓ ସମ୍ବର୍ଦ୍ଧନା ପତ୍ର ମୁଖ୍ୟ ଓ ସମ୍ମାନିତ ଅତିଥିଙ୍କ ହାତରେ ପ୍ରଦାନ କରାଯାଇଥିଲା ।

ସଂଯୋଜିକା ବନ୍ଦନା ଜେନା ଉକ୍ତ ସମାରୋହରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ବିରଜା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ଏବଂ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ନାରାୟଣ ମହାଲିକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

**ବ୍ରହ୍ମପୁର :** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ସେଲ ଆନୁକୂଲ୍ୟରେ ଚଳିତ ବର୍ଷର ଥିମ୍ ‘ଏକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଭିନ୍ନକ୍ଷମ ନେତୃତ୍ୱକୁ ବୃଦ୍ଧି କରିବା’କୁ ନେଇ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧକ୍ଷତା କରିଥିଲେ । ଭିନ୍ନକ୍ଷମ ସେଲ୍‌ର ସଦସ୍ୟ ତପନ କୁମାର ସିଂ ନାୟକ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଭିନ୍ନକ୍ଷମ ସେଲର ସଂଯୋଜକ ଡ଼. ଶାରଦା ପ୍ରସନ୍ନ ରାଉତ ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପ୍ରଫେସର ବି.ଅଞ୍ଜନ କୁମାର ପୃଷ୍ଟି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ସେଲ୍ ଦ୍ୱାରା ବିଭିନ୍ନ ସମୟରେ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପି.ଜି କାଉନସିଲ୍ ର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିବା ସହିତ ଭିନ୍ନକ୍ଷମ ଛାତ୍ର ଛତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏମ୍.କେ.ସି.ଜି ମେଡ଼ିକାଲର ବରିଷ୍ଠ ମନସ୍ତତ୍ତ୍ୱବିତ୍ ଡାକ୍ତର ଆକାଶ ନନ୍ଦ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ମାନିଶକ ସ୍ୱାସ୍ଥ୍ୟକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଏହି ସମସ୍ୟାଗୁଡ଼ିକୁ କିପରି ଭାବେ ପ୍ରତିହତ କରାଯାଇପାରିବ ସେ ବିଷୟରେ ବୁଝାଇ କହିଥିଲେ । ଡାକ୍ତର ନନ୍ଦ ନିଜର ଅଭିଭାଷଣ ଦ୍ୱାରା ସମସ୍ତଙ୍କୁ ସଚେତନ କରିବା ସହିତ ମାନବିକ ମୂଲ୍ୟବୋଧ ସମ୍ବନ୍ଧରେ ଆଲୋକପାତ କରିଥିଲେ ।

ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଫଟୋ ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ । (ଫଟୋ- ଜଗତ ପଟ୍ଟନାୟକ)



# ଚୋରା ବିଦେଶୀ ମଦ ସହ ବସ ଓ ସ୍କର୍ପିଓ ଜବତ, ୨ ଗିରଫ

କେନ୍ଦୁଝର: ଝାଡ଼ଖଣ୍ଡ ଟାଟା ଅଞ୍ଚଳରୁ ଏକ ବସ୍ ଯୋଗେ ଆସୁଥିଲା ଚୋରା ବିଦେଶୀ ମଦ ତାହାକୁ କେନ୍ଦୁଝର ଟାଉନ୍ ଥାନା ପୋଲିସ ଗୁପ୍ତ ସୂଚନା ଆଧାରରେ ଜବତ କରିଛି । ଏଥିସହ ବସ୍ ସହ ସ୍କର୍ପିଓକୁ ମଧ୍ୟ ଜବତ କରି ୨ ଜଣଙ୍କୁ ଗିରଫ କରିଛି । ବହୁ ଦିନରୁ ଏପରି କାରବାର ଚାଲିଥିଲା । ମିଲିଟାରୀ କ୍ୟାଣ୍ଟିନ୍ ମଦ ତ କେତେବେଳେ ଔଷଧ ଯାଉଛି କହି ବସ୍ ମାଧ୍ୟମରେ ଚାଲାଣ ହୁଏ ଯାହାକୁ କେନ୍ଦୁଝର ଜିଲ୍ଲାରେ ଚୋରା ମଦ ବେପାରୀ ଗାଡ଼ି ଲଗେଇ ବୋହି ନେଇ ମଦ ଦୋକାନରେ ବିକ୍ରି କରନ୍ତି । ଏସବୁ ନକଲି ମଦ କି କ’ଣ ଜଣା ଯାଇନଥିଲେ ମଧ୍ୟ ଏହି ଚୋରା



କାରବାରର ଚେର ଗଭୀର ବୋଲି ଜଣା ଯାଇଛି । ସୂଚନା ମିଳିଛି କି ଟାଟା ସହରରୁ ଆସୁଥିବା କାରଓ୍ୱାଁ ବସ୍ ଓଡ଼ି ୦୯କେ ୭୯୭୭ ବସରେ ଚୋରା ମଦ ବୋତଲ ସବୁକୁ ଔଷଧ ପେଟିରେ ପୁରାଇ ବୋକାରୋ ଅଞ୍ଚଳର ସୁବୋଧ କର୍ମକାର (୩୧) ଆଣୁଥିଲେ । ଯାହାକୁ କେନ୍ଦୁଝର ପଳାଶପଙ୍ଗା ଅଞ୍ଚଳର ରାକେଶ ସାହୁ(୩୪) ଓଡ଼ି ୦୨ ବିଡ଼ି ୫୦୭୮ ନଂ ସ୍କର୍ପିଓରେ କେନ୍ଦୁଝର ସହର ପାଖରେ ଓହ୍ଲାଇ ନେଇ ଯାଉଥିଲେ । ନିୟମିତ ଏହିପରି ଟିକସ ଫାଙ୍କି ମଦ ଝାଡ଼ଖଣ୍ଡ ଅଞ୍ଚଳରୁ କେନ୍ଦୁଝର ଆସୁଥିଲା । ତେବେ କେନ୍ଦୁଝର ଟାଉନ୍ ଥାନା ଅଧିକାରୀ ରାତି ଅଧରୁ କୌଶଳ କରି ବସ୍‌ଷ୍ଟାଣ୍ଡରୁ ୬୩ ଲିଟର ଚୋରା ବିଦେଶୀ ମଦ ସହ ବସ୍ ଓ ସ୍କର୍ପିଓ ଏବଂ ୩ ଟି ମୋବାଇଲ ଫୋନ୍ ଜବତ କରି ଏହି ଦୁଇ ଅପରାଧୀଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛନ୍ତି । ତେବେ ଏହି ରାକେଟର ଅସଲି କାର୍ପଟଦାର ଖସି ଯାଇଥିବାରୁ ପୋଲିସ ଅଧିକ ତଦନ୍ତ କରି ଧରିବାକୁ ଲୋକେ ମତ ଦେଇଛନ୍ତି ।

## ଶିବିରରେ ୨୦୧ ନାମ ପଞ୍ଜୀକରଣ

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଏବଂ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସହାୟତାରେ ଚିଲିକା ନୂଆପଡା ନାରାୟଣ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୀୟ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର



ତରେଇ, ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ପୁରୀ ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ନୂଆପଡା ପଞ୍ଚାୟତ ସରପଞ୍ଚ କବିତା ଜେନା, ସିଆଳ ପଞ୍ଚାୟତ ସରପଞ୍ଚ ରବି ନାରାୟଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ମାନସିକ ଅଗ୍ରସର ବ୍ୟକ୍ତିମାନେ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ । ପରେ ପରେ ଉପସ୍ଥିତ ବିଶେଷଜ୍ଞ ଠାରୁ ନିଜ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ପରାମର୍ଶ ଲୋଡ଼ିଥିଲେ । ଏହି ଶିବିରରେ ମୋଟ ୨୦୧ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା । ଏ ସମ୍ପର୍କରେ ଜିଲ୍ଲାସ୍ତରରେ ବିଚାର ବିମର୍ଶ ପରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ ପଙ୍କଜରାଜ ମିଞ୍ଜ, କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ, ଜଳଯୋଗାଣ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର,ସନ୍ମୟ ଭୂଷଣ ପରିଡା, ଏପିଓ ଅଭିନ୍ନ କୁମାର ପଲାଇ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ରତ୍ନାକର ମାଝୀ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ ।

# ବାଘମୃତ୍ୟୁ ଘଟଣା ପରେ
# ବନ ବିଭାଗ ନୀରବ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଘଟଣାସ୍ଥଳ ପରିଦର୍ଶନ

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ବନାଞ୍ଚଳ ଅଧିନ ସିଂଘାପଡା ସେକ୍ସନର ବୁଢିଝରୀ ସଂରକ୍ଷିତ ଜଙ୍ଗଲରୁ ଏକ କଲରାପତରିଆ ବାଘର ମୃତ ଦେହ ଉଦ୍ଧାର ପରେ ଖଣ୍ଡପଡା ବନ ବିଭାଗ କର୍ତ୍ତୃପକ୍ଷ କୌଣସି ମତାମତ ଦେବାକୁ ଅନିଚ୍ଛା ପ୍ରକାଶ କରିବା ସହ ସଂପୂର୍ଣ୍ଣ ନୀରବ ରହିଥିବା ବେଳେ ଭୁବନେଶ୍ୱରସ୍ଥିତ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରୁ ବରିଷ୍ଠ ଅଧିକାରୀମାନେ ବୁଧବାର ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନଭିନ ସହ ତଦନ୍ତ କରିଥିବା ଜଣାପଡିଛି । ତେବେ ବାଘର ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାରେ ବନ ବିଭାଗ କର୍ତ୍ତୃପକ୍ଷ ଏକ ରକମ ବିଫଳ ହୋଇଥିବା ବିଶେଷ ସୁତ୍ରରୁ ଜଣାପଡିଛି । ବାରହା ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ଚୋରାରେ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ବାଘର ମୃତ୍ୟୁ ହୋଇଥିବା ସ୍ଥାନୀୟ ବାସିନ୍ଦାଙ୍କ ସୁତ୍ରରୁ ଜଣାପଡିଛି । ଉକ୍ତ ଘଟଣା ବନ ବିଭାଗ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ସ୍ଥାନୀୟ ଅଂଚଳର ୨ଜଣଙ୍କୁ ଅଟକ ରଖି ବନ ବିଭାଗ କର୍ମଚାରୀମାନେ ତଦନ୍ତ ଚଳାଇଥିବା ସୂଚନା ମିଳିଛି । ଏହି ଘଟଣା ସଂପର୍କରେ ନୟାଗଡ ବନଖଣ୍ଡ ଅଧିକାରିଣୀ କ୍ଷମା ଷଡଙ୍ଗୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ମୋବାଇଲ ସୁଇଚ ଅପ ଥିବାରୁ ତାଙ୍କର ପ୍ରତିକ୍ରୀୟା ମିଳି ପାରିନାହିଁ ।

## ଚାରିଛକ ବଜାରରେ ପାଲା ଗାୟକ ସମ୍ମିଳନୀ

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଚାରିଛକ ବଜାର ଠାରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଅଧିନ ମା କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ତରଫରୁ ୪୩ ତମ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚାରିଛକ ବଜାର କମିଟି ସହଯୋଗରେ ଆୟୋଜିତ ଏହି ସମ୍ମିଳନୀକୁ ବରିଷ୍ଠ କ୍ରୀଡ଼ାବିତ ଗଣେଶ କୁମାର ନାୟକ ଉଦଘାଟନ କରିଥିଲେ । ସଭାରେ କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ସଭାପତି କେଦାର ନାଥ କର ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷ୍ୟା ସରୋଜିନୀ ତରେଇ, ମୁଖ୍ୟ ବକ୍ତା ସାହିତ୍ୟିକ କାଶୀନାଥ ଜେନା,ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଗାୟକ ତତ୍ୱବିଭୂଷଣ ଲମ୍ବୋଦର ବେହେରା, ସମ୍ମାନିତ ଅତିଥି ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ଚାରିଛକ ବଜାର କମିଟି ସଭାପତି ବସନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ ।

# କଟକରେ ମଶାଙ୍କ ବ୍ୟାପକ ବଂଶବୃଦ୍ଧି ରୋକିବା ପାଇଁ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କମିଶନରଙ୍କୁ ସ୍ମାରକପତ୍ର

କଟକ, (ନିପ୍ର): ସଂପ୍ରତି କଟକ ସହରରେ ମଶାଙ୍କ ଉପଦ୍ରବ ଏବେ ବହୁ ମାତ୍ରାରେ ବଢ଼ି ଯାଇଛି । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସହରବାସୀ ମଶାଙ୍କଠାରୁ ନିସ୍ତାର ପାଉନାହାନ୍ତି । ଏପରିକି ଦିନ ଦିପହରରେ ବିନା ମଶାରି ଟାଙ୍ଗି ଲୋକେ ଘରେ ଶୋଇ ପାରୁନାହାନ୍ତି । ରାଜରାସ୍ତାରେ ସନ୍ଧ୍ୟାବେଳେ କୌଣସି ସ୍ଥାନରେ ଠିଆହୋଇ କଥାବାର୍ତ୍ତା ହେଉଥିବା ସମୟରେ ମଶା ପାଟିରେ ପଶି ଯାଉଛନ୍ତି । ସହରର ପ୍ରତ୍ୟେକ ଡ୍ରେନରୁ ଠିକ ସମୟରେ ପଙ୍କ ଉଦ୍ଧାର କରାଯାଉ ନଥିବାରୁ ମଶା ବୃଦ୍ଧିର ଏହା ହେଉଛି ମୁଖ୍ୟ କାରଣ । ଆଜି ଏହି ପ୍ରସଙ୍ଗରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସଂପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସିଏମସି କମିଶନର ଅନାମ ଚରଣ ପାତ୍ରଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ । ଡ୍ରେନରେ ମଶାତେଲ ପକାଇବା ଓ ମଶାଧୂଆଁ ଗାଡ଼ିକୁ ଦିନକୁ ଦୁଇଥର ବୁଲାଇବା ସହିତ ସମସ୍ତ ଡ୍ରେନର ସ୍ଲାବ ଉଠାଇ ସଂପୂର୍ଣ୍ଣ ସଫେଇ କରାଯିବାକୁ ଏହି ସ୍ମାରକପତ୍ରରେ ଦର୍ଶାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଯୁବନେତା ଶୁଭେନ୍ଦୁ ମହାନ୍ତି ଓ ଜ୍ୟୋତିପ୍ରକାଶ ରାୟ, ସମାଜସେବୀ ଶରତ ସାମଲ, ସଂଜୟ ଦାସ, ବିଜୟାନନ୍ଦ ବାରିକ, କେଶବ କୁଣ୍ଡୁ, ରାମ ଛାପୋଲିଆ, ସୁଶାନ୍ତ ମହାରଣା, ତପନ ବେହେରା, ରାଜେଶ ମହାରଣା ଓ ଜତିନ ମହାରଣା ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ରୁପାନ୍ତରୀକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ବ୍ଲକ ଅଧିନ ବୋଦସା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ରୁପାନ୍ତରୀକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଉଠାଇଥିବା ବେଳେ ଅଭିଯୋଗର ସତ୍ୟତା ଥିବା ନେଇ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟରୁ ସ୍ପଷ୍ଟ ବାରି ହୋଇପଡୁଛି । ବିଦ୍ୟାପୀଠର ରୁପାନ୍ତରୀକରଣ କାର୍ଯ୍ୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବେଳେ ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ୱାବଧାନରେ ବିଦ୍ୟାପୀଠର ଉନ୍ନତିକରଣ କାର୍ଯ୍ୟ କରାଯାଇଥିବା ବୋଦସା ଗ୍ରାମବାସୀଙ୍କ ସୁତ୍ରରୁ ଜଣାପଡିଛି । ବିଦ୍ୟାପୀଠର ପୁରାତନ ଶ୍ରେଣୀଗୃହରେ ରଙ୍ଗ ମରାଯାଇଥିବା ବେଳେ ଶ୍ରେଣୀଗୃହର ଚଟାଣରେ ଟାଇଲ ପକାଯାଇଛି । ୨ଟି ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ଶ୍ରେଣୀ ଗୃହ ଗୁଡିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇନାହିଁ । ତତ୍କାଳୀନ ବିଧାୟକଙ୍କ ହାତପାଣ୍ଠିରୁ ବିଦ୍ୟାପୀଠ ପରିସରରେ ଏକ ନୂତନ



ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଉକ୍ତ ଅନୁଦାନ ଅର୍ଥକୁ ଶ୍ରେଣୀଗୃହ ବାବଦରେ ବ୍ୟୟ କରାନଯାଇ ଅନ୍ୟତ୍ର ବ୍ୟୟ କରାଯାଇଥିବା ଅଭିଯୋଗ ହେଉଛି । ଗତ ୨ ବର୍ଷ ତଳେ ୫-ଟି ରୁପାନ୍ତରୀକରଣ ଯୋଜନାରେ ବ୍ଲକ ପ୍ରଶାସନ ପକ୍ଷରୁ ୫୫ ଲକ୍ଷ, ପଂଚାୟତ ଅନୁଦାନ ଅର୍ଥ ରାଶି ୧୦ ଲକ୍ଷ ଓ ବିଧାୟକ ପାଣ୍ଠି ଅନୁଦାନ ଅର୍ଥ ୯ଲକ୍ଷ ଏହିପରି ସର୍ବମୋଟ ୭୪ ଲକ୍ଷ ଟଙ୍କା ବିଦ୍ୟାପୀଠର ସାମଗ୍ରୀକ ବିକାଶ ନିମନ୍ତେ ବ୍ୟୟ ହୋଇଥିଲେ ହେଁ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଏବେବି ଶିକ୍ଷାନୁଷ୍ଠାନଟି ଗତି କରୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଉକ୍ତ ବିଦ୍ୟାପୀଠର ଉନ୍ନତୀକରଣ କାର୍ଯ୍ୟରେ ପଞ୍ଚାୟତ ଲୋକପ୍ରତିନିଧି ସାମିଲ ହୋଇଥିବା ବେଳେ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଶିକ୍ଷାନୁଷ୍ଠାନର ଉନ୍ନୟନମୂଳକ କାର୍ଯ୍ୟରେ ଲକ୍ଷଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀମାନେ ଖଣ୍ଡପଡା ବିଡିଓ ଓ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ବିଦ୍ୟାପୀଠର ରୁପାନ୍ତରୀକରଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ସଂପର୍କରେ ସବିଶେଷ ସୂଚନା ପାଇବା ନିମନ୍ତେ ବୋଦସା ଗ୍ରାମର ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରାଯାଇଥିବା ତଥ୍ୟକୁ ଅନୁଧ୍ୟାନ କଲେ ବିଦ୍ୟାପୀଠର ଉନ୍ନତିକରଣ କାର୍ଯ୍ୟରେ କିଭଳି ଅନିୟମିତତା ହୋଇଛି ତାହା ସ୍ପଷ୍ଟ ବାରି ହୋଇପଡୁଛି । ବିଦ୍ୟାପୀଠର ରୁପାନ୍ତରୀକରଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ଅଭିଯୋଗ ସଂପର୍କରେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ବେଲିଭ୍ୟୁ ଛକରେ ଶୋଭା ପାଇବ ସ୍ୱର୍ଗତ ବାଜପେୟୀଙ୍କ ପ୍ରତିମୂର୍ତ୍ତି
## ତିଆରି ଚାଲିଛି ପୂର୍ଣ୍ଣାବୟବ ବ୍ରୋଞ୍ଜ ମୂର୍ତ୍ତି



କଟକ,(ନିପ୍ର): ସହରରେ ପ୍ରଥମଥର ପାଇଁ ଶୋଭା ପାଇବ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କଟକର ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ଲକ୍ଷ୍ମୀଧର ରଣାଙ୍କ ଦ୍ୱାରା ଏହାକୁ ତିଆରି କରାଯାଉଛି । ପାଖାପାଖି ୧୧କିଲୋ ବ୍ରୋଞ୍ଜ ଦ୍ୱାରା ସୁନ୍ଦର କାରିଗରୀ ସହ ୧୦ଫୁଟର ଏହି ପ୍ରତିମୂର୍ତ୍ତି ନିର୍ମାଣ ହେବ । ଆସନ୍ତା ୨୫ ତାରିଖ ଦିନ ଜନ୍ମଜୟନ୍ତୀ ଉପଲକ୍ଷେ ବେଲିଭ୍ୟୁ ଛକରେ ଲୋକାର୍ପଣ କରିବାକୁ ଯୋଜନା କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସହରରେ ୧୫ରୁ ଅଧିକ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଏଥିରେ କଟକ ଓ ସମ୍ବଲପୁରରେ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଶୋଭା ପାଇବ ବୋଲି ନିଷ୍ପତ୍ତି ହୋଇଛି । ବେଲିଭ୍ୟୁ ଛକରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି । ଶିଳ୍ପୀ ସଂଜୀବ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ଲକ୍ଷ୍ମୀଧର ରଣାଙ୍କ କାରଖାନାରେ ଏହାର ନିର୍ମାଣ କରାଯାଉଛି । ପାଖାପାଖି ୧୧କିଲୋ ବ୍ରୋଞ୍ଜକୁ ବ୍ୟବହାର କରି ୧୦ ଫୁଟର ସ୍ୱତନ୍ତ୍ର ପ୍ରତିମୂର୍ତ୍ତି ହେବ । କାରଖାନାରେ ପୁଅ ଶ୍ରୀକାନ୍ତ ରଣାଙ୍କ ସମେତ ସମୁଦାୟ ୨୨ଜଣ କାରିଗର ଏହି କାମରେ ନିୟୋଜିତ ଅଛନ୍ତି । ଆସନ୍ତା ୨୫ ତାରିଖ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରାଯିବ । ସୂଚନାଯୋଗ୍ୟ, ଭାସ୍କର୍ଯ୍ୟ ଶିଳ୍ପ ଲକ୍ଷ୍ମୀଧର ରଣା ନିଜ କାରିଗରୀ ମାଧ୍ୟମରେ ଅନେକ ଚମକ ସୃଷ୍ଟି କରିଛନ୍ତି । ନିଜ କାରିଗରୀରେ ବାଲିଯାତ୍ରାର ମୁଖ୍ୟ ତୋରଣ ହେଉ କି ଜୁଡିସିଆଲ ଏକାଡେମୀ ନିକଟରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅତ୍ୟନ୍ତ ଆକର୍ଷଣୀୟ ରହିଛି । ରାଜ୍ୟର ଅନେକ ସ୍ଥାନରେ ସେ କାମ କରି ଲୋକପ୍ରିୟତା ସାଉଣ୍ଟିଛନ୍ତି । କଟକ ନୁହେଁ ସମ୍ବଲପୁର ପାଇଁ ମଧ୍ୟ ସେ ପ୍ରତିମୂର୍ତ୍ତି ତିଆରି କରୁଛନ୍ତି ।

ତିଥି : (ଚତୁର୍ଥୀ) : (ଉତ୍ତରାଷାଢା ଧନୁ)

ଅମୃତବେଳା: ପ୍ରାଘ ୬।୫୬ ମଧ୍ୟେ ଦିଘ ୧୦।୩୫ ଗତେ

## ଆଜିର ଅନୁଚିନ୍ତନ

ଅସତ୍ ବସ୍ତୁର ନାହିଁ ସତ୍ତା ବା ଅସ୍ତିତ୍ୱ
ଆତ୍ମା ଏକ ସତ୍‌ରୂପେ ବ୍ୟାପିଛି ସର୍ବତ୍ର ।।

ଶ୍ରୀମଦ୍ ଭଗବଦ୍ ଗୀତା

# ଆଳୁରେ ଆତ୍ମନିର୍ଭରତା

ପଶ୍ଚିମବଙ୍ଗ ଆଳୁ ବଳକା ରାଜ୍ୟ ଭାବରେ ଜଣାଶୁଣା । ଚଳିତବର୍ଷ ଏହି ରାଜ୍ୟର ଶୀତଳଭଣ୍ଡାରରେ ମହଜୁଦ ରହିଛି ୬୩.୫ ଲକ୍ଷ ଟନ୍ ଆଳୁ। ଏକ ରିପୋର୍ଟ ମୁତାବକ,ଏବେ ଏହି ଭଣ୍ଡାରରେ ଅତି କମ୍‌ରେ ୬.୫ ଲକ୍ଷ ଟନ୍ ବିକ୍ରି ନ ହୋଇପାରି ପଡିରହିଛି। କେବଳ ଓଡ଼ିଶା କାହିଁକି ସମସ୍ତ ରାଜ୍ୟର ସୀମାରେ ପଶ୍ଚିମବଙ୍ଗ ଆଳୁ ଟ୍ରକ ଅଟକିରହିଛି ଶତାଧିକ ସଂଖ୍ୟାରେ । ସାଧାରଣତଃ ପଶ୍ଚିମବଙ୍ଗବାସୀ ଏକ ନମ୍ବର ଆଳୁ ଖାଆନ୍ତି ଓ ଦୁଇ,ତିନି ନମ୍ବର ଆଳୁ ବାହାର ରାଜ୍ୟ ଯଥା: ବିହାର, ଝାଡ଼ଖଣ୍ଡ,ଓଡ଼ିଶା ପ୍ରଭୃତିକୁ ପଠାଯାଏ। ଯେ କୌଣସି ରାଜ୍ୟ ଅନ୍ୟ ପଡ଼ୋଶୀ ରାଜ୍ୟ ଉପରେ କୌଣସି ଖାଉଟି ସାମଗ୍ରୀ ଅବା ପନିପରିବା ଲାଗି ନିର୍ଭର କରିବା କିଛି ଅସ୍ୱାଭାବିକ କିମ୍ବା ଅସମ୍ମାନର ବିଷୟ ନୁହେଁ। ମାତ୍ର ପ୍ରତି ରାଜ୍ୟ ସ୍ୱାବଲମ୍ବୀ ହେବା ଭଲ ।

ପଶ୍ଚିମବଙ୍ଗ ମନମାନି କରି ଆଳୁ ଅନ୍ୟାନ୍ୟ ରାଜ୍ୟକୁ ବନ୍ଦ କରିଛି ବୋଲି ସମାନ ରାସ୍ତା ଓଡ଼ିଶା ଆପଣାଇନାହିଁ ବୋଲି ମାଛ ଚାଲାଣ ବଳବତ୍ତର ରହିଛି । ମାତ୍ର ମମତା ସରକାରଙ୍କ ଅହେତୁକ ଭୟ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଚାଲାଣରେ ବାଧା ସୃଷ୍ଟି କରୁଛି ବୋଲି କୁହାଯିବା ଅସଙ୍ଗତ ନୁହେଁ। ଚଳିତବର୍ଷ ଅନିୟମିତ ପାଣିପାଗ କାରଣରୁ ପଶ୍ଚିମବଙ୍ଗରେ ଅମଳ ବାଧାପ୍ରାପ୍ତ ହେବା ବେଳେ ଗ୍ରାହକଙ୍କୁ କେଜି ପିଛା ୩୫ରୁ ୪୦ ଟଙ୍କାରେ କିଣିବାକୁ ପଡୁଛି । ବୁଝାପଡୁନାହିଁ ଯେ ସେଠାରେ ଯଦି ପାଇକାରୀ ବଜାରରେ ଆଳୁ ୨୭ ଟଙ୍କାରେ ମିଳୁଛି ତେବେ କ'ଣ ପାଇଁ ଗ୍ରାହକଙ୍କୁ ୩୫ ଟଙ୍କାରେ କିଣିବାକୁ ପଡୁଛି ? ଏହି ରହସ୍ୟ ଅସମାହିତ ରହିଛି। ହୁଏତ ଏହା ଭିତରେ ମଧ୍ୟସ୍ଥି ବା ଦଲାଲଙ୍କ ଏକ ଶକ୍ତ ହାତ ରହୁଛି। ଇତିମଧ୍ୟରେ ରାଜ୍ୟର ଭୁବନେଶ୍ୱର ସମେତ କଟକରେ ଯୋଗାଣ ବିଭାଗ ଚଢ଼ାଉ କରିଛି। ଚଢ଼ାଉ ଏବେ କାହିଁକି ନିୟମିତ ବ୍ୟବଧାନରେ ହେଉ। କଳାବଜାରୀ ବା ଅସାଧୁ ବ୍ୟବସାୟୀ ଧରପଗଡ଼ ଶକ୍ତ ଭାବରେ ହେବା ଦରକାର । ମାତ୍ର ତାହା ନ ହେବା ପଛରେ ପ୍ରଶାସନିକ ନିଷ୍କ୍ରିୟତା କି ଉଦାସୀନତା ଦାୟୀ , ତାହା ସରକାର ଆତ୍ମସମୀକ୍ଷା କରିବା ଲୋଡ଼ା । ମମତା ସରକାର ଆଳୁ ବନ୍ଦ କରିବା ପଛରେ କୁହାଯାଉଛି ଯେ କାଳେ ନିଜ ରାଜ୍ୟରେ ଆଳୁ ସଂକଟ ଉପୁଜିବ। ଆଗ ନିଜ ରାଜ୍ୟ ନିଜେ ସମ୍ଭାଳ ଏପରି ପ୍ରାଥମିକତା ଉପରେ ଏହି ସରକାର ଗୁରୁତ୍ୱ ଦେଉଛନ୍ତି । ନୂଆ ଆଳୁ ଆସିବାକୁ ଆହୁରି ଦୁଇରୁ ତିନିମାସ ବିଳମ୍ବ ହେଉଥିବାରୁ ସରକାର ଚିନ୍ତାରେ ଅଛନ୍ତି । ତେଣୁ ପଠାଇବା ଉପରେ କଟକଣା ଜାରି କରିଛନ୍ତି । ହୁଏତ ଦିନେକିଦିନରେ ପଠାଇପାରନ୍ତି। କାରଣ ବ୍ୟବସାୟୀଙ୍କ ଆନ୍ଦୋଳନ ଶେଷ ହୋଇଛି । କଟକଣା ଜାରି ଠାରୁ ଓଡ଼ିଶାରେ କେଜି ପିଛା ୧୦ରୁ ୧୫ ,୨୦ ଟଙ୍କା ବଢ଼ିବା ପୁଣି କିଛି ସ୍ଥାନରେ ୬୦ ଟଙ୍କା ଛୁଇଁବା ନେଇ ଚିନ୍ତା ବଢ଼ିଥିଲା। ଯାହା ହେଉ ଯୋଗାଣ ଟିମ୍‌ର ଚଢ଼ଉ ଫଳରେ ଦର ମାତ୍ର ୫ ଟଙ୍କା କମିଲା।

ରାଜ୍ୟକୁ ଉତ୍ତରପ୍ରଦେଶରୁ ୩ଶହ ଟ୍ରକ ଆଳୁ ଆସିବା ଖବର ଚର୍ଚ୍ଚାକୁ ଆସିଲା । କିନ୍ତୁ ତାହା ଦ୍ୱାରା ଏଯାବତ୍ ଦର କମିଲା କି ?କିନ୍ତୁ ଅସଲରେ ତାହାର ସୁଷମ ବଣ୍ଟନ ଉପରେ ପ୍ରଶ୍ନବାଚୀ ଲାଗିଛି ? ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ ବାହାର ରାଜ୍ୟକୁ ଆଳୁ ରପ୍ତାନିକରି ଦୁଇ ପଇସା ପାଇବାକୁ ଉଦ୍ୟମ କରୁଥିବା ବେଳେ ସରକାର ସେଥିରେ ପୂର୍ଣ୍ଣଚ୍ଛେଦ ଟାଣି ଥିବାରୁ ସେହି ରାଜ୍ୟ ବ୍ୟବସାୟୀ ମହାସଂଘ -ସରକାର ମୁହାଁମୁହିଁ ହେବା କିଛି ବିଚିତ୍ର ନୁହେଁ। ମମତା ସରକାର ଏସବୁକୁ ପୁନଃବିଚାରକୁ ନେବା ଭଲ ,ନଚେତ୍ ତାହା ତାଙ୍କ ସରକାର ପାଇଁ ସମସ୍ୟା ସୃଷ୍ଟି କରିବା କିଛି ଅସମ୍ଭବ ନୁହେଁ । ଅପରପକ୍ଷେ ଆମ ରାଜ୍ୟ କିପରି ଆଳୁରେ ଆତ୍ମନିର୍ଭରତା ହାସଲ କରିବ ସେନେଇ ମନ୍ତ୍ରୀଙ୍କ କହିବା କଥା କୃଷି,ଯୋଗାଣ ଓ ସମବାୟ ବିଭାଗ ମିଳିତ ବୈଠକ ବସାଇବ। ଆଳୁଚାଷକୁ ପ୍ରୋତ୍ସାହନ କରିବା ପାଇଁ ରଣନୀତି ପ୍ରସ୍ତୁତ ହେବ । ମନ୍ତ୍ରୀଙ୍କ ଏପରି ବିବୃତି ଉତ୍ସାହଜନକ ନିଶ୍ଚୟ ମାତ୍ର ବିବୃତି ଓ ବାସ୍ତବତା ମଧ୍ୟରେ ତାଳମେଳ ରହିବା ସହିତ ରାଜ୍ୟ ପରିବା କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ କରୁ,ଏହା ହିଁ ଧ୍ୟେୟ ହେଉ।

# ଶିଳ୍ପ ଦୁର୍ଘଟଣା କାହିଁକି ?

### ଯୁଧିଷ୍ଠିର ମହାରଣା

ବିଗତ ଦିନରେ ଭୂଷଣରେ ଘଟିଥିବା ଅଭାବନୀୟ ଶିଳ୍ପ ଦୁର୍ଘଟଣା ରାଜ୍ୟର ଶିଳ୍ପନିରାପତ୍ତା ଆଇନ ଓ ତଦ୍‌ଜନିତ ପାରିପାର୍ଶ୍ୱିକ ଘଟଣା ଉପରେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋଟିଏ ରାଜ୍ୟର ପ୍ରଗତିର ଶିଳ୍ପାୟନର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ବିଗତ ଦଶବର୍ଷର ରେକର୍ଡ଼କୁ ଦେଖିଲେ ଜଣାଯାଏ ଯେ ଶିଳ୍ପଦୁର୍ଘଟଣା ଦିନକୁ ଦିନ ଉଦ୍‌ବେଗଜନକ ଭାବେ ଘଟି ଚାଲୁଛି । କମ୍ପାନୀର ବ୍ୟାପକ କ୍ଷତି ହେବା ସହ ନିରୀହ ଖଟିଖିଆ ଲୋକଗୁଡ଼ିକଙ୍କ ଜୀବନ ଦୀପ ଅକାଳରେ ଝଡ଼ିପଡୁଛି । ତେବେ ଶିଳ୍ପ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କଲାବେଳେ ବିଭିନ୍ନ ପ୍ରଶ୍ନ ସ୍ୱାଭାବିକ ଭାବେ ଉଠୁଛି । ପ୍ରାୟତଃ ଦେଖାଯାଇଥାଏ ବଜାରର ମଜୁରି ଠାରୁ ଯଥେଷ୍ଟ କମ୍‌ରେ ଶ୍ରମଶକ୍ତି ମିଳିଯାଉଥିବାରୁ ସେମାନଙ୍କୁ କୌଣସି ପ୍ରକାର ବୈଷୟିକ ଶିକ୍ଷା ଦିଆନଯାଇ ସିଧାସଳଖ ଶିଳ୍ପ କ୍ଷେତ୍ରର ତତଲା ସ୍ଥାନକୁ ପଠେଇ ଦିଆଯାଉଛି । ଏ ନେଇ ସଚେତନତା ବି ସେପରି ସୃଷ୍ଟି ହୋଇନାହିଁ । କେବଳ ଭୂଷଣ ନୁହେଁ ଓଡ଼ିଶାରେ ମଧ୍ୟ କ୍ରମାଗତ ଭାବରେ ଭୟାନକ ଶିଳ୍ପ ଦୁର୍ଘଟଣା ଛୋଟ ହେଉ ବା ବଡ଼ ଘଟିଚାଲିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଓଡ଼ିଶାରେ ଥିବା ଚାରିଗୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ୬୩୪ଟି ସକ୍ରିୟ ବିଚାରାଧୀନ ମାମଲାରେ ରହିଛି ।

ରାଜ୍ୟରେ ଗଢ଼ି ଉଠିଥିବା ବିଭିନ୍ନ ଛୋଟ ବଡ଼ କଳକାରଖାନାରୁ ଯେଉଁ ଚିମିନ୍‌ର ଧୂଆଁ ଓ ପାଉଁଶ ସ୍ଥାନୀୟ ପରିବେଶକୁ ପ୍ରଦୂଷିତ କରୁଛି । ଏହାକୁ ବନ୍ଦ କରିବା ପାଇଁ କାରଖାନାରେ 'ଇଏସ୍‌ପି' ଲଗାଯିବା ବାଧ୍ୟତାମୂଳକ ହୋଇଥିଲେ ବି ବିଜୁଳି ବିଲ୍‌ରୁ ରକ୍ଷା ପାଇବା ପାଇଁ ଏହି ଇଏସ୍‌ପିକୁ ଚଳାଉନାହାନ୍ତି । ତେବେ ଯେଉଁପରି ଭାବରେ କ୍ରମାଗତ ଶିଳ୍ପଦୁର୍ଘଟଣା ଘଟିଚାଲିଛି ଏହା ପାଇଁ ସବୁମହଲରୁ ଉଦ୍‌ବେଗ ପ୍ରକାଶ ପାଉଥିଲେ ବି ଏହା କିନ୍ତୁ ଅନେକ କଳକାରଖାନାର ମାଲିକଙ୍କ ପାଇଁ ସାମାନ୍ୟ ଘଟଣା ଭାବେ ବିବେଚିତ ହୋଇଥାଏ। ଶିଳ୍ପ ନିରାପତ୍ତା ଆଇନକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସମୟରେ ଭାରତ ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଓ ହାଇକୋର୍ଟ ଏ ନେଇ ନିଜର ଉଦ୍‌ବେଗ ପ୍ରକାଶ ତୁରନ୍ତ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ପାଇଁ ଯେଉଁ ନିର୍ଦ୍ଦେଶନାମା ଦେଇଥିଲେ। ତାହା କିନ୍ତୁ ଏବେ ପ୍ରାୟ ଅଳିଆଗଦାରେ ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସେହିପରି ଶ୍ରମିକଙ୍କୁ ଅଧିକ ମଜୁରି ନଦେଇ ଏକ ପ୍ରକାର ଶୋଷଣ କରାଯାଇ କିଛି ଅନାମଧେୟ ଠିକାଦାରଙ୍କ ଦ୍ୱାରା ଶ୍ରମିକମାନଙ୍କୁ ଶିଳ୍ପ କେନ୍ଦ୍ରକୁ ଅଣାଯାଇଥାଏ । ସେମାନେ କୌଣସି ତାଲିମ ନ ନେଇ ମଧ୍ୟ ଏହି କାମରେ ହାତ ଦେଉଥିବାରୁ ପରବର୍ତ୍ତୀ ସମୟରେ ସେମାନେ ଦୁର୍ଘଟଣାର ଶିକାର ହୁଅନ୍ତି । ଆଉ ଅଧିକାଂଶ ସମୟରେ ନିଜ ଦୋଷ ଛଡ଼ାଇବା ପାଇଁ ଶିଳ୍ପ ସଂସ୍ଥାର ଉଚ୍ଚକର୍ତ୍ତୃପକ୍ଷ ବାହାନା ଦେଖାଇଥାନ୍ତି । ଶିଳ୍ପ ସଂସ୍ଥା ସହିତ ସବୁଜ ପରିବେଶ ଓ ତତ୍କାଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ହାତରେ ରଖିବାକୁ ନିୟମ ଥିଲେ ମଧ୍ୟ ଏହା ପ୍ରାୟତଃ ପାଳନ କରାଯାଉନାହିଁ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଶିଳ୍ପ ବିଭାଗ ରାଜ୍ୟର ଛୋଟବଡ଼ କଳକାରଖାନାକୁ ପରିଦର୍ଶନର ଯିବାକୁ ବ୍ୟବସ୍ଥା ଥିଲେ ବି ପ୍ରାୟତଃ ସେମାନେ ଯାଇନଥାନ୍ତି । ଦିନକୁ ଦିନ ଯେଉଁପରି ଭାବରେ ଶିଳ୍ପ ଶ୍ରମିକଙ୍କ ଜୀବନ ଜୀବିକା ଉଜୁଡ଼ି ଯାଉଛି। ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ଶିଳ୍ପ ନିରାପତ୍ତା ଆଇନକୁ କଠୋର ଭାବରେ ପାଳନ କରିବା ସହିତ ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ହେଲେ ଶିଳ୍ପ ଦୁର୍ଘଟଣା ନିଶ୍ଚିତ ଭାବରେ କମିପାରନ୍ତା।

ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :

# ବାଂଲାଦେଶରେ ହିନ୍ଦୁ ବିପଦରେ

### ଡ. ଲକ୍ଷ୍ମଣ ସାହୁ

**ବାଂଲାଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁଙ୍କୁ ନିର୍ଯାତନା ବିରୋଧରେ ବିରୋଧ ମଧ୍ୟ ଆରମ୍ଭ ହୋଇଛି । ଶେଖ ହସିନାଙ୍କ ବହିଷ୍କାର ପରେ ହିଂସା ଓ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବାରେ ଲାଗିଛି । ମନ୍ଦିର, ଘର , ବ୍ୟବସାୟ ଉପରେ ଆକ୍ରମଣ ସମେତ ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ହିଂସା ଖବର ବଢିବାରେ ଲାଗିଛି । ଚିନ୍ମୟ ପ୍ରଭାସଙ୍କ ଗିରଫଦାରି ତିକ୍ତତାକୁ ବଢ଼ାଇ ଦେଇଛି । ବାଂଲାଦେଶର ମୌଳବାଦୀ ସରକାର ୟୁନୁସ୍ ସରକାରଙ୍କ ଦ୍ୱାରା ଧାର୍ମିକ ନିର୍ଯାତନା ବିରୁଦ୍ଧରେ କହୁଥିବା ଲୋକଙ୍କୁ ଟାର୍ଗେଟ କରିଛନ୍ତି । ଚିତ୍ରକୋଣ୍ଡା ମହାନଗର ନିଗମର ମାଜିଷ୍ଟ୍ରେଟ କୋର୍ଟ ଚିନ୍ମୟ କୃଷ୍ଣ ଦାଶ ବ୍ରହ୍ମଚାରୀଙ୍କ ବାଂଲାଦେଶ ମୁଖପାତ୍ର ସମିଳିତ ସନାତନ ଜଗନ୍‌ଜଟ ତଥା ପୁଣ୍ଡରିକ ଧାମର ପ୍ରଧାନ ଆଚାର୍ଯ୍ୟଙ୍କ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।**

ଏବେ ଲକ୍ଷ୍ୟ କରାଯାଉଛି ଯେ ମୌଳବାଦୀଙ୍କ ନିୟନ୍ତ୍ରଣରେ ବାଂଲାଦେଶ ରହିଛି। ଫଳରେ ଯେକୌଣସି କାରଣରୁ ବଙ୍ଗଳା ଭାବନା ବାଂଲାଦେଶରେ ରହୁଛି। ବାଂଲାଦେଶର ଗତିବିଧି ଦେଖିଲେ, କାହିଁକି ପାକିସ୍ତାନର ଅଧୀନରେ ଅଛି ଏପରି ପ୍ରଶ୍ନ ଉଠେ । ବିଶ୍ୱଶାନ୍ତି ପାଇଁ ହିନ୍ଦୁଙ୍କ ପ୍ରଚେଷ୍ଟା ସର୍ବତ୍ର । ମାତ୍ର ବିଡମ୍ବନା ଯେ ସେମାନଙ୍କ ଉପରେ ନିର୍ଯାତନା ଜାରି ରହିଛି ଯାହା ତୁରନ୍ତ ବନ୍ଦ କରାଯିବା ଆବଶ୍ୟକ । ଯେଉଁମାନେ ଉତ୍ପୀଡନ ଚଳାଇଛନ୍ତି ସେମାନେ ଆତଙ୍କବାଦୀ । ସେମାନଙ୍କର କୌଣସି ଜାତି ନାହିଁ । ତାହାର ମୁକାବିଲା ପାଇଁ ବିଶ୍ୱର ଦୁଇ ଶାନ୍ତିପ୍ରେମୀ ନେତା ନରେନ୍ଦ୍ର ମୋଦି ଓ ଟ୍ରମ୍ପ ସ୍ୱାଧୀନ ବାଂଲାଦେଶର ଭିତର ଭାଗରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଉଭୟ କୂଟନୈତିକ ସ୍ତରରେ ଏହି ଅମାନୁଷିକ ନିର୍ଯାତନାକୁ କିପରି ସମାପ୍ତ କରିବେ ତାହା ବାବଦରେ ପ୍ରୟାସ ଚଳାଇଛନ୍ତି। ହିନ୍ଦୁମାନେ ଟ୍ରମ୍ପ ଓ ମୋଦିଙ୍କୁ ଅଧିକ ବିଶ୍ୱାସ କରନ୍ତି । ବିଶ୍ୱରେ ଥିବା ସମସ୍ତ ଓଡ଼ିଆ ଲୋକ ଆଶା ରଖନ୍ତି ଯେ ମୋଦିଙ୍କ ଉଦ୍ୟମରେ ହିନ୍ଦୁଙ୍କର ସବୁଜ ଗୌରବ ବାଂଲାଦେଶକୁ ଫେରିବ । ବିନା କାରଣରେ ବାଂଲାଦେଶ ସରକାର ଚିନ୍ମୟ ଦାସଙ୍କୁ ଗିରଫ କରିଥିଲେ । ଦିନକୁ ଦିନ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଚରମ ରୂପ ନେଇଛି । ବାଂଲାଦେଶର ହିନ୍ଦୁ ବୁଦ୍ଧ ଖ୍ରୀଷ୍ଟିଆନ ଏକତା ପରିଷଦ ଚିନ୍ମୟ ସାଧୁଙ୍କ ମୁକ୍ତି ଦାବିରେ ଆସିଛି ।

ବାଂଲାଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁଙ୍କୁ ନିର୍ଯାତନା ବିରୋଧରେ ବିରୋଧ ମଧ୍ୟ ଆରମ୍ଭ ହୋଇଛି । ଶେଖ ହସିନାଙ୍କ ବହିଷ୍କାର ପରେ ହିଂସା ଓ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବାରେ ଲାଗିଛି । ମନ୍ଦିର, ଘର , ବ୍ୟବସାୟ ଉପରେ ଆକ୍ରମଣ ସମେତ ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ହିଂସା ଖବର ବଢିବାରେ ଲାଗିଛି । ଚିନ୍ମୟ ପ୍ରଭାସଙ୍କ ଗିରଫଦାରି ତିକ୍ତତାକୁ ବ୍ୱାଇ ଦେଇଛି । ବାଂଲାଦେଶର ମୌଳବାଦୀ ସରକାର ୟୁନୁସ୍ ସରକାରଙ୍କ ଦ୍ୱାରା ଧାର୍ମିକ ନିର୍ଯାତନା ବିରୁଦ୍ଧରେ କହୁଥିବା ଲୋକଙ୍କୁ ଟାର୍ଗେଟ କରିଛନ୍ତି । ଚିତ୍ରକୋଣ୍ଡା ମହାନଗର ନିଗମର ମାଜିଷ୍ଟ୍ରେଟ କୋର୍ଟ ଚିନ୍ମୟ କୃଷ୍ଣ ଦାଶ ବ୍ରହ୍ମଚାରିଙ୍କ ବାଂଲାଦେଶ ମୁଖପାତ୍ର ସମିଳିତ ସନାତନ ଜଗନ୍‌ଜଟ ତଥା ପୁଣ୍ଡରିକ ଧାମର ପ୍ରଧାନ ଆଚାର୍ଯ୍ୟଙ୍କ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

ବାଂଲାଦେଶ ସରକାରଙ୍କ ଠାରୁ ଅତ୍ୟଧିକ ଅସହଯୋଗ ଦେଖିବାକୁ ମିଳିଛି । ଜଜ୍ କାଜି ଶରିଫୁଲ୍ ଇସଲାମ ଚିନ୍ମୟ ଦାସଙ୍କୁ ଜେଲକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଚିନ୍ମୟ ଦାସଙ୍କ କୋର୍ଟରେ ହାଜର ହେବା ପୂର୍ବରୁ ଶହ ଶହ ହିନ୍ଦୁ କୋର୍ଟ ପରିସରରେ ଏକାଠି ହୋଇଥିଲେ । ଜୟ ଶ୍ରୀରାମ ସ୍ଲୋଗାନ ମଧ ଉଠାଯାଇଥିଲା । ଅଗଷ୍ଟ ୯ ରେ ଆୱାମୀ ଲିଗ୍ ସରକାରଙ୍କ ପତନ ପରେ ହିନ୍ଦୁମାନଙ୍କର ମୁଖପାତ୍ର ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ହୋଇଥିବା ଆକ୍ରମଣକୁ ବିରୋଧ କରି ଦୀର୍ଘ ୮ ଘଣ୍ଟା ନାରାବାଜି କରିଥିଲେ ।

ଚିନ୍ମୟ କୃଷ୍ଣ ଏକ ଭାଷଣ ଦେଉଥିଲେ । ତାଙ୍କୁ ଅକ୍ଟୋବର ୩୦ ତାରିଖ ରାତିରେ ଚିତ୍ରକୋଣ୍ଡାର ଲାଲଡିଗି ଗ୍ରାଉଣ୍ଡରେ ଏକ ସାଧାରଣ ସଭା ପରେ ଚିତ୍ରକୋଣ୍ଡାର କୋଟିଆଲି ପୋଲିସ ଷ୍ଟେସନରେ ୧୯ ଜଣଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାୟର କରାଯାଇଥିଲା । ଏହି ମାମଲାର ପ୍ରତ୍ୟାହାର ଦାବିରେ ସନାତନ ଜାଗରନ୍ ମଧ




ଢାକାରେ ଏକ ଦୀର୍ଘ ଶୋଭାଯାତ୍ରା ଆୟୋଜନ ଘୋଷଣା କରିଥିଲେ । ପରେ ସେହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା । ଚିତ୍ରକୋଣ୍ଡାର ନିଉ ମାର୍କେଟ ଛକ ଠାରେ ଥିବା ସ୍ୱାଧୀନତା ସ୍ତମ୍ଭରେ ବାଙ୍ଗଲାଦେଶର ଜାତୀୟ ପତାକାକୁ ଅପମାନିତ କରିଥିବା ଚିନ୍ମୟଙ୍କୁ ମିଥ୍ୟା ଅଭିଯୋଗ କରାଯାଇଥିଲା । ଇସ୍କନ ଅଧିକାରୀ କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ଭକ୍ତି ଆନ୍ଦୋଳନକୁ ଦମନ କରିବା ପାଇଁ ମୌଳବାଦୀମାନେ ଚିନ୍ମୟ ପ୍ରଭାସଙ୍କୁ ଯେଉଁଭଳି ଭାବରେ ଗିରଫ କରିଥିଲେ ତାହା ଗ୍ରହଣୀୟ ନୁହେଁ ।

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ ତୁରନ୍ତ ସମାଧାନ କରିବାକୁ ବଙ୍ଗଳା ବିରୋଧୀଦଳର ନେତା ସୁବେନ୍ଦୁ ଅଦିକାରୀ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି । ଭାରତ ସବୁବେଳେ ଶାନ୍ତି ପାଇଁ ଥାଏ । ନିକଟରେ ରୁଷ ଗସ୍ତରେ ଆସିଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଭାରତ ଯୁଦ୍ଧ ନୁହେଁ ବୁଦ୍ଧ ଚାହୁଁଛି । ପୁନଶ୍ଚ ମୋଦିଙ୍କ ନେତୃତ୍ୱ ଭାରତରେ ଆତଙ୍କବାଦ ବିରୋଧରେ ଲଢେଇ କରିବାକୁ କଡା ପଦକ୍ଷେପ ନେବାକୁ କୁଣ୍ଠାବୋଧ କରନ୍ତି ନାହିଁ । ବିଶ୍ୱରେ ଅଦ୍ୱିତୀୟ ଶୀର୍ଷ ନେତା ଭାବେ ମୋଦି ସୁନାମ ପାଇଛନ୍ତି । ବାଂଲାବନ୍ଧୁ ମୁଜିବୁର ରହମାନଙ୍କ ଝିଅ ଶେଖ ହସିନା ଇସ୍ତଫା ଦେଇ ଭାରତରେ ଆଶ୍ରୟ ନେଇଥିଲେ । ହସିନାଙ୍କ ବିୟୋଗ ପରେ ପଡୋଶୀ ବାଂଲାଦେଶରେ ହୋଇଥିବା ହିଂସା ପରିସ୍ଥିତିକୁ ନେଇ ଭାରତ ସରକାର ଚିନ୍ତିତ ଅଛନ୍ତି । ନବ ନିଯୁକ୍ତ ମହମ୍ମଦ ୟୁନିସ୍ ନେତୃତ୍ୱାଧୀନ ସରକାର ଉପରେ ଭାରତ ସରକାରଙ୍କର ଗୋଟିଏ ଭରସା ଥିଲା ।

ୟୁନିସ୍ ନିଜେ କହିଛନ୍ତି ଯେ ହିନ୍ଦୁମାନଙ୍କ ଉପରେ କୌଣସି ଆକ୍ରମଣ ହେବ ନାହିଁ । କିନ୍ତୁ ହିନ୍ଦୁମାନଙ୍କୁ ଗୋଟିଏ ପରେ ଗୋଟିଏ ଆକ୍ରମଣ କରାଯାଉଛି ।ଅକ୍ଟୋବର ୨୪ ରେ ବିବାଦ ଲାଗି ଥିବାରୁ ୟୁନିସ୍ ସରକାର ଶୀଘ୍ର ୬ଟି କମିଶନ ଗଠନ କରିଥିଲେ ।

କିନ୍ତୁ ଏହି ୬ଟି କମିଟି ମଧ୍ୟରୁ କୌଣସି ସଂଖ୍ୟାଲଘୁ ହିନ୍ଦୁ ବୁଦ୍ଧ ଖ୍ରୀଷ୍ଟିଆନ ପ୍ରତିନିଧୀଙ୍କୁ ଅନ୍ତର୍ଭୁକ୍ତ କରିନଥିଲେ । ୬ଟି କମିଟିରେ ନାମିତ ୫୦ ଜଣ ସଦସ୍ୟଙ୍କ ମଧ୍ୟରୁ ଦେଶର ୯ ପ୍ରତିଶତ ସଂଖ୍ୟାଲଘୁଙ୍କୁ ୟୁନୁସ୍ ସରକାର କୌଣସି ସ୍ଥାନ ଦେଇନାହାନ୍ତି ।

ଦିନକୁ ଦିନ ବାଂଲାଦେଶୀ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବଢିବାରେ ଲାଗିଛି । ୟୁନିସ୍‌ଙ୍କ ନେତୃତ୍ୱରେ ବାଂଲାଦେଶ ସଂଖ୍ୟାଲଘୁମାନଙ୍କୁ କିପରି ସମ୍ମାନ ଦେବେ ସେନେଇ ମୋଦି ସରକାରଙ୍କ ପାଇଁ ଏକ ଆହ୍ୱାନ। ସମସ୍ତ ଭାରତୀୟ ଦେଶର ଏକତାରେ ଏକଜୁଟ ହୋଇଛନ୍ତି । ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଛନ୍ତି, 'ଭାରତ ଓ ବାଂଲାଦେଶର ଅତି ଘନିଷ୍ଠ ସମ୍ପର୍କ ରହିଛି । ସାମ୍ପ୍ରତିକ ହିଂସାକୁ ନେଇ ଆମେ ଚିନ୍ତିତ । ୨୦୨୪ ଜାନୁଆରୀରେ ନିର୍ବାଚନ ପରେ ସେଠାରେ ଉଚ୍ଚ ଉତ୍ତେଜନା, ଗଭୀର ବିଭାଜନ ଓ ଧ୍ରୁବୀକରଣ ହୋଇଥିଲା । ଜୁନ୍ ମାସରେ ଛାତ୍ର ଆନ୍ଦୋଳନ ପରେ ପରିସ୍ଥିତି ଅଧିକ ଗୁରୁତର ହୋଇଥିଲା । ହିଂସା ବୃଦ୍ଧି ପାଉଛି । ପରେ ବିଲଡିଂ ଓ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଉଛି । ରେଳ ଓ ଯାତାୟାତ ବ୍ୟାହତ ହୋଇଛି । ଜୁଲାଇରେ ବିରୋଧ ଜାରି ରହିଥିଲା । ଏହି ସମୟରେ ଆମେ ବାରମ୍ବାର ସମସ୍ତଙ୍କୁ ସଂଯମତା ଓ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ କହିଛୁ ।' ଜୟଶଙ୍କର କହିଛନ୍ତି, ଆମେ ଯୋଗାଯୋଗ କରୁଥିବା ସମସ୍ତ ରାଜନୈତିକ ଶକ୍ତିଙ୍କୁ ସମାନ କଥା କହୁଛୁ ।

ଭାରତୀୟ ଜନତା ପାର୍ଟିର ଯାଦବପୁର ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦକ ମହୁଆ ଉପାଧ୍ୟାୟ ପାଲ ଯାହା ମତ ରଖନ୍ତି ତାହାର ନିର୍ଯାସ ଯେ ମହମ୍ମଦ ୟୁନିସ୍ ବାଂଲାଦେଶର ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ଯେକୌଣସି ମୂଲ୍ୟରେ ସୁରକ୍ଷା ଦେବା ଉଚିତ ଯାହା ଦ୍ୱାରା ବାଂଲାଦେଶର ପ୍ରତ୍ୟେକ ହିନ୍ଦୁ ମା ଓ ଭଉଣୀ ସୁରକ୍ଷିତ ରହିବେ । କାରଣ ବଙ୍ଗଳାର ଅପର ପାର୍ଶ୍ୱରେ ଥିବା ମା ଓ ଭଉଣୀମାନଙ୍କ କ୍ରନ୍ଦନର ଶବ୍ଦ କେବଳ ଏହି ବାଂଲାଦେଶ ନୁହେଁ ଭାରତ ତଥା ସମଗ୍ର ବିଶ୍ୱର ହିନ୍ଦୁମାନଙ୍କ ନିକଟରେ ପହଞ୍ଚୁଛି ।

**ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪**

**ମୋ: ୯୦୪୦ ୧୫୧୪୭୫**

# ଆସ ଆମେ ମଣିଷ ହେବା !

### ପ୍ରଦେଶ ପ୍ରତ୍ୟୁଷ

**ଅନ୍ଧାରରେ ରହି ଆଲୋକ ଖୋଜିବା ବରଂ ଭଲ । କାରଣ ଅନ୍ଧାର ଆଲୋକ ଆଡ଼କୁ ଯିବାକୁ ବାଡ଼ ଦେଖାଇଥାଏ । ଆଲୋକର ମହତ୍ତ୍ୱକୁ ଶିଖାଇ ଥାଏ। ହେଲେ ମିଛି ମିଛିକା ଆଲୋକ ଅର୍ଥାତ୍ ଆମେ ସଭ୍ୟ ଶିକ୍ଷିତ, ବିଜ୍ଞ ଏସବୁ ଅହମିକା ଆମକୁ ଖାଲି ସେହି ମିଛ ଓ ଅହଙ୍କାରର ଅନ୍ଧାରରେ ପକାଇ ଥାଏ ସତ କେତେ ସେଥିରୁ ବାହାରିବାର ପନ୍ଥା କି ଉପାୟ କହି ନଥାଏ । ଆମେ ନିଜେ ହିଁ ନିଜର ଚାବିକାଠି । ହେଲେ ଆଜି ଆମେ ନିଜ ଚାବିକାଠିକୁ ଅନ୍ୟ ହାତରେ ଧରେଇ ନିଜ ଘର ଚୋରି ହୋଇଗଲା ବୋଲି ଭାଳି ହେଉଛେ । ଅନ୍ୟକୁ ଦୋଷ ଦେଇ ଦେଇ ନିଜର ମୂଲ୍ୟବାନ ସମୟକୁ ନଷ୍ଟ କରି ଦେଉଛେ ।**

ଲେଖାର ଶୀର୍ଷକ ଆପଣଙ୍କୁ ନିଶ୍ଚୟ ଅଡୁଆ ଲାଗିପାରେ । ହେଲେ ଶେଷ ପର୍ଯ୍ୟନ୍ତ ପଢ଼ି ସାରିବା ପରେ ମୋ ସହ ନିଶ୍ଚୟ ଏକମତ ହେବେ ଆଜିର ସମୟରେ ଏହି ଲେଖାର ଯଥାର୍ଥତା ରହିଛି । ଏକଥା ସତ ଆମେ ହାତ କାନ ନାକ ଗୋଡ଼ ମୁଣ୍ଡ ଓ ଶରୀର ଥାଇ ମଣିଷଟିଏ । ପୁଣି କଣ ମଣିଷ ହେବା । ଆମେ କଣ ଆଉ କେଉଁ ଜୀବଟିଏ କି ? ଆମେ ତ ପାଠଶାଠ ପଢ଼ି ବହୁତ ଉନ୍ନତ । ଆମେ ବିଜ୍ଞାନ ଯୁଗର ମଣିଷ। ମହାକାଶକୁ ବି ଆମେ ଚକ୍କର କାଟି ସାରିଲୁଣି । ମଙ୍ଗଳରେ ବି ଜାଗା କିଣିଲୁଣି । ବିଭିନ୍ନ ରୋଗ ଓ ମହାମାରୀକୁ ପ୍ରତିହତ କରିବାକୁ ଆମେ ବିଭିନ୍ନ ପ୍ରକାରର ଔଷଧ ଓ ଏଥି ସମ୍ବନ୍ଧିତ ଉପକରଣ ବି ତିଆରି କରି ସାରିଲୁଣି , ଏତେ ସବୁ ପରେ କଣ ଆମେ ମଣିଷ , ନୁହଁ , ଆମେତ ପୁରାଣ ପୋଥିରୁ ପଢ଼ିଛୁ ଓ ଅନେକ ମହାମୁନି , ସାଧୁସନ୍ଥଙ୍କ ଠାରୁ ଶୁଣିଛୁ ଆମେ ବୁଦ୍ଧି ବିବେକ ସମ୍ପନ୍ନ ଶ୍ରେଷ୍ଠ ଜାତି ...ମଣିଷ ଆମେ , ଏହାପରେ ବି ଆମେ କ'ଣ ମଣିଷ ନୁହଁ ?

ହଁ ଆଜ୍ଞା, ସବୁ କଥା ସତ । ହେଲେ ନିରବରେ ବସି ବର୍ତ୍ତମାନ ସମୟର ସ୍ଥିତି ଓ ପରିସ୍ଥିତି ଆଉ ଆମର ଆଚାର ବିଚାର , ଚାଲିଚଳନ ଓ ବ୍ୟବହାରକୁ ଦେଖିଲେ ...ସବୁ ଉତ୍ତର ପାଇଯିବେ । ଆମେ କେତେ ପ୍ରତିଶତ ମଣିଷ । ନିଜକୁ ନିଜେ ବୁଝି ପାରିବେ ଏହି ଗହନ ଜୀବନର ଗୋପନ ସତ୍ୟକୁ । ଆଉ ଅନୁଭବ କରିପାରିବେ ଆମେ ମଣିଷ ଖୋଳପା ପିନ୍ଧିଥିବା ବହୁରୂପୀ ଜୀବଟିଏ ହୋଇଛେ ନା ନାହିଁ । ନିରାଟ ସତକୁ ଗ୍ରହଣ କରିବାକୁ , ବୁଝିବାକୁ କଷ୍ଟ ଲାଗିପାରେ , ଅଡୁଆ ହୋଇପାରେ । ହେଲେ ସତ ହିଁ ସତ । ଆମେ ଆମର ଚାରିପାଖର ଦୁନିଆକୁ କେତେ ଦେଖିବାକୁ ଚେଷ୍ଟା କରୁଛେ । ନା କେବେ ବି କରୁନେ । ସକାଳର ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଏହି ଭିତରେ ଆମେ କେତେ ସମୟ ନିଜର ଦୈନିକ ଜୀବନର କାର୍ଯ୍ୟକୁ ଅବଲୋକନ କରୁଛେ । ଜମାରୁ ନୁହେଁ । ସେଥିପାଇଁ ତ ଆମେ କଣ କରୁଛେ , କଣ ଭାବୁଛେ , କୁଆଡ଼େ ଯାଉଛେ । କିଛି ଜାଣି ପାରୁନେ । ଖାଲି ଦିଗହରା ପକ୍ଷୀ ଭଳି ଉଡୁଛେ । କୂଳହୀନ ନାବ ପରି ଭାସୁଛେ ଏହି ସଂସାରର ମୋହ ମାୟାରେ , ହିଂସା ଦ୍ୱେଷ ଅହଙ୍କାରରେ । ପ୍ରକୃତିର ଶୋଭାକୁ କେବେ ଦର୍ଶନ କରି ଆମେ ନିତି ଆଧୁନିକ ସୁଖକୁ ଦର୍ଶନ କରିବାରେ ସଂଘର୍ଷ କରି ଚାଲିଛେ।

ଆମେ ଯେତେବେଳେ କୌଣସି ମନ୍ଦିର ବା ବଡ଼ କୋଠା ଘରଟିଏ ନିର୍ମାଣ କରୁଛେ , ଏହାକୁ କେମିତି ଆକର୍ଷଣୀୟ କରିବା , କେମିତି ସୁନ୍ଦର କରି ଗଢ଼ିବା। ଖରା ବର୍ଷା ବାତ୍ୟାରୁ କେମିତି ସୁରକ୍ଷିତ ରହିବ ସେମିତି ଚିନ୍ତା କରି ଅନେକ ପରଖି ନିରେଖି , ଘରକୁ ତିଆରି କରୁଛେ । ମିସ୍ତ୍ରୀ କାମ କଲାବେଳେ କାମଟି କେମତି ଭଲ ଭାବେ ହେବ ନିଜେ ଜଗି ରଖି ଘରର କାମକୁ ଆଗେଇ ନେଉଛେ ।



ସେମିତି ଆମେ ନିଜର ଏହି ଜୀବନ ରୂପି ଘରକୁ କେତେ ମାତ୍ରାରେ ବୁଝୁଛେ । କେତେ ଏହାକୁ ଦେଖୁଛେ । ଆମର ଏ ମଣିଷତ୍ୱ ଆମ ଭିତରେ କେତେ ମାତ୍ରାରେ ରହିଛି କେବେ ଭାବୁନେ । ସେଥିପ୍ରତି ବେଳ ନାହିଁ । କାରଣ ଆମେ ଏବେ ବହୁତ ବ୍ୟସ୍ତ । ସମସ୍ତେ ବହୁତ ବ୍ୟସ୍ତ । ସ୍ୱାମୀ ସ୍ତ୍ରୀକୁ ସମୟ ଦେଇପାରୁନି , ପିତାମାତା ପିଲାଙ୍କୁ ବି ସମୟ ଦେଇପାରୁନାହାନ୍ତି। ବୟସ୍କ ମାଆ ବାପାଙ୍କ ପାଇଁ ମଧ ପାଠପଢ଼ୁଆ ଉଚ୍ଚ ଶିକ୍ଷିତ ପୁଅମାନେ ଦାୟିତ୍ୱଶୂନ୍ୟ ହେଉ ଯାଉଛନ୍ତି । କାହିଁକି ଜାଣନ୍ତି । କେବଳ ଗୋଟିଏ ଚିନ୍ତା ଅଜସ୍ର ଅର୍ଥ ଉପାର୍ଜନ କରିବା । ଆଉ ଅୟସ ଆରାମରେ ଜୀବନ ବିତେଇବା । କୁହନ୍ତୁ ତ ଯଦି ଅର୍ଥ ମଣିଷକୁ ସବୁ ଦେଉଥାଆନ୍ତା ଓ ଏକ ଉତ୍ତମ ମଣିଷର ଉପାଧିରେ ଭୂଷିତ କରୁଥାଆନ୍ତା । ଏହି ଦୁନିଆରେ ଅନେକ ଅମାପ ସମ୍ପତ୍ତି ରଖିଥିବା ଲୋକ ଅଛନ୍ତି । ସେମାନେ କାହିଁକି ଦୁଃଖ ଚିନ୍ତା , ଅବସାଦରେ ଜୀବନ ହାରୁଛନ୍ତି । ଅନେକ ବଡ଼ ବଡ଼ ରୋଗବ୍ୟାଧିରେ ପଡ଼ି ନିଃସହାୟ ହେଇ ଯାଉଛନ୍ତି । ହଁ , ଅର୍ଥ ଜୀବନରେ ଆବଶ୍ୟକତା ଅଛି । ମଣିଷ ବଞ୍ଚିବା ପାଇଁ ଅର୍ଥ ନିହାତି ଜରୁରି । ହେଲେ ଅର୍ଥ ଯେ ମଣିଷକୁ ନିରର୍ଥକ କରିଦେଉ, ଅର୍ଥ ମୋହରେ ମଣିଷ ମଣିଷକୁ ଭୁଲି ଯାଇ ମାନବିକତାକୁ ବଳି ଦେଉ ଏହା ଠିକ୍ ? ନୁହେଁ ।

ଏଣୁ ଆମର ଜୀବନ ମନ୍ତ୍ରକୁ ଉଦ୍‌ଜୀବିତ କରିବାକୁ ପଡ଼ିବ । ମନକୁ ଯାହା ତରଙ୍ଗ ମୁକ୍ତ କରେ ବା ମନକୁ ତାର ପ୍ରକୃତ ଶାନ୍ତ ସ୍ଥିତି ପ୍ରଦାନ କରେ , ତାହା ହେଉଛି ମନ୍ତ୍ର। ଆମର ଚଞ୍ଚଳମନ ଓ ଅମାନିଆ ମନକୁ ଶାନ୍ତ କରିବାର ମାଧ୍ୟମ ହେଉଛି ମନ୍ତ୍ର । ତାହେଲେ ଏହି ମନ୍ତ୍ର କ'ଣ ? ଯାହା ଆମକୁ ଧାରଣ କରିଛି । ସେହି ପଞ୍ଚଭୂତ( କ୍ଷିତ୍ , ଅପ୍ ?,ତେଜ୍ , ମରୁତ , ବ୍ୟୋମ) କୁ ସମ୍ମାନ ଦେବା ।

ମଣିଷ ଜୀବନରେ ଦିବ୍ୟ ଭାବନାର ଉନ୍ମେଷ କରେଇବା । ସ୍ନେହ ପ୍ରେମ ଓ ଶ୍ରଦ୍ଧାର ରଜ୍ଜୁରେ ଜୀବନର ଉପବନରେ ବିଶ୍ୱାସ ଓ ସହଯୋଗର ଫୁଲ ଫୁଟାଇବା ହିଁ ହେଉଛି ଜୀବନର ମନ୍ତ୍ର । ଏହି ମନ୍ତ୍ର ହିଁ ମଣିଷକୁ ଶବରୁ ଶିବତ୍ୱରେ ପରିଣତ କରିଦେବ । ଜୀବନର ପ୍ରକୃତ ଲକ୍ଷ୍ୟରେ ପହଞ୍ଚାଇ ଦେବ । ଆମକୁ ମଣିଷ ହେବାକୁ ଆଉ କୌଣସି ସ୍ଥାନକୁ ଯିବାକୁ ପଡିବନି । ଆମେ ନିଜେ ନିଜେ ନିଜ ଭିତର ମଣିଷକୁ ପାଇଯିବା , ପଶୁତ୍ୱ ପ୍ରବୃତ୍ତିକୁ ଦୂରେଇ ପ୍ରଶାନ୍ତି ଆଡ଼କୁ ଅଗ୍ରସର ହେବା । ଆମେ ନିତି ସବୁ ଜିନିଷର ସମୀକ୍ଷା ତ କରୁଛେ , ହେଲେ ଆତ୍ମସମୀକ୍ଷା କରିବାକୁ ବେଳ ପାଇଯିବା । ଏଥିପାଇଁ ଜୀବନରେ ଏକାଗ୍ରତାର ମନ୍ତ୍ରକୁ ବି ଜାଗରଣ କରିବାକୁ ହେବ । ଯେମିତି ସୂର୍ଯ୍ୟଙ୍କର କିରଣ ଏକ ଉତ୍ତଳ ଯବକାଚ ମଧ୍ୟ ଦେଇ ଗତି କରିବା ବେଳେ , ତାହା ଗୋଟିଏ ବିନ୍ଦୁରେ କେନ୍ଦ୍ରୀଭୂତ ହୋଇ କାଗଜ ଟୁକୁଡ଼ାରେ ସହଜରେ ଅଗ୍ନି ସଂଯୋଗ କରିଥାଏ । ହେଲେ ସିଧା ସଳଖ ସୂର୍ଯ୍ୟକିରଣ କାଗଜରେ ପଡ଼ିଲେ , ତାହାର ସାମାନ୍ୟ ଉତ୍ତାପ ବୃଦ୍ଧି ହୋଇଥାଏ । ଏହିପରି ଆମର ଜୀବନ । ଆମକୁ ଏକାଗ୍ରତାର ଜୀବନ ଜିଇଁବାକୁ ହେବ ।

ଏଣୁ ଅନ୍ଧାରରେ ରହି ଆଲୋକ ଖୋଜିବା ବରଂ ଭଲ । କାରଣ ଅନ୍ଧାର ଆଲୋକ ଆଡ଼କୁ ଯିବାକୁ ବାଟ ଦେଖାଇଥାଏ। ଆଲୋକର ମହତ୍ତ୍ୱକୁ ଶିଖାଇ ଥାଏ। ହେଲେ ମିଛି ମିଛିକା ଆଲୋକ ଅର୍ଥାତ୍ ଆମେ ସଭ୍ୟ ଶିକ୍ଷିତ , ବିଜ୍ଞ ଏସବୁ ଅହମିକା ଆମକୁ ଖାଲି ସେହି ମିଛ ଓ ଅହଙ୍କାରର ଅନ୍ଧାରରେ ପକାଇ ଥାଏ ସତ କେତେ ସେଥିରୁ ବାହାରିବାର ପନ୍ଥା କି ଉପାୟ କହି ନଥାଏ । ଆମେ ନିଜେ ହିଁ ନିଜର ଚାବିକାଠି । ହେଲେ ଆଜି ଆମେ ନିଜ ଚାବିକାଠିକୁ ଅନ୍ୟ ହାତରେ ଧରେଇ ନିଜ ଘର ଚୋରି ହୋଇଗଲା ବୋଲି ଭାଳି ହେଉଛେ । ଅନ୍ୟକୁ ଦୋଷ ଦେଇ ଦେଇ ନିଜର ମୂଲ୍ୟବାନ ସମୟକୁ ନଷ୍ଟ କରି ଦେଉଛେ । ଆମେ ଏବେ ହେଉଛେ ଏହି ପ୍ରକାରର ମଣିଷ ...।

କୁରୁମଟାଙ୍ଗର , ଢେଙ୍କାନାଳ

ମୋ -୭୦୦୮୪୩୧୨୫୭

5.12.2024.pmd 1 12/4/2024, 4:50 PM

# ଗୋଷାଣି ବ୍ଲକର ଅନ୍ଧାରିଜୁଲା ଗ୍ରାମରେ ବାଘ ମାରି ଖାଇଲା ଗାଈ, ଗ୍ରାମବାସୀ ଆତଙ୍କିତ

କାଶୀନଗର/ପାରଳାଖେମୁଣ୍ଡି,୪।୧୨ (ନିପ୍ର); ବିଗତ ବର୍ଷ ମହାରାଷ୍ଟ୍ରରୁ ଚାଲି ଆସି ଥିବା ମହାବଳବାଘ ଆଜି ଯାଏଁ ଗଜପତି ଜିଲ୍ଲାର ମୋହନା ବ୍ଲକ୍ ଓ ଗୋଷାଣୀ



ବ୍ଲକର ଜଙ୍ଗଲ ମଧ୍ୟରେ ଚଳପ୍ରଚଳ କରୁଥିବା ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ବାଘ ପାଦଚିହ୍ନ ଦେଖି ସ୍ଥାନୀୟ ବନବିଭାଗକୁ ଖବର ଦେଇଥିଲେ। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବନ ବିଭାଗ ଏକ ଟିମ୍ ଗଠନ କରିଥିଲେ । ବନ ବିଭାଗ ପାଦଚିହ୍ନ ଚିହ୍ନଟ ହେବାପରେ ଗୋଷାଣି ବ୍ଲକର ବାଘଶାଳା, ସତମାଇଲ ଛକ ଏମିତି ବିଭିନ୍ନ ଗ୍ରାମକୁ ଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଗ୍ରାମବାସୀଙ୍କୁ ସାବଧାନ ରହିବା ପାଇଁ ସଚେତନା କରାଯାଉଛି ବୋଲି ବନ ବିଭାଗ ସୂଚନା ଦେଇଛି । ଅନ୍ୟ ପଟେ ସନ୍ଧ୍ୟା ସମୟରେ ମହାବଳ ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମକୁ ନିର୍ଭୟରେ ଚଳପ୍ରଚଳ କରୁଥିବା କିଛି ଗ୍ରାମବାସୀ ଦେଖିଥିବା କହୁଛନ୍ତି। ଗତକାଲି ଗୋଷାଣୀ ବ୍ଲକର ସାତ ମାଇଲ ,ବାଗଶଳା, ମଧୁ ସୁଜନପୁର ଓ ଉପଲଡା କିଛି ସ୍ଥାନରେ ବାଘପାଦ ଚିହ୍ନଟ କରାଯାଇଛି । ଏ ନେଇ ଜିଲ୍ଲାର ବନଖଣ୍ଡ ଅଧିକାରୀ ଏମ.ଆନନ୍ଦ ସୂଚନା ଦେଇଥିଲେ । ଗୋଷାଣୀ ବ୍ଲକର ବାଘଶାଳା ପଞ୍ଚାୟତର ଅନ୍ଧାରୀଜୁଲା ଗ୍ରାମର ଜାକବ ଶବରଙ୍କ ଗାଈକୁ ମାରି ଖାଇଥିବା ଜଣାପଡିଛି। ବନ ବିଭାଗ ଦେଖି ନ ଦେଖିଲା ପରି ରହିଯାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି।

ଗୃହପାଳିତ ପଶୁମାନଙ୍କୁ ଆକ୍ରମଣ ଆରମ୍ଭ ହେଲା ପରେ ଗ୍ରାମବାସୀମାନେ ଏଥିରୁ କିପରି ବାଦ୍ ପଡ଼ିବେ ଏ କଥା ଭାବି ବୁଦ୍ଧିଜୀବୀମାନେ ମହାବଳ ବାଘକୁ କାବୁ କରି ଏହି ଜଙ୍ଗଲରୁ ତଡ଼ି ଅନ୍ୟ ରାଜ୍ୟକୁ ଛାଡିବା କିମ୍ବା ନନ୍ଦନକାନନରେ ଛାଡିବା ପାଇଁ ବ୍ୟବସ୍ଥା କରାଯାଉ ବୋଲି ଦାବି କରୁଛନ୍ତି।

# କାର୍ ଓ ସ୍କୁଟି ଧକ୍କାରେ ଜଣେ ଗୁରୁତର

ଧାମନଗର,୪।୧୨ (ନିପ୍ର): ଧାମନଗର ବ୍ଲକ ସନ୍ନିକଟ ରାମ ମନ୍ଦିର ନିକଟରେ କାର ଓ ସ୍କୁଟି ଧକ୍କାରେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ସୂଚନା ଥାଉ କି ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଗ୍ରାମର ରମାକାନ୍ତ ବେହେରାଙ୍କ ପୁଅ ସ୍ୱରାଜ ବେହେରା( ୩୫) ସ୍କୁଟିରେ ବ୍ଲକ ଆଡୁ ଆସୁଥିବା ବେଳେ ଅନ୍ୟ ପାଖରୁ ଓଡ଼ି ୩୩ ଓ୍ୱାୟୀ ୨୦୦୩ କାରଟି ଆସି ରାମ ମନ୍ଦିର ନିକଟରେ ସ୍କୁଟିକୁ ଧକା ଦେବା ଫଳରେ ସ୍କୁଟି ଚାଳକ ସ୍ୱରାଜ ଗୁରୁତର ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ଦମକଳ କେନ୍ଦ୍ରକୁ ଫୋନ କରିଥିଲେ । ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚି ଗୁରୁତର ସ୍ୱରାଜକୁ ଧାମନଗର ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟ ହେବାରୁ ତାଙ୍କୁ ଭଦ୍ରକ ଡ଼ାକ୍ତରଖାନାକୁ ନିଆ ଯାଇଛି। ଘଟଣା ଘଟାଇ ଥିବା କାରର ଚାଳକ ଫେରାର ହୋଯାଇଛନ୍ତି। ଘଟଣା ସ୍ଥଳରେ ଧାମନଗର ପୋଲିସ ପହଞ୍ଚି ତଦନ୍ତ କରୁଛନ୍ତି ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

କେନ୍ଦୁଝର,୪।୧୨ (ନିପ୍ର); : ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ସମାରୋହରେ କେନ୍ଦୁଝର ଅଡିଟୋରିଅମଠାରେ ପାଳିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ଅଡିଟୋରିଅମ ପର୍ଯ୍ୟନ୍ତ ଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଥିବା ଏହି ପଦଯାତ୍ରାରେ ଶତାଧିକ ଭିନ୍ନକ୍ଷମ ବ୍ୟକ୍ତି, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭାଗୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ । ଏହାପରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା । ଏହାସହିତ ଦୃଷ୍ଟିବାଧିତ, ମାନସିକ ଅନଗ୍ରସର ଓ ଶ୍ରବଣବାଧିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। ସ୍ଥାନୀୟ ଅଡିଟୋରିଅମଠାରେ ଆୟୋଜିତ ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ବସନ୍ତ କୁମାର ପାତ୍ର, ପୀତବାସ ସାହୁ ଓ ଭୁବନେଶ୍ୱରୀ ମହାନ୍ତ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ପରିଚାଳନା କରିଥିଲେ ଏବଂ ପରିଶେଷରେ ବିଭିନ୍ନ ଭିନ୍ନକ୍ଷମ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ଠିକାସଂସ୍ଥା, କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା

# ୪ ଦାବି ପୂରଣ ପ୍ରତିଶ୍ରୁତି ମିଳିବା ପରେ ଧାରଣାରୁ ଓହରିଲେ ରେଳସାଇଡ଼ିଂ ଧାରଣାକାରୀ



ଯୋଡା,୪।୧୨ (ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିମଣ୍ଡଳର ବିଲେଇପଦା ସ୍ଥିତ ଟାଟାଷ୍ଟିଲ ସ୍ୱଞ୍ଜ ଆଇରନ ଲିଃର ଠିକା ସଂସ୍ଥା ଲଜିଷ୍ଟିକ୍ ସଲ୍ୟୁସନ୍ ବିରୁଦ୍ଧରେ ରେଳ ସାଇଡ଼ିଂରେ ବସିଥିବା ଗ୍ରାମବାସୀଙ୍କ ଦାବି ପୂରଣ ନେଇ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଛି । ଏଥିରେ କମ୍ପାନୀ କର୍ତ୍ତୃପକ୍ଷ, ଠିକାସଂସ୍ଥା ଓ ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଆଲୋଚନାରେ ଭାଗ ନେଇ ଏହାର ସମାଧାନ କରାଯାଇଛି । ପ୍ରଭାବିତ ଲହଣ୍ଡା ଓ ଭାଗଲପୁର ଗ୍ରାମବାସୀ ୬ ଦଫା ଦାବି କରି ଗତ ୨୯ ତାରିଖରୁ କମ୍ପାନୀର ରେଳସାଇଡ଼ିଂରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ । ତେବେ ଏହି ଧାରଣା ପରେ କମ୍ପାନୀର ଠିକା ସଂସ୍ଥା ଲଜିଷ୍ଟିକ ସଲ୍ୟୁସନ ଏହାର ସମାଧାନ ପାଇଁ ସମୟ ମାଗିଥିଲେ । କମ୍ପାନୀର କନଫରେନ୍ସ ହଲରେ ଯୋଡା ପୋଲିସର ଉପସ୍ଥିତିରେ ଏକ ସମାଧାନ ବୈଠକ ହୋଇଥିଲା । ଏହି ବୈଠକରେ ଟାଟାଷ୍ଟିଲ ସ୍ୱଞ୍ଜ ଆଇରନ ଲିମିଟେଡ ପକ୍ଷରୁ ରୋ-ମେଟେରିଆଲ ଆଣ୍ଡ ଲଜିଷ୍ଟିକ ଏରିଆ ମ୍ୟାନେଜର ରାଜ ଶେଖର ସିରିକୁଲି, ମ୍ୟାନେଜର ତ୍ରିଲୋଚନ ପଲେଇ, ସିନିଅର ଅଧିକାରୀ ଶରତ କୁମାର ମାଝୀ, ଲଜିଷ୍ଟିକ ସୋଲୁସନ ଠିକା ସଂସ୍ଥା ମାଲିକ କୈଳାଶ ଅଗ୍ରୱାଲ ଓ ରଞ୍ଜିତ ମହାକୁଡଙ୍କ ନେତୃତ୍ୱରେ ପ୍ରଭାବିତ ଗ୍ରାମବାସୀ ମଙ୍ଗଳ ମୁଣ୍ଡା,ସୋମବାରି ମୁଣ୍ଡା, ପୂର୍ଣ୍ଣିମା ମୁଣ୍ଡା,ସାବିତ୍ରୀ ବେହେରା,ସଞ୍ଜୟ ପାତ୍ର, ଅଫତାବ ଆଲାମ ପ୍ରମୁଖ ଆଲୋଚନା ବୈଠକରେ ଉପସ୍ଥିତ ରହିଥିଲେ । ଗ୍ରାମବାସୀଙ୍କ ୬ଟି ଦାବି ମଧ୍ୟରୁ ଠିକା ସଂସ୍ଥା ପକ୍ଷରୁ ୪ଟି ଦାବି ପୂରଣ ପାଇଁ ଠିକା ସଂସ୍ଥା ମାଲିକ କୈଳାସ ଅଗ୍ରୱାଲ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ସେଗୁଡିକ ହେଲା ସ୍ୱଞ୍ଜ ଆଇରନ ବ୍ୟାଗ୍ ଷ୍ଟାକିଂ, ଲୁଜ/ଗ୍ରାଉଣ୍ଡ ସ୍ୱଞ୍ଜ ଆଇରନ ଷ୍ଟିଚିଂ, ଆଇରନ ଓର୍ ରେକ୍ ସିଲିଂ, ଲେବଲିଂ,ଲାଇନ୍ କ୍ଲିନିଂ ଓ ଲେବର ସପ୍ଲାଏ ପ୍ରଭୃତି ଦାବି ପୂରଣ କରିବାର ଠିକା ସଂସ୍ଥା ପକ୍ଷରୁ ସର୍ତ୍ତ ମାନି ନେଇଛି । ଏହା ପରେ ଟାଟାଷ୍ଟିଲ ସ୍ୱଞ୍ଜ ଆଇରନ ଲିମିଟେଡ କମ୍ପାନୀ ବିଲେଇପଦାର ମ୍ୟାନେଜିଂ ଡାଇରେକ୍ଟର ବିଭୁଦତ୍ତ ମହାନ୍ତିଙ୍କ ସହିତ ମଧ ପ୍ରଭାବିତ ଗ୍ରାମବାସୀ, ଠିକା ସଂସ୍ଥା ପକ୍ଷରୁ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇଥିଲା । ପ୍ରକାଶ ଯୋଗ୍ୟ କି,ନିଯୁକ୍ତି ଏବଂ ରେଲୱେ ସାଇଡ଼ିଂର ବିଭିନ୍ନ କାର୍ଯ୍ୟ ଗ୍ରାମ୍ୟ କମିଟି ଦ୍ୱାରା କରାଯିବାକୁ ଦାବି କରି ଶୁକ୍ରବାର କାଳିଆବେଡ଼ା ଓ ଭାଗଲପୁର ଗାଁର ଲୋକେ ରେଲୱେ ସାଇଡିଂ ଫାଟକ ଆଗରେ ଧାରଣା ଦେଇଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ଚାଷ ଜମି ଦଖଲ କରି କାରଖାନା ପ୍ରତିଷ୍ଠା କରିବା ହେତୁ ଏଠାକାର ଅଧିକାଂଶ ଆଦିବାସୀ ବେରୋଜଗାର ହୋଇଛନ୍ତି । ଯେଉଁ ଅଳ୍ପ କିଛି ଚାଷ ଜମି ଅଛି ସେଥିରେ କାରଖାନା ଓ ରେଲୱେ ସାଇଡିଂରୁ ନିର୍ଗତ ଦୂଷିତ ଜଳ ମାଡୁଥିବାରୁ ତାହା ଚାଷ ଉପଯୋଗୀ ହୋଇ ପାରୁନାହିଁ । ସ୍ଥାନୀୟ ଆଦିବାସୀ ବହୁ ମାତ୍ରାରେ ପ୍ରଭାବିତ ହେଉଥିଲେ ସୁଦ୍ଧା କମ୍ପାନୀ ଏଥିପ୍ରତି ଅଣଦେଖା କରି ଆସୁଚି। ଫଳରେ ପ୍ରଭାବିତ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏଣୁ ପ୍ରଭାବିତ ଗ୍ରାମବାସୀ କିପରି ରୋଜଗାରକ୍ଷମ ହୋଇପାରିବେ ତଥା ପରିବାର ପ୍ରତିପୋଷଣ କରି ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହୋଇପାରିବେ ସେଥିପାଇଁ ଏହି ସାଇଡିଂରେ କାମ କରୁଥିବା ଠିକା ସଂସ୍ଥା ଲଜିଷ୍ଟିକ୍ ସଲ୍ୟୁସନ୍ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟ ଗୁଡ଼ିକୁ ଗ୍ରାମ୍ୟ କମିଟି ଦ୍ୱାରା କରାଯିବାକୁ ଦାବି କରିଥିଲେ ।

# ଜାତୀୟ ନାଟକ ମହୋତ୍ସବ : ସମ୍ବର୍ଦ୍ଧିତ ହେବେ ବସନ୍ତ, ମନୋଜ, କାହ୍ନୁଚରଣ ଏବଂ ଆଶୁତୋଷ

ଭବାନୀପାଟଣା, ୪/୧୨ (ନି.ପ୍ର)- କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ଆସନ୍ତା ଡିସେମ୍ବର ୨୨ ତାରିଖଠାରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ସ୍ଥାନୀୟ ଟାଉନ୍ ହଲ୍ ଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ 'ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ - ୨୦୨୪' ଅନୁଷ୍ଠିତ ହେବ। ଏହି ମହୋତ୍ସବର ଉଦ୍‌ଘାଟନୀ ଦିବସରେ ନାଟ୍ୟକାର ମନୋଜ ରଥଙ୍କ ରଚିତ ଓ ସୌରଭ ମହାପାତ୍ରଙ୍କ ନିର୍ଦ୍ଦେଶିତ ସ୍ମାରକୀ ନାଟ୍ୟ ସଂସ୍ଥାର ନାଟକ 'ଜୟଯାତ୍ରା' ଓ ତଥାଗତ ମିଶ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ 'ଅର୍ଦ୍ଧବାକ୍ୟ' ନାଟକ ମଞ୍ଚସ୍ଥ ହେବ। ସେହିଭଳି ମହୋତ୍ସବର ଦ୍ୱିତୀୟ ଦିବସରେ ନାଟ୍ୟକାର ପ୍ରବୀର ଗୁହାଙ୍କ ରଚିତ ଓ ଶୁଭଦୀପ ଗୁହାଙ୍କ ନିର୍ଦ୍ଦେଶିତ ଅଲଟରନେଟିଭ ଲିଭିଂ ଥିଏଟର କଲିକତାର ନାଟକ 'ଲଙ୍ଗ୍ ମାର୍ଚ୍ଚ' ପ୍ରଦର୍ଶିତ ହେବ। ତୃତୀୟ ଦିବସରେ ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ ରଚିତ ଓ ନଳିନୀ ନିହାର ନାୟକଙ୍କ ନିର୍ଦ୍ଦେଶିତ ନିୟୁକ୍ୱେଷ୍ଟ ରିପୋର୍ଟ୍ରି ରାଉରକେଲାର ନାଟକ 'କାରାଗାରର କାହାଣୀ' ମଞ୍ଚସ୍ଥ ହେବ। ସେହିଭଳି ଉଦ୍‌ଯାପନୀ ଦିବସରେ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ରଚିତ ଓ ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ବାଗଦେବୀ ଲିଟରେଚର ଟ୍ରଷ୍ଟ, ଭୁବନେଶ୍ୱରର ନାଟକ 'ଜାତି ନନ୍ଦିଘୋଷ' ମଞ୍ଚସ୍ଥ ହେବ। ଏହି ଅବସରରେ ନାଟକ କ୍ଷେତ୍ରରେ କଳାହାଣ୍ଡି ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠରୁ କନିଷ୍ଠ ଚାରି ପିଢିର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବରିଷ୍ଠ ବର୍ଗରୁ କ୍ରମରେ ବିଶିଷ୍ଟ ଅଭିନେତା ବସନ୍ତ ପଣ୍ଡା, ମନୋଜ ଶର୍ମା, କାହ୍ନୁ ଚରଣ ଗଉଡ ଏବଂ ଆଶୁତୋଷ ପୁରୋହିତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ଏବଂ ସମ୍ପାଦକ ସୌରଭ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ବୈଠକରେ ବରିଷ୍ଠ ଅଭିନେତା ଶୁଭେନ୍ଦୁ ମହାପାତ୍ର, ଶଶାଙ୍କ ମହାପାତ୍ର, ଧାନାନନ୍ଦ ପଣ୍ଡା, ସୁଧୀର ରଥ, ଦେବୀ ପ୍ରସାଦ ରଥ, ରାଜେଶ ଦାଶ, ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ଶିବଶକ୍ତି ପୁରୋହିତ, ତଥାଗତ ମିଶ୍ର, ଅନିଲ ବୈଠାରୁ, ସୌମ୍ୟ ରଞ୍ଜନ ଜେନା, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଆଶୁତୋଷ ପୁରୋହିତ, ପ୍ରଜ୍ଞା ପରିମିତା ନାୟକ, କେ. ଗୋପିଧର ନାୟର, ରାମେଶ୍ୱର ତ୍ରିପାଠୀ, ଲିପ୍ସା ମହାରଣା, ଅବିନାଶ ଅଗସ୍ତି, ବିକାଶ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଶୁଭମ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ତୃଣମୂଳ ସ୍ତରରୁ ବୁଥ୍‌କୁ ଶକ୍ତିଶାଳୀ କରିବାକୁ ଆହ୍ୱାନ

କୁଚିଣ୍ଡା,୪।୧୨ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଟାଉନହଲ ଠାରେ ଜିଲ୍ଲାସ୍ତରୀୟ ଭାଜପା ସଦସ୍ୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କର୍ମଶାଳାରେ ସମ୍ବଲପୁର ଜିଲ୍ଲାର ରେଢାଖୋଲ,ରେଙ୍ଗାଲି, ସମ୍ବଲପୁର ଓ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭ ଗୋଟି ଜୋନରୁ ମଣ୍ଡଳ ସଭାପତି ଓ ସଦସ୍ୟତା ଟୋଲି (ଟିମ) ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଓ ନାଉରୀ ନାୟକ, ଜିଲ୍ଲା ସାଂଗଠନିକ ନିର୍ବାଚନ ଅଧିକାରୀ ଲଳିତେନ୍ଦୁ ମହାପାତ୍ର,ଜିଲ୍ଲା ନିର୍ବାଚନ ସମୀକ୍ଷକ ସବିତା ନନ୍ଦ,ଜିଲ୍ଲା ନିର୍ବାଚନ ସମୀକ୍ଷା ସମିତି ଅଧ୍ୟକ୍ଷ ଶୁଶିଳ କର,ଜିଲ୍ଲା ସଦସ୍ୟତା ସଂଯୋଜକ ରାଧେଶ୍ୟାମ ବାରିକ,ଜିଲ୍ଲା ସମୀକ୍ଷକ ବିଷ୍ଣୁ ରକ୍ଷିତ,ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ମେହେର ଓ ବିଭୂତି କଲ୍ୟାଣ ପଟେଲ ଯୋଗଦେଇଥିଲେ। ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଲକ୍ଷ୍ୟରେ ବୁଥକମିଟି ଗଠନ ପ୍ରକ୍ରିୟାକୁ ଆସନ୍ତା ୪,୫ ଓ ୬ ତାରିଖ ସୁଦ୍ଧା ସମାପ୍ତ କରିବାକୁ ନେତୃମଣ୍ଡଳୀ ଗୁରୁତ୍ୱାରୋପ କରିଥିଲେ। ଏତଦ୍ ବ୍ୟତିତ ରାଜ୍ୟ କମିଟି ନିର୍ଦ୍ଦେଶ ଅନୁଯାୟୀ ପର୍ଯ୍ୟାୟନୁକ୍ରମେ ୧୫ ତାରିଖ ମଧ୍ୟରେ ମଣ୍ଡଳ କମିଟି ଓ ୩୦ ତାରିଖ ମଧ୍ୟରେ ଜିଲ୍ଲା କମିଟି ଗଠନ କରିବା ଅବଧି ରହିଥିବା ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇଥିଲା।

# ପୋଷ୍ୟ ସନ୍ତାନ ଗ୍ରହଣ କଲେ ତାମିଲନାଡୁ ଦମ୍ପତି

ପାରଳାଖେମୁଣ୍ଡି,୪।୧୨ (ନିପ୍ର): ଗଜପତି ଜିଲ୍ଲାରୁ ୬୨ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ତାମିଲନାଡୁ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ। ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ଏକ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ।

# ଚାଷୀଙ୍କ ଆୟକୁ ଦୁଇଗୁଣିତ କରିବା ନିମନ୍ତେ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଆଲୋଚନା

ପାରଳାଖେମୁଣ୍ଡି,୪।୧୨ (ନିପ୍ର): ଗଜପତି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ ଗଜପତି ଷ୍ଟାଡିୟମ୍ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ନିର୍ମଳା ସେଠୀ, ଅଧକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି, ରାଜେନ୍ଦ୍ର ମିଞ୍ଜ ,ଅତିରିକ୍ତ ଜିଲ୍ଲାପାଳ ଗଜପତି, ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ପ୍ରମୁଖ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କୃଷି ମେଳାରେ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କର ସବୁ ବର୍ଗର ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠକୁ ରିହାତି ମୂଲ୍ୟରେ ବିଭିନ୍ନ ଯନ୍ତ୍ରପାତି ଯୋଗାଇ ଦେବର ବ୍ୟବସ୍ଥା କରାଯାଉଛି। କୃଷକମାନେ ଚାଷ ପ୍ରଣାଳୀର ମାନଦଣ୍ଡ ବୃଦ୍ଧି କରି କିଭଳି ଭଲ ଫସଲ ଅମଳ କରିପାରିବେ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଅଟେ । ସରକାରଙ୍କ ଦ୍ୱାରା ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରାଯିବ ଓ ଏହି ମେଳା ତା.୩ ରିଖ ଠାରୁ ତା.ରି୭ ଡିସେମ୍ବର ୨୦୨୪ରିଖ ପର୍ଯ୍ୟନ୍ତ ଚାଲୁ ରହିବ । ସମସ୍ତ ଅତିଥି ଗଜପତି ଜିଲ୍ଲାର ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଜିଲ୍ଲାର ସମସ୍ତ ଚାଷୀଙ୍କ ଉତ୍ପାଦକ କ୍ଷେତ୍ରରେ କମ୍ ସମୟରେ କେମିତି ଅଧିକରୁ ଅଧିକ ଫସଲ ଉତ୍ପାଦନ କରିପାରିବେ ଓ ରାଜ୍ୟ ସରକାର ଚାଷୀଙ୍କ ଉନ୍ନତିର ବିକାଶ ନିମନ୍ତେ କୃଷି ଯାନ୍ତ୍ରିକ ସୁବିଧା ଯୋଗାଇ ଦେବା ସହିତ ଆଜିର ଜିଲ୍ଲା କୃଷି ଯାନ୍ତ୍ରିକ ମେଳା ଆୟୋଜିତ କରାଯାଇଛି ବୋଲି ସମସ୍ତ ଚାଷୀଙ୍କୁ କହିଥିଲେ । ଚାଷୀମାନଙ୍କର ଆୟକୁ ଦୁଇ ଗୁଣିତ କରିବା ନିମନ୍ତେ ବୈଷୟିକ ଜ୍ଞାନ ଓ ଜୈବିକ ସାର ବ୍ୟବହାର କରିବା ସାଙ୍ଗକୁ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଆଲୋଚନା କରଯାଇଥିଲା। ମିଶ୍ରିତ ଫସଲର ଚାଷ, ଅର୍ଥକାରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତିର ସଠିକ୍ ଉପଯୋଗ ଓ ପରିଚଳନା ,ଉନ୍ନତ ମାନର ଯାନ୍ତ୍ରିକ କରଣ ସୁବିଧା ଓ ସୁଯୋଗ ନେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କୃଷକଙ୍କୁ ଭଲ ଚାଷ କରୁଥିବାରୁ ସେମାନଙ୍କୁ ମାନପତ୍ର ସହିତ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ମେଳାରେ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତର ଲୋକମାନଙ୍କୁ ସଚେତନତା କରାଯିବ । ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତା ଦେବା ସହିତ ସଚେତନ କରାଇବା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟ ମାନଙ୍କ ନିମନ୍ତେ ବିଶେଷ ରିହାତି ଓ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ବ୍ୟବସ୍ଥା, କୃଷି ଓ ଅଣ ସଂଗଠିତ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ପ୍ରଚାର ପ୍ରସାର ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ଉତ୍ପାଦନ ବୃଦ୍ଧିର ବ୍ୟବସ୍ଥା ଇତ୍ୟାଦି ଆଜିର ଏହି ମେଳାରେ ପ୍ରଦର୍ଶିତ କରାଯାଉଛି । ଏହି କୃଷି ଯନ୍ତ୍ରପାତି ମେଳା ୫୦ଗୋଟି ଷ୍ଟୋଲ୍ ଖୋଲା ଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ସହିତ ରିହାତି ଦରରେ ଯୋଗାଣ ବ୍ୟବସ୍ଥା କରାଯାଇଛି। ପରେ ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# 'ରାଜ୍ୟସ୍ତରୀୟ ପ୍ରାଚୀନ ସଂସ୍କୃତିରେ ପର୍ଯ୍ୟଟନ ସାହିତ୍ୟ' ଶୀର୍ଷକ କର୍ମଶାଳା ଓ ପୁରସ୍କାର ବିତରଣ ସମାରୋହ

କୋଣାର୍କ,୪।୧୨ (ନିପ୍ର): ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଆଶ୍ରମ ସ୍କୁଲ ଠାରେ କୋଣାର୍କ ଉତ୍ସବ ଅବସରରେ ପଞ୍ଚମ ବାର୍ଷିକ ରାଜ୍ୟ ସ୍ତରୀୟ ପ୍ରାଚୀନ ସଂସ୍କୃତିରେ ପର୍ଯ୍ୟଟନ ସାହିତ୍ୟ ଶୀର୍ଷକ କର୍ମଶାଳା ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବରିଷ୍ଠ ଐତିହ୍ୟ ବିଶାରଦ ତଥା ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା, ପୁରୀ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ନାୟକ, ବ୍ୟଙ୍ଗ ସମ୍ରାଟ ହାସ୍ୟ କୁମୁଦ ସମ୍ପଦ କୁମାର ରଥ, ଶିକ୍ଷାବିତ ରାମକୃଷ୍ଣ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରାଚୀନ ସଂସ୍କୃତିରେ ପର୍ଯ୍ୟଟନ ସାହିତ୍ୟର ଇତିହାସ, ବିଭିନ୍ନ ଦିଗ ଓ ଭବିଷ୍ୟତ ପିଢିମାନେ କିଭଳି ଏ ସମ୍ପର୍କରେ ଅବଗତ ହୋଇ ଏହାର ପୁନରୁଦ୍ଧାର ଓ ବିକାଶ ଦିଗରେ ଯତ୍ନବାନ ହୋଇପାରିବେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନଏସି ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ପର୍ଯ୍ୟଟନ ସ୍ଥଳୀ, ସଂସ୍କୃତି ଓ ପରମ୍ପରା ଉପରେ ଆୟୋଜିତ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ସମ୍ବନ୍ଧରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ କପସିଲ ଓ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

# ପରିବାର ଦାମ୍ ଶୁଣି ଖାଉଟିଙ୍କୁ ଜ୍ୱର, ଯାହା ଛୁଇଁଲେ ଚାଳିଶ ପାର

କାକଟପୁର,୪।୧୨ (ନିପ୍ର): ଏବେ ଆସିଛି ଶୀତ ଦିନ । ବିଭିନ୍ନ ଗାଁ ଗଣ୍ଡାରେ ଲୋକମାନେ ବିଭିନ୍ନ ପନିପରିବା ଚାଷ ଯଥା ଟମାଟ, କୋଶଳା ଶାଗ, ବିନ ଛୁଇଁ, ମୂଳା, କୋବିର ସାଧାରଣତଃ ଦାମ କମ୍ ରୁହେ । ହେଲେ ଏବେ ନାହିଁ ନଥିବା ଦାମ ସକାଶେ ଖାଉଟିଙ୍କୁ ପରିବାର ଦାମ ଶୁଣି ଦେହରେ ଜ୍ୱର ଆସୁଛି। ଆଉ କିଣିବେ କଣ ? ଚାଲିଛି ମାର୍ଗଶିର ମାସ ଗୁରୁବାର ବର୍ତ୍ତମାନ କୋଶଳା ୩ ବିଡ଼ାକୁ କୋଡିଏ ପୁଣି ସେ ବିଡ଼ା ନୁହେଁ ମାତ୍ର ୫, ୬ ଟି ଗଛକୁ ନେଇ ବିଡ଼ା ହେଲେ ଗ୍ରାମାଞ୍ଚଳରେ ଲୋକମାନଙ୍କ ପ୍ରମୁଖ ଖାଦ୍ୟ କଞ୍ଚାପରିବାକୁ ଆଳୁ, ସହଜରେ ବର୍ତ୍ତମାନ ଆଳୁ ରେଟ ଆକାଶ ଛୁଆଁ । ପଶ୍ଚିମବଙ୍ଗରୁ ଆଳୁ ଆସୁଥିଲା ଆଉ ସୁଲଭ ମୂଲ୍ୟରେ ଖାଉଟି ଆଳୁ ପାଉଥିଲେ କିନ୍ତୁ ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ବନ୍ଦ ହେଇଯିବା ପରେ ଏବେ ସରକାର ଉତ୍ତରପ୍ରଦେଶ ଆଳୁ ରାଜ୍ୟକୁ ଆଣୁଛନ୍ତି। କିନ୍ତୁ ଗୋଟେ ପଟେ ବ୍ୟବସାୟୀ କହୁଛନ୍ତି ପଶ୍ଚିମବଙ୍ଗ ଆଳୁ ବନ୍ଦ। କିନ୍ତୁ ବଜାରରେ ଗଛିତ ହୋଇ ୧କିଲୋକୁ ଚାଳିଶରୁ ଷାଠିଏ ଟଙ୍କାରେ ବିକ୍ରିକରାଯାଉଛି। ତାହେଲେ ଏଥିରୁ ସ୍ପଷ୍ଟ ପ୍ରମାଣ ଅଛି ଏହା ଷ୍ଟକ ଆଳୁ କିନ୍ତୁ ଏହାକୁ ଭିନ୍ନଭିନ୍ନ ଚାଟୁକାର ବ୍ୟବସାୟୀ ଖାଉଟିଙ୍କୁ ଭୁଆଁ ବୁଲାଇ ଠକୁଛନ୍ତି। କିନ୍ତୁ ଏହି ବାବଦରେ ଯୋଗାଣ ବିଭାଗ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ଅଭିନୟ ପରିପ୍ରକାଶ କରୁଛନ୍ତି । ଅନ୍ୟ ପଟେ କହିବାକୁ ଗଲେ ଆଳୁକୁ ଢାଲ କରି ଏବେ ଅନ୍ୟ କଞ୍ଚାପରିବାରେ ହାତ ମାରିହଉନି। ଯାହାକୁ ଛୁଇଁଲେ ପରିବା ଚାଳିଶ ଟଙ୍କା ତଳକୁ ନାହିଁ, ବାଇଗଣ, ବୀନ, କୋବି, ଝୁଡ଼ଙ୍ଗ, ପୋଟଳ, ଭେଣ୍ଡି ଏହିଭଳି କଞ୍ଚାପରିବା ମାର୍ଗଶିର ମାସରେ ରେଟ ସ୍ୱାଭାବିକ ରୁହେ । କିନ୍ତୁ ଏହି ସବୁ ସବୁଜ ପରିବା ଏବେ ଚାଳିଶ ରୁ ଉର୍ଦ୍ଧ୍ୱ ଟଙ୍କା ଓ ଅନେକ ବ୍ୟବସାୟୀ ୬୦ ରୁ ୭୦ ଟଙ୍କାରେ ବିକ୍ରି କରୁଛନ୍ତି । ଅସ୍ତରଙ୍ଗ ଉପକୂଳ ଦୋକଷି ପଟୁ ତଥା ନଦୀ ପଠାରେ ପର୍ଯ୍ୟାପ୍ତ ପରିମାଣ ରେ କଞ୍ଚା ପରିବା ଅମଳ ହେଉଥିବା ବେଳେ ଆମ ବ୍ୟବସାୟୀମାନେ ଗ୍ରାହକଙ୍କୁ ମିଛ



କହି ଅନେକ ଟଙ୍କା ଲୁଟୁଛନ୍ତି । ବ୍ରହ୍ମପୁର, ଗଞ୍ଜାମ, ଛତ୍ରପୁର, ବାଲେଶ୍ୱର, ଯାଜପୁର ଏହିଭଳି ସ୍ଥାନରୁ ପରିବା ଆସୁଛି ଆଉ ଏହାକୁ ଆମେ ଉଚ୍ଚ ଦରରେ ବିକ୍ରି କରୁଛୁ। ଯାହାକୁ ନେଇ ଗ୍ରାହକ ମାନଙ୍କ ଭିତରେ ଏକ ପ୍ରକାର ଅସନ୍ତୋଷ ପ୍ରକାଶ ପାଇଛି, ସାଧାରଣତଃ ଗ୍ରାମାଞ୍ଚଳରେ କାର୍ତ୍ତିକ ମାସ ରୁ ମାଘ ମାସ ପର୍ଯ୍ୟନ୍ତ ବିଭିନ୍ନ ଓଷା ବ୍ରତ ପାଇଁ କଞ୍ଚା ପରିବାର ଆବଶ୍ୟକ ଅଧିକ ଥାଏ ଆଉ ଯାହାର ଭରପୂର ଫାଇଦା ଉଠାଉଛନ୍ତି କିଛି ଅସାଧୁ ବ୍ୟବସାୟୀ । କଞ୍ଚାଲଙ୍କାର ମୂଲ୍ୟ ୨୦୦ ଟଙ୍କା କେଜି ଥିବା ବେଳେ ଧନିଆପତ୍ର ୧୦୦ ଗ୍ରାମକୁ ୨୫ ରୁ ୩୦ ଟଙ୍କାରେ ବିକ୍ରି କରାଯାଉଛି। ଯାହା ଅତ୍ୟନ୍ତ ଲଜ୍ଜାଜନକ କଥା । ଅସ୍ତରଙ୍ଗ ଅଞ୍ଚଳରେ ଶନିବାର ଓ ମଙ୍ଗଳବାର ସାପ୍ତାହିକ ହାଟରେ ନିର୍ଭରକରି ଚଳୁଥିବା ଖାଉଟି ଯେତେବେଳେ ହାଟକୁ ଆସୁଛନ୍ତି ପରିବା କିଣୁଛନ୍ତି । ସତ କିନ୍ତୁ ସାଧାରଣ ରେ ଗୋଟେ ଦିନମଜୁରିଆ ରେ ଦିନକର ମଜୁରୀ ହାଟ ବ୍ୟାଗକୁ ଅପୂରଣୀୟ ରଖୁଛି, ଯାହା ଅତ୍ୟନ୍ତ କଷ୍ଟଦାୟକ ପରିସ୍ଥିତି ଖାଉଟି ଓ ଦିନମଜୁରିଆଙ୍କ ଜୀବନ ରେ ଘଟୁଛି, ଏ ବାବଦରେ ଏହି ପ୍ରତିନିଧି ଅସ୍ତରଙ୍ଗ ଯୋଗାଣ ବିଭାଗ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ମତାମତ ଲୋଡ଼ିଥିଲେ। ଆଗାମୀ ଦିନ ରେ ଏ ବାବଦରେ ତଦନ୍ତ କରାଯିବ ବୋଲି ଅଧିକାରୀ କହିଛନ୍ତି ।

# ଦିବ୍ୟାଙ୍ଗ ସମାଜର ଅବିଚ୍ଛେଦ୍ୟ ଅଙ୍ଗ

ନବରଙ୍ଗପୁର,୪।୧୨(ନି.ପ୍ର): ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ-୨୦୨୪ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ଯୋଗଦେଇ ଭିନ୍ନକ୍ଷମ ଆଜି ଅକ୍ଷମ ନୁହନ୍ତି ବରଂ ବହୁ ଗୁଣରେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ବୋଲି କହିଥିଲେ। ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସେମାନେ ନିଜକୁ କୌଣସି ଗୁଣରେ କମ୍ ଭାବିବା ଉଚିତ୍ ନୁହେଁ। ଜୀବନର ଯେ କୌଣସି ସମସ୍ୟାର ମୁକାବିଲା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଚିତ୍। ଅନ୍ୟତମ ସମ୍ମାନୀୟ ଅତିଥି ରୂପରେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ଅତିରିକ୍ତ ପୋଲିସ ଅଧିକାରୀ ବଟକୃଷ୍ଣ ମିଶ୍ର,ପୌରପାଳୀକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଜିଲ୍ଲା ଭିନ୍ନକ୍ଷମ ସଂଘ ସମ୍ପାଦକ ସୁଜିତ୍ ରଥ,ଜିଲ୍ଲା ଭିନ୍ନକ୍ଷମ ପୁର୍ନବାସ ଅଧିକାରୀ ବିଭୁଦତ୍ତ ସେଠୀ ସହିତ ଅତୀତରେ ଥିବା ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସହିତ ବର୍ତ୍ତମାନ କାର୍ଯ୍ୟରତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ । ଏହି ଅବସରରେ ମା ଭଣ୍ଡାର ଘରଣୀଙ୍କ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଭିନ୍ନକ୍ଷମଙ୍କ ସଚେତନତା ବାର୍ତା ଦେଇ ସ୍ଥାନୀୟ ସାଇ କଲ୍ୟାଣମଣ୍ଡପ ଠାରେ ପହଞ୍ଚିଥିଲା । ଶୋଭାଯାତ୍ରାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଓ ଡିଏସଏସଓ ସୁଧାଂଶୁ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ,ନାଚ ଖେଳ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବ୍ଲକସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଆର୍ଥିକ ପ୍ରୋତ୍ସାହନ ଦିଆ ଯାଇଥିଲା ।

# ବାପା, ମା' ଓ ଝିଅଙ୍କୁ ଛୁରୀ ଭୁଷି ହତ୍ୟା

ନୂଆଦିଲ୍ଲୀ,୪।୧୨ : ଦକ୍ଷିଣ ଦିଲ୍ଲୀର ନେବ ସରାୟରେ ଆଜି ସକାଳେ ଜଣେ ବ୍ୟକ୍ତି, ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକମାନେ ହେଉଛନ୍ତି – ରାଜେଶ (୫୩), କୋମଲ (୪୭) ଓ କବିତା (୨୩)। ମିଳିଥିବା ରିପୋର୍ଟ ଅନୁଯାୟୀ, ରାଜେଶଙ୍କ ପୁଅ ଆଜି ସକାଳ ପ୍ରାୟ ୫ଟା ବେଳେ ମର୍ଣ୍ଣିଂ ୱାକରେ ବାହାରି ଯାଇଥିଲେ। ସେ ଘରକୁ ଫେରିବା ପରେ ତାଙ୍କ ବାପା, ମା ଓ ଭଉଣୀଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିଲା। ସେମାନଙ୍କୁ ସମସ୍ତଙ୍କୁ ଛୁରୀ ବା କୌଣସି ଧାରୁଆ ଅସ୍ତ୍ରରେ ଭୁଷି ଦିଆଯାଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଘରୁ କୌଣସି ଜିନିଷ ଚୋରି ହୋଇନାହିଁ କିଛି ଭଙ୍ଗାରୁଜା କରାଯାଇନାହିଁ। ମୃତ ରାଜେଶଙ୍କର ଜଣେ ପଡ଼ୋଶୀ କହିଛନ୍ତି, ତାଙ୍କ ପୁଅର ପାଟି ଶୁଣି ଆମେ ଦୌଡ଼ି ଆସିଥିଲୁ। ସେ କହିଥିଲେ ଯେ ସେ ମର୍ଣ୍ଣିଂ ୱାକରେ ଯାଇଥିଲେ। ଫେରିବା ପରେ ତାଙ୍କ ବାପା, ମା ଓ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ। ଆଜି ତାଙ୍କ ବାପାମା'ଙ୍କ ବିବାହ ବାର୍ଷିକୀ ଥିଲା ବୋଲି ସେ କହିଥିଲେ। ସେମାନଙ୍କୁ ଅଭିନନ୍ଦନ ଜଣାଇବା ପରେ ସେ ମର୍ଣ୍ଣିଂ ୱାକରେ ଯାଇଥିଲେ।

# ମାତା ବୈଷ୍ଣୋଦେବୀଙ୍କ ମନ୍ଦିରର ଶିଢ଼ି ଚଢ଼ିଚଢ଼ି ଯାଉଛି ବାଘ



ନୂଆଦିଲ୍ଲୀ,୪।୧୨ : ଜାମ୍ମୁ-କାଶ୍ମୀରରେ ଥିବା ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ପ୍ରତିବର୍ଷ ଦେଶବିଦେଶରୁ ଲକ୍ଷଲକ୍ଷ ଭକ୍ତ ଆସି ପହଞ୍ଚି ଥାଆନ୍ତି। ଏହି କାରଣରୁ ଏହି ରାସ୍ତା ଦେଇ ଆସୁଥିବା ବସ, ଟ୍ରେନରେ ସବୁବେଳେ ଯାତ୍ରୀଙ୍କ ଭିଡ଼ ଲାଗି ରହିଥାଏ। ଏମିତି କିଛି ଭକ୍ତ ଅଛନ୍ତି ଯେଉଁମାନେ ପ୍ରତିବର୍ଷ ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯାଇଥାଆନ୍ତି। ସମୟସମୟରେ ମାତା ବୈଷ୍ଣୋଦେବୀଙ୍କର ଅନେକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥାଏ। ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ଭିଡିଓରେ ଦେଖିବାକୁ ମିଳୁଛି ରାତିରେ ମାତା ବୈଷ୍ଣୋଦେବୀଙ୍କ ମନ୍ଦିରର ଶିଢ଼ି ଦେଇ ଏକ ବାଘ ଚଢୁଛି। ଏହି ସମୟରେ ଶିଢ଼ି ପାର୍ଶ୍ୱରେ ଅନେକ ଭକ୍ତ ଛିଡ଼ା ହୋଇଥିବା ଭିଡିଓରେ ଦେଖିବାକୁ ମିଳୁଛି। ଏହି ବାଘକୁ ଦେଖି କିଛିଲୋକ ତାକୁ ଘଉଡାଇବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟମାନେ ଏହି ଘଟଣାର ଭିଡିଓ ରେକର୍ଡ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ମନ୍ଦିର ପରିସରରେ ଲୋକଙ୍କ ଭିଡ଼ ଲାଗି ରହିଥିବା ସତ୍ତ୍ୱେ ବାଘଟି କାହାକୁ କିଛି କ୍ଷତି ପହଞ୍ଚାଇ ନଥିଲା। ଆପଣାଛାଏଁ ନିଜ ବାଟରେ ଚାଲି ଯାଇଥିଲା। ମା'ଙ୍କ ମନ୍ଦିର ପରିସରରେ ବାଘକୁ ଦେଖିବା ପରେ ଭକ୍ତମାନେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ମା' ଯେମିତି ଉକ୍ତ ବାଘ ପିଠିରେ ବସି ମନ୍ଦିରକୁ ଆସିବା ଭଳି ଲାଗୁଛି।'

# ସାରା ତେନ୍ଦୁଲକର ହେଲେ ଏନଜିଓ ଡାଇରେକ୍ଟର

ମୁମ୍ବାଇ ୪।୧୨ : ସଚ୍ଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ଡାଇରେକ୍ଟର ନିଯୁକ୍ତି ପାଇଛନ୍ତି। ସଚ୍ଚିନ ଖୁସିରେ ନିଜେ ଏହି କଥା ଘୋଷଣା କରିଛନ୍ତି। ସଚ୍ଚିନ ତେନ୍ଦୁଲକର ଇଷ୍ଟାଗ୍ରାମରେ ତାଙ୍କ ଝିଅଙ୍କ ନୂଆ କାମକୁ ନେଇ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ ଏହା ଜଣାଇବାକୁ ଖୁସି ଲାଗୁଛି ସଚ୍ଚିନ ତେନ୍ଦୁଲକର ଫାଉଣ୍ଡେସନରେ ସାରା ତେନ୍ଦୁଲକର ଡାଇରେକ୍ଟର ପଦବୀରେ ଯୋଗ ଦେଇଛନ୍ତି। ସଚ୍ଚିନ ତେନ୍ଦୁଲକର ଫାଉଣ୍ଡେସନ ଭାରତର ଦିଗ୍ଗଜ କ୍ରିକେଟରଙ୍କ ଦ୍ୱାରା ଚଳାଯାଉଥିବା ଏକ ଏନଜିଓ। ଏହି ଏନଜିଓ ପିଲାଙ୍କ ବିକାଶ, ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ଏକ ଅନୁଷ୍ଠାନ। ସାରା ତେନ୍ଦୁଲକର ଲଣ୍ଡନ ୟୁନିଭର୍ସିଟି କଲେଜରୁ କ୍ଲିନିକାଲ ଆଣ୍ଡ ପବ୍ଲିକ୍ ହେଲଥ ନ୍ୟୁଟ୍ରିସନରେ ମାଷ୍ଟରଡିଗ୍ରି ପ୍ରାପ୍ତ କରିଛନ୍ତି। ଏହି ବର୍ଷ ସାରାଙ୍କ ପାଠପଢା ଶେଷ ହୋଇଛି ଓ ସେ ସଚ୍ଚିନ ତେନ୍ଦୁଲକର ଫାଉଣ୍ଡେସନରେ କାମ କରିବେ। ମାଷ୍ଟରଡିଗ୍ରି ପଢୁଥିବା କାଳରେ ସାରା ଅନେକ ଥର ତାଙ୍କ ପିତାଙ୍କ ଏନଜିଓ ଯାଇଛନ୍ତି। ଏଥିରୁ ଜଣାପଡୁଥିଲା ତାଙ୍କର ମନ ପିଲାଙ୍କ ଶିକ୍ଷା ଓ ବିକାଶ କ୍ଷେତ୍ରରେ ରହିଛି।

# ଭୂକମ୍ପରେ ଥରିଲା ତେଲେଙ୍ଗାନା-ହାଇଦ୍ରାବାଦ-ମହାରାଷ୍ଟ୍ର

ହାଇଦ୍ରାବାଦ,୪।୧୨ : ତେଲେଙ୍ଗାନା-ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ବୁଧବାର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୩ ରହିଥିଲା। କେବଳ ଏତିକି ନୁହେଁ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଛି। ସକାଳ ୭.୨୦ରୁ ୭.୨୬ ମଧ୍ୟରେ ଲୋକେ ଭୂକମ୍ପର କମ୍ପନ ଅନୁଭବ କରାଯାଇଛି। ହାଇଦ୍ରାବାଦ, ହନୁମାକୋଣ୍ଡା, ୱାରଙ୍ଗାଲ, କାମାମ୍, ରଙ୍ଗାରେଡ୍ଡି, ଭଦ୍ରାଦ୍ରୀ କୋଥାଗୁଡେମ୍, ଜଗାୟାପେଟ, ମନୁଗୁରୁ, ଗୋଦାବରୀ ଖାନି, ଭୁପାଲପାଲି, ଚାର୍ଲା, ଚିଣ୍ଟାକାନି, ଭଦ୍ରାଚାଲମ, ବିଜୟୱାଡ଼ା, ଜଗ୍ଗୁୟାପୁର, ତିରୁବୁରୁ, ଚେନ୍ନୁର, ଜୟପୁର ମଣ୍ଡଳ, ମଞ୍ଚିରୟାଲା ଆଦି ଅଞ୍ଚଳରେ ଲୋକମାନେ ସେମାନଙ୍କ ଘର ଏବଂ ଆପାର୍ଟମେଣ୍ଟରୁ ବାହାରି ଆସିଥିଲେ।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନେଇ ଆମେରିକା ଚିନ୍ତିତ

ୱାଶିଂଟନ,୪।୧୨ : ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବା ମଧ୍ୟରେ ଆମେରିକା ଧାର୍ମିକ ସ୍ୱାଧୀନତା ତଥା ମାନବିକ ଅଧିକାର ପ୍ରତି ସମ୍ମାନ ସମ୍ପର୍କରେ ଆହ୍ୱାନ କରିଛି। ବାଂଲାଦେଶରେ ସଂଖ୍ୟାଲଘୁ ବିଶେଷ କରି ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି। ଆମେରିକାର ବୈଦେଶିକ ବିଭାଗର ଉପମୁଖପାତ୍ର ବେଦାନ୍ତ ପଟେଲ ୱାଶିଂଟନରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ସମୟରେ କହିଛନ୍ତି ଯେ ଆମେ ସ୍ପଷ୍ଟ ଯେ ମୌଳିକ ସ୍ୱାଧୀନତାକୁ ସମ୍ମାନ ଦିଆଯିବା ଆବଶ୍ୟକ। ପଟେଲ କହିଛନ୍ତି,ସରକାର ଆଇନ ଶୃଙ୍ଖଳା ପାଳନ କରିବା ସହ ନାଗରିକଙ୍କ ମାନବିକ ଅଧିକାରର ସୁରକ୍ଷା କରିବା ଆବଶ୍ୟକ। ସେ କହିଛନ୍ତି, କୌଣସି ପ୍ରକାର ବିରୋଧ ଶାନ୍ତିପୂର୍ଣ୍ଣ ହେବା ଉଚିତ୍। ଏକ ପ୍ରଶ୍ନର ଉତ୍ତରରେ ପଟେଲ କହିଛନ୍ତି, ଆମେ ଜୋର୍ ଦେଉଛୁ ଯେ ଗିରଫ ବ୍ୟକ୍ତିମାନେ ମାନବିକ ଅଧିକାର ଅନୁଯାୟୀ ଉପଯୁକ୍ତ ଆଇନ ସହାୟତା ଏବଂ ଚିକିତ୍ସା ପାଇବା ଉଚିତ୍। ଏହି ସମୟରେ, ଆମେରିକାର କଂଗ୍ରେସ କର୍ମୀ ବ୍ରାଡ ଶରମାନ ଏକ ବିବୃତିରେ କହିଛନ୍ତି, ହିନ୍ଦୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ତଥା ହଜାର ହଜାର ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହୋଇଥିବା ଆକ୍ରମଣ ତଥା ନିର୍ଯାତନାର ମୁକାବିଲା କରିବା ପାଇଁ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ରହିଛି।

## ଗୃହ ବିଭାଗର ଚାଞ୍ଚଲ୍ୟକର ତଥ୍ୟ

# ଆତ୍ମହତ୍ୟା କରିଛନ୍ତି ୭୩୦ ଯବାନ, ୫୫ ହଜାର ଦେଇଛନ୍ତି ଇସ୍ତଫା



ନୂଆଦିଲ୍ଲୀ,୪।୧୨: ଦୀର୍ଘ ସମୟର ଡ୍ୟୁଟି ଏବଂ ନିଦ୍ରା ଅଭାବରୁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ)ରେ ନିୟୋଜିତ ସୈନିକମାନେ କେବଳ ଆତ୍ମହତ୍ୟା କରୁନାହାଁନ୍ତି ବରଂ ସେବା ସମାପ୍ତ ହେବା ପୂର୍ବରୁ ମଧ୍ୟ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରୁଛନ୍ତି। ଗୃହ ମନ୍ତ୍ରଣାଳୟ ଗୁରୁବାର ରାଜ୍ୟସଭାରେ ରଖିଥିବା ତଥ୍ୟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ(ସିଏପିଏଫ),ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ(ଏନ୍‌ଏସଜି), ଆସାମ ରାଇଫଲ୍ସ(ଏଆର) ପରି ଅର୍ଦ୍ଧ ସାମରିକ ବଳର ୭୩୦ ଜଣ ଯବାନ ଆତ୍ମହତ୍ୟା କରିଛନ୍ତି। ୨୦୨୦ରେ ୧୪୪ ଜଣ ଯବାନ ଆତ୍ମହତ୍ୟା କରିଥିବାବେଳେ ୨୦୨୧ରେ ୧୫୭, ୨୦୨୨ରେ ୧୩୮, ୨୦୨୩ରେ ୧୫୭ ଏବଂ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୩୪ ଜଣ ଯବାନ ଆତ୍ମହତ୍ୟା କରିଥିବା ନେଇ ବୁଧବାର ରାଜ୍ୟ ସଭାର ପ୍ରଶ୍ନ କାଳରେ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି। ସେହିପରି ଏହି ଅବଧି ମଧ୍ୟରେ ୫୫,୫୫୫ ଜଣ ଯବାନ ଇସ୍ତଫା ଦେଇଛନ୍ତି କିମ୍ବା ଇଚ୍ଛାଧୀନ ଭାବେ ଅବସର ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୭,୬୬୪ ଜଣ ଯବାନ ଇସ୍ତଫା ଦେଇଥିବାବେଳେ ୪୭,୮୯୧ ଜଣ ଯବାନ ଇଚ୍ଛାଧୀନ ଅବସର ଗ୍ରହଣ କରିଛନ୍ତି। ତେବେ ଅଧିକାଂଶ ଆତ୍ମହତ୍ୟା ବ୍ୟକ୍ତିଗତ କାରଣ ଯୋଗୁ ହୋଇଥିବା ନିତ୍ୟାନନ୍ଦ କହିଛନ୍ତି। ଖାସକରି ସ୍ତ୍ରୀ କିମ୍ବା ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ, ଛାଡ଼ପତ୍ର, ଆର୍ଥିକ ସମସ୍ୟା, ପିଲାମାନଙ୍କ ପାଇଁ ପର୍ଯ୍ୟାପ୍ତ ଶିକ୍ଷା ସୁଯୋଗର ଅଭାବ ଆଦି କାରଣ ଯୋଗୁ ଯବାନମାନେ ଆତ୍ମହତ୍ୟା କରୁଛନ୍ତି। ଅର୍ଦ୍ଧସାମରିକ ବଳର ଯବାନମାନଙ୍କ ଆତ୍ମହତ୍ୟା ବୃଦ୍ଧିର କାରଣକୁ ଅଧ୍ୟୟନ କରୁଥିବା ଟାସ୍କଫୋର୍ସ ନିଜ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ କରିଛି। ତେବେ ଘରୁ ଛୁଟି ସାରି କାର୍ଯ୍ୟକୁ ଫେରିବା ପରେ ୮୦% ଯବାନ ଆତ୍ମହତ୍ୟା କରିଥିବା ଏହି ରିପୋର୍ଟ କହିଛି। ତେବେ ଅର୍ଦ୍ଧସାମରିକ ବଳର ଯବାନମାନଙ୍କ ଆତ୍ମହତ୍ୟା ରୋକିବା ଦିଗରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ '୧୦୦ ଦିନ ଛୁଟି' ନୀତିକୁ କାର୍ଯ୍ୟକାରୀ କରିଛନ୍ତି। ଚଳିତ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ଅର୍ଦ୍ଧ ସାମରିକ ବଳର ୬,୩୦୨ ଜଣ ଯବାନ ଏହି ନୂତନ ଛୁଟି ନୀତି ଅନ୍ତର୍ଗତ ପରିବାର ସହ ୧୦୦ ଦିନ ବିତାଇଥିବା ନେଇ ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

# ଲୋକସଭାରେ ବ୍ୟାଙ୍କିଙ୍ଗ ଆମେଣ୍ଡମେଣ୍ଟ ବିଲ-୨୦୨୪ ଗୃହୀତ



ନୂଆଦିଲ୍ଲୀ ୪।୧୨: ଲୋକସଭାରେ ବ୍ୟାଙ୍କିଙ୍ଗ ଆମେଣ୍ଡମେଣ୍ଟ ବିଲ-୨୦୨୪ ଗୃହୀତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୃହରେ ବିଧେୟକ ଉପସ୍ଥାପନ କରି ଏହାର ୧୯ଟି ସଂଶୋଧନ ଉପରେ ଚର୍ଚ୍ଚା କରିଛନ୍ତି। ଏହି ବିଧେୟକ ଗୃହୀତ ହେବା ପରେ ବ୍ୟାଙ୍କ ଖାତାଧାରୀଙ୍କୁ ଆକାଉଣ୍ଟରୁ ଆରମ୍ଭ କରି ଫିକ୍ସ ଡିପୋଜିଟ(ଏଫଡି) ପର୍ଯ୍ୟନ୍ତ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଗ୍ରାହକଙ୍କୁ ସୁବିଧା ଓ ବ୍ୟାଙ୍କିଙ୍ଗ ସିଷ୍ଟମକୁ ଶରଳ କରିବା ପାଇଁ ଏହି ସଂଶୋଧନକୁ ଗୃହୀତ କରାଯାଇଛି। ଲୋକସଭାରେ ବ୍ୟାଙ୍କିଙ୍ଗ ଲ ଆମେଣ୍ଡମେଣ୍ଟ ବିଲ-୨୦୨୪ଗୃହୀତ ହେବା ପରେ ଆକାଉଣ୍ଟଧାରୀଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଆରମ୍ଭ କରି ମିଆଦି ଜମା କ୍ଷେତ୍ରରେ ଜଣକ ଜାଗାରେ ୪ ଜଣ ନୋମିନୀ ଯୋଡିବାକୁ ଅଧିକାର ମିଳିବ। ଏପର୍ଯ୍ୟନ୍ତ ବ୍ୟାଙ୍କ ଆକାଉଣ୍ଟରେ ଖାତାଧାରୀଙ୍କୁ ମାତ୍ର ଜଣକୁ ନୋମିନୀ ରଖିବାକୁ ଅନୁମତି ଦିଆଯାଉଥିଲା। ନିୟମରେ ଏପରି ପରିବର୍ତ୍ତନ ଅନକ୍ଲେମଡ ଏମାଉଣ୍ଟକୁ ଉଚିତ ଉତ୍ତରାଧିକାରୀଙ୍କୁ ପ୍ରଦାନ ନିମନ୍ତେ କରାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ତଥ୍ୟ ମୁତାବକ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଙ୍କରେ ପାଖାପାଖି ୭୮,୦୦୦ କୋଟି ଟଙ୍କା ଅନକ୍ଲେମଡ ରାଶି ଭାବେ ପଡିରହିଛି। ବ୍ୟାଙ୍କ ଆକାଉଣ୍ଟ ହେଉ କି ମିଆଦି ଜମା (ଏଫଡି) ଏଥିରେ ସର୍ବାଧିକ ୪ ନୋମିନୀ ନାମିତ ହେବା ଯୋଗୁ ଖାତାଧାରକ ଏକାଠି ସବୁ ନୋମିନୀଙ୍କୁ ଅର୍ଥ ଫେରାଇବାକୁ ପଡିବ କି ପ୍ରତି ନୋମିନୀ ଅନୁସାରେ କେତେ ଲେଖାଏଁ ଦେବେ ତାହା ନିଜେ ପରାମର୍ଶ କରିପାରିବେ। ସେହିପରି ଦ୍ୱିତୀୟ ଉପାୟରେ ଖାତାଧାରକ କ୍ରମାଙ୍କରେ ନୋମିନୀଙ୍କୁ ରଖିପାରିବେ। କାହାପରେ କାହାକୁ କେତେ ରାଶି ଦେବାକୁ ହେବ ତାହା ମଧ୍ୟ ଖାତାଧାରକ ପରାମର୍ଶ କରିପାରିବେ। ଏହି ଉପାୟରେ ନୋମିନୀମାନଙ୍କୁ ଜଣକ ପରେ ଜଣେ ବ୍ୟାଙ୍କରୁ ସଞ୍ଚୟକାରୀଙ୍କ ଶେଷ ଅର୍ଥ ପାଇପାରିବେ। ନୂଆ ନିୟମରେ ଆକାଉଣ୍ଟ ହୋଲ୍ଡରଙ୍କ ପରିବାରକୁ ସଞ୍ଚିତ ବଳକା ରାଶି ପହଞ୍ଚାଇବାରେ ବ୍ୟାଙ୍କକୁ ସୁବିଧା ହେବ। ଏହା ଛଡା ନୂଆ ବ୍ୟାଙ୍କିଙ୍ଗ ବିଲ ଅନୁସାରେ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ଡାଇରେକ୍ଟର୍ସ ଷ୍ଟେଟ କୋ-ଅପରେଟିଭ ବ୍ୟାଙ୍କରେ କାମ କରିପାରିବେ। ସେହିପରି ବିଧେୟକରେ କୋ-ଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳକୁ ୮ ବର୍ଷରୁ ବଢାଇ ୧୦ ବର୍ଷ କରାଯାଇଛି। ତେବେ ଏହି ସଂଶୋଧିତ ନିୟମ କୋ-ଅପରେଟିଭ ବ୍ୟାଙ୍କମାନଙ୍କ ଚେୟାରମ୍ୟାନ ଓ ହୋଲଟାଇମ ଡାଇରେକ୍ଟରଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ। ଏହି ବିଧେୟକ ଅନୁସାରେ ସରକାରୀ ବ୍ୟାଙ୍କମାନଙ୍କୁ ଅଡିଟରଙ୍କ ଫି ଧାର୍ଯ୍ୟ କରିବା ଓ ଟପ ଲେବୁଲ ଟାଲେଣ୍ଟ ହାୟର କରିବାର ଅଧିକାର ମିଳିବ।

# ଆସାମରେ ନିଷେଧ ହେଲା ଗୋମାଂସ

ନୂଆଦିଲ୍ଲୀ,୪।୧୨ : ଆସାମରେ ଗୋମାଂସ ଉପରେ ନିଷେଧାଦେଶ ଜାରି କଲେ ରାଜ୍ୟ ସରକାର। ରାଜ୍ୟ କ୍ୟାବିନେଟ ବୈଠକରେ ଗୋମାଂସ ଉପରେ ପ୍ରତିବନ୍ଧକ ଲଗାଯାଇଥିବା ନେଇ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟର କୌଣସି ହୋଟେଲ, ରେଷ୍ଟୁରାଣ୍ଟ ଏବଂ ସାର୍ବଜନୀନ ସ୍ଥାନରେ ଗୋମାଂସ ପରସାଯାଇ ପାରିବ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଆସାମ ମନ୍ତ୍ରୀ ପୀୟୁଷ ହଜାରିକା ଏକ ପୋଷ୍ଟ କରି ରାଜ୍ୟ କଂଗ୍ରେସକୁ ଆହ୍ୱାନ କରିବା ସହିତ ଗୋମାଂସ ପ୍ରତିବନ୍ଧକକୁ ସ୍ୱାଗତ କର ନଚେତ ପାକିସ୍ତାନ ଚାଲିଯାଅ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା ନିକଟରେ କହିଥିଲେ ଯେ, ଯଦି କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ଭୁପେନ କୁମାର ବୋରା ତାଙ୍କୁ ଚିଠି ଲେଖି କହିବେ ତେବେ ସେ ଆସାମରେ ଗୋମାଂସ ଉପରେ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତ ଅଛନ୍ତି। କଂଗ୍ରେସ ସାଂସଦ ରକିବୁଲ ହୁସେନ କହିଥିଲେ ଯେ, ନଗାଁଵ ଜିଲା ରାମଗୁରି ବିଧାନସଭା ଆସନରେ ମୁସଲମାନ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଜେପି ଗୋମାଂସ ଭୋଜି ଆୟୋଜନ କରିଥିଲା।

# ଘୁଞ୍ଚିଲା ପିଏସଏଲଭି-ସି୫୯ ଉତକ୍ଷେପଣ ସମୟ

ନୂଆଦିଲ୍ଲୀ,୪।୧୨ : ଭାରତୀୟ ମହାକାଶ ଗବେଷଣା ସଂଗଠନ – ଇସ୍ରୋ, ପ୍ରୋବା-୩ ମହାକାଶଯାନରେ ଦେଖାଦେଇଥିବା ଅନିୟମିତତା କାରଣରୁ 'ପିଏସଏଲଭି-ସି୫୯'ର ଉତ୍‌କ୍ଷେପଣକୁ ଗୁରୁବାର ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି। ବୁଧବାର ଅପରାହ୍ନ ୪ଟା ୮ ମିନିଟରେ ଏହାର ଉତକ୍ଷେପଣ ପାଇଁ ସ୍ଥିର କରାଯାଇଥିଲା। ପ୍ରୋବା-୩ ମହାକାଶଯାନ ପିଏସଏଲଭି-ସି୫୯/ପ୍ରୋବା-୩ ଉତକ୍ଷେପଣରେ ଅନିୟମିତତା ଦେଖାଦେବାରୁ ଆସନ୍ତାକାଲି ଅପରାହ୍ନ ୪ଟା ୧୨ରେ ଉତକ୍ଷେପଣ କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

# ସ୍ୱର୍ଣ୍ଣ ମନ୍ଦିରରେ ସୁଖବୀର ସିଂହ ବାଦଲଙ୍କ ଉପରକୁ ଗୁଳିମାଡ଼



ନୂଆଦିଲ୍ଲୀ,୪।୧୨ : ଶିରୋମଣି ଅକାଳୀ ଦଳ ନେତା ତଥା ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ହୋଇଛି ଗୁଳିମାଡ଼। ସ୍ୱର୍ଣ୍ଣ ମନ୍ଦିର ଫାଟକ ନିକଟରେ ଆଜି ସକାଳେ ଘଟିଛି ଏହି ଘଟଣା। ତେବେ ଶ୍ରୀ ବାଦଲ ସୁରକ୍ଷିତ ଅଛନ୍ତି। ତାଙ୍କର କିଛି ହୋଇନାହିଁ। ଗୁଳି ମାରିଥିବା ବ୍ୟକ୍ତି ଧରାପଡ଼ିଛନ୍ତି। ତାଙ୍କ ନାଁ ନାରାୟଣ ସିଂହ। ସେ ବାବର ଖାଲସା ଇଣ୍ଟରନ୍ୟାସନାଲର ଜଣେ ପୂର୍ବତନ ଆତଙ୍କବାଦୀ ବୋଲି ଜଣାପଡ଼ିଛି। ସେ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରକୁ ଲକ୍ଷ୍ୟ କରି ଗୁଳି ଚଳାଇବା ପରେ ସେଠାରେ ଉପସ୍ଥିତ ସ୍ୱର୍ଣ୍ଣ ମନ୍ଦିର କର୍ମଚାରୀ ଓ ଶ୍ରଦ୍ଧାଳୁମାନେ ତାଙ୍କୁ କାବୁ କରିଥିଲେ ଓ ସେ ଧରିଥିବା ପିସ୍ତଲ ଛଡ଼ାଇ ନେଇଥିଲେ। ଏହା ପରେ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ତାଙ୍କୁ ଗିରଫ କରିଛି। ୨୦୦୭ରୁ ୨୦୧୭ ମଧ୍ୟରେ ଶିରୋମଣି ଅକାଳୀ ସରକାର ସମୟରେ ଏକ ଧାର୍ମିକ ଅପବିତ୍ରୀକରଣ ମାମଲା ସହିତ ଅନ୍ୟାନ୍ୟ ଭୁଲ୍ କରି ଅକାଲ ତଖ୍‌ତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କୁ ଦଣ୍ଡ ସ୍ୱରୂପ ସ୍ୱର୍ଣ୍ଣ ମନ୍ଦିର ଓ ଅନ୍ୟ ଗୁରୁଦ୍ୱାରରେ ଶୌଚାଳୟ,ବାସନ ଓ ଜୋତା ସଫା କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ କୁହାଯାଇଛି। ତେବେ ତାଙ୍କ ଗୋଡ଼ ଭାଙ୍ଗିଥିବାରୁ ସେ ଦୁଇ ଦିନ ହେବ ସ୍ୱର୍ଣ୍ଣ ମନ୍ଦିରର ଫାଟକ ସମ୍ମୁଖରେ ଜଣେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଛନ୍ତି।

# ମୁଣ୍ଡ ନୁଆଁଇଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି

## ୬ ଘଣ୍ଟା ମଧ୍ୟରେ ପ୍ରତ୍ୟାହାର କଲେ ସାମରିକ ଆଇନ



ସିଓଲ,୪।୧୨ :ଦକ୍ଷିଣ କୋରିଆରେ ରାଜନୈତିକ ଅଚଳାବସ୍ଥା ଲାଗି ରହିବା ଫଳରେ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ ମଙ୍ଗଳବାର ରାତିରେ 'ଜରୁରୀକାଳୀନ ସାମରିକ ଆଇନ' ଘୋଷଣା କରିଥିଲେ। ତେବେ ଏହାର ୬ ଘଣ୍ଟା ପରେ ଏହାକୁ ସେ ରାଷ୍ଟ୍ର ବିରୋଧୀ ତତ୍ତ୍ୱଙ୍କୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ହଟାଇ ଦେଇଛନ୍ତି। ଉତ୍ତର କୋରିଆ ପ୍ରତି ସହାନୁଭୂତିଶୀଳ ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟକୁ ନିୟନ୍ତ୍ରଣକୁ ନେବା ସହ ସରକାରକୁ ଅଚଳ କରିଦେବାକୁ ଉଦ୍ୟମ କରୁଥିଲେ ବୋଲି ରାଷ୍ଟ୍ରପତି ଅଭିଯୋଗ କରିଥିଲେ। ୟୁନ୍‌ଙ୍କ ଦଳ ପିପୁଲ୍ସ ପାୱାର ପାର୍ଟି ଏବଂ ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ମଧ୍ୟରେ ଉତ୍ତେଜନା ବଢ଼ିବା ପରେ ସାମରିକ ଆଇନ ଲାଗୁ କରିବାକୁ ରାଷ୍ଟ୍ରପତି ନିଷ୍ପତ୍ତି ନେଇଥିଲେ। ଦକ୍ଷିଣ କୋରିଆ ପାର୍ଲାମେଣ୍ଟ ରାଷ୍ଟ୍ରପତିଙ୍କୁ ଅବମାନନା କରି ତୁରନ୍ତ ସାମରିକ ଆଇନ ଘୋଷଣା ହଟାଇବା ସପକ୍ଷରେ ଭୋଟ ଦେଇଥିଲା। ଜନସାଧାରଣ ପାର୍ଲାମେଣ୍ଟ ବିଲ୍ଡିଂ ବାହାରେ ରୁଣ୍ଡ ହୋଇ ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ଶେଷରେ ଚାପ ଆଗରେ ମୁଣ୍ଡ ନୁଆଇଁ ରାଷ୍ଟ୍ରପତି ସାମରିକ ଆଇନ ଘୋଷଣାକୁ ପ୍ରତ୍ୟାହାର କରି ନେଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ନେତାମାନେ ରାଷ୍ଟ୍ରପତିଙ୍କ ଏହି ନିର୍ଦ୍ଦେଶକୁ ସାମାଜିକ ଦ୍ୱନ୍ଦ୍ୱ ସୃଷ୍ଟିକାରୀ ବୋଲି ଅଭିହିତ କରିବା ସହ ପାର୍ଲାମେଣ୍ଟ ଭଙ୍ଗ ଦାବି କରିଛନ୍ତି।

# ସିରିଆ ସଙ୍କଟ ନେଇ ତୁର୍କୀ-ଇରାନ ମୁହାଁମୁହିଁ

ଆଙ୍କରା,୪।୧୨: ସିରିଆ ସଙ୍କଟକୁ ନେଇ ତୁର୍କୀ ଏବଂ ଇରାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାର ପ୍ରଭାବ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କ ତୁର୍କୀ ଗସ୍ତ ସମୟରେ ମଧ୍ୟ ଦେଖିବାକୁ ମିଳିଛି। ଆରାଘଚି ତୁର୍କୀରେ ପହଞ୍ଚି ରେସିପ ତାଇପ ଏର୍ଦୋଗନ ସରକାରଙ୍କ ସିରିଆ ନୀତିକୁ ସମାଲୋଚନା କରିଥିଲେ। ଏହାର ପ୍ରତିବଦଳରେ ତୁର୍କୀ ମଧ୍ୟ ଇରାନର ବୈଦେଶିକ ମନ୍ତ୍ରୀଙ୍କୁ କଡ଼ା ଜବାବ ଦେଇଛି। ସିରିଆରେ ବିଦ୍ରୋହୀ ଆକ୍ରମଣ ମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ସୋମବାର ତୁର୍କୀ ଗସ୍ତ କରିଥିଲେ। ବିଦ୍ରୋହୀମାନଙ୍କୁ ତୁର୍କୀ ସମର୍ଥନ କରୁଥିବାବେଳେ ଇରାନ ସିରିଆର ବଶର ଅଲ-ଅସଦ ସରକାରକୁ ଖୋଲାଖୋଲି ସମର୍ଥନ କରୁଛି। ଇରାନର ବୈଦେଶିକ ମନ୍ତ୍ରୀଙ୍କ ତୁର୍କୀ ଗସ୍ତକୁ ଉତ୍ତେଜନାମୂଳକ ବୋଲି ବର୍ଣ୍ଣନା କରାଯାଇଛି। ତାଙ୍କର ଏହି ଗସ୍ତ ସମୟରେ ଇରାନର ବୈଦେଶିକ ମନ୍ତ୍ରୀ ତୁର୍କୀ ବିରୋଧରେ ଅଭିଯୋଗ କରିଛନ୍ତି ଯେ ସିରିଆ ବିଦ୍ରୋହୀମାନେ ଆଲେପ୍ପୋକୁ କାବୁ କରିବାରେ ତୁର୍କୀ ସରକାର ସାହାଯ୍ୟ କରିଛନ୍ତି। ତୁର୍କୀର ରିସେପ୍ ତାଇପ ଏର୍ଦୋଗନ ସରକାର ମଧ୍ୟ ତାଙ୍କ ଅଭିଯୋଗ ଉପରେ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ଇରାନର ବୈଦେଶିକ ମନ୍ତ୍ରୀ ଆରାଘଚି ରବିବାର ଦିନ ସିରିଆ ରାଷ୍ଟ୍ରପତି ବଶର ଅଲ-ଅସଦଙ୍କୁ ଭେଟିବା ପରେ ତୁର୍କୀ ଗସ୍ତ କରିଛନ୍ତି ବୋଲି ମିଡିଲ ଇଷ୍ଟ ଆଇ ରିପୋର୍ଟ କରିଛି। ବିଦ୍ରୋହୀଙ୍କ ଆଶ୍ଚର୍ଯ୍ୟଜନକ ଅଗ୍ରଗତି ସମୟରେ ରିପୋର୍ଟରେ ଦମାସକସ ପାଇଁ ତେହେରାନର ସମର୍ଥନକୁ ମଧ୍ୟ ନିଶ୍ଚିତ କରାଯାଇଛି। ବଢୁଥିବା ବିବାଦର କୂଟନୈତିକ ସମାଧାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବଶରଙ୍କ ତରଫରୁ ଆରାଘଚି ଏକ ବାର୍ତ୍ତା ପ୍ରଦାନ କରିବେ ବୋଲି ଆଶା କରାଯାଉଥିଲା। ତେବେ ଏହା ଘଟି ନ ଥିଲା। ଆରାଘଚି ବଶରଙ୍କଠାରୁ କିଛି ଆଣି ନ ଥିବା ଚର୍ଚ୍ଚା ହେଉଛି। ଏହା ବଦଳରେ ଆରାଘଚି ତେହେରାନ ବିରୋଧରେ ଅଭିଯୋଗ ପ୍ରକଟ କରି ବିଦ୍ରୋହୀ ଆକ୍ରମଣକୁ ସମର୍ଥନ କରି ତୁର୍କୀ ପ୍ରତି ବିଶ୍ୱାସଘାତକତା କରିଥିବା କୁହାଯାଇଛି। ଇରାନ କୌଣସି ପରିସ୍ଥିତିରେ ବଶରଙ୍କୁ ସମର୍ଥନ କରିବ। ଇରାନର ସମ୍ବାଦ ଏଜେନ୍ସି ଇରନା ଅନୁଯାୟୀ, ମଙ୍ଗଳବାର ଦିନ ଆରାଘଚି ନିଜର ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ ଦମାସକସ ଅନୁରୋଧ କଲେ ଇରାନ ସିରିଆରେ ସୈନ୍ୟ ମୁତୟନ କରିବାକୁ ବିଚାର କରିବ। ତେବେ ତୁର୍କୀ ଅଧିକାରୀମାନେ ସିରିଆ ବିଦ୍ରୋହୀମାନଙ୍କୁ କୌଣସି ସହାୟତା ପ୍ରଦାନ କରିବାକୁ ମନା କରି ଦେଇଛନ୍ତି। ତୁର୍କୀର ବୈଦେଶିକ ମନ୍ତ୍ରୀ ହାକାନ ଫିଦାନା ତାଙ୍କ ଇରାନ ପ୍ରତିପକ୍ଷଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ସିରିଆ ସହିତ କୌଣସି ସୀମା ନ ଥିବା ବଶର ଏବଂ ଇରାନ ବର୍ଷ ବର୍ଷ ଧରି ଶାନ୍ତି ଆଲୋଚନାରେ ଅଂଶଗ୍ରହଣ କରିବାରେ ବିଫଳ ହୋଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବଶର ନିଜ ଲୋକଙ୍କ ଉପରେ ଅତ୍ୟାଚାର ଜାରି ରଖିଥିବାବେଳେ ଇରାନକୁ ବଳିର ଛେଳି ଭାବରେ ବ୍ୟବହାର କରାଯିବା ଉଚିତ୍ ନୁହେଁ।

## ସମ୍ଭଲ ଯାତ୍ରା ବେଳେ ହାଇଡ୍ରାମା

# ରାହୁଲ ଓ ପ୍ରିୟଙ୍କାଙ୍କୁ ଅଟକାଇଲା ପୁଲିସ



ନୂଆଦିଲ୍ଲୀ,୪।୧୨: ଉତ୍ତରପ୍ରଦେଶର ସମ୍ଭଲରେ ଘଟିଥିବା ହିଂସାକୁ ନେଇ ରାଜନୀତି ଥମିବାର ନାଁ ଧରୁନି। ଆଜି କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଧରି ସମ୍ଭଲ ଯାତ୍ରାରେ ବାହାରିଥିଲେ ମଧ୍ୟ ଏହି ଯାତ୍ରା ସଫଳ ହୋଇପାରିନାହିଁ। ରାହୁଲ ଓ ପ୍ରିୟଙ୍କାଙ୍କୁ ଦିଲ୍ଲୀ ଏବଂ ନୋଏଡା ମଧ୍ୟରେ ଥିବା ଗାଜୀପୁର ସୀମାରେ ଅଟକାଇ ଦିଆଯାଇଛି। ଫଳରେ ଏଠାରେ ଏକ ହାଇଭୋଲଟେଜ ଡ୍ରାମା ଦେଖିବାକୁ ମିଳିଥିଲା। ତେବେ ପ୍ରାୟ ୨ ଘଣ୍ଟାର ଡ୍ରାମା ପରେ କଂଗ୍ରେସ ନେତାଙ୍କୁ ଦିଲ୍ଲୀ ଫେରିବାକୁ ପଡ଼ିଛି। ଏନେଇ ରାହୁଲ ଗାନ୍ଧୀ କହିଛନ୍ତି ଯେ ସେ ବିରୋଧୀ ଦଳର ନେତା, ତାଙ୍କର ସାମ୍ବିଧାନିକ ଅଧିକାର ଅଛି, ତାଙ୍କୁ ପୀଡିତ ପରିବାରଙ୍କୁ ଭେଟିବାକୁ ଦିଆଯିବା ଉଚିତ। ତାଙ୍କୁ ଏପରି ଅଟକାଯାଇପାରିବ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ ସେ ପୁଲିସ ସହ ଏକା ପୀଡ଼ିତଙ୍କୁ ଭେଟିବାକୁ ଯିବେ, ହେଲେ ପୁଲିସ ଏଥିରେ ମଧ୍ୟ ସହମତ ନୁହଁନ୍ତି, ପୁଲିସ ନିକଟରେ କୌଣସି ଉତ୍ତର ନାହିଁ ବୋଲି କହି ବର୍ଷିଛନ୍ତି ରାହୁଲ। ଏହି ସମୟର ଏକ ଭିଡିଓ ସୋଶାଲ ମିଡିଆରେ ଶେୟାର କରିଛନ୍ତି ରାହୁଲ ଗାନ୍ଧୀ। ଏଥିରେ ସେ ପୋଲିସ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ପୁଲିସ ସମେତ ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି। ସେପଟେ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଏବଂ ଅନ୍ୟ ବରିଷ୍ଠ ନେତା ସମ୍ଭଲ ଗସ୍ତ କରୁଥିବାବେଳେ ସେମାନଙ୍କୁ ଗାଜୀପୁର ସୀମାରେ ଅଟକାଇ ଦିଆଯାଇଛି। ଘଟଣାସ୍ଥଳରେ ଆବଶ୍ୟକ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଗାଜିଆବାଦ ପୁଲିସ କମିଶନର ଅଜୟ କୁମାର ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ସମ୍ଭଲରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ଭାରତୀୟ ନାଗରିକ ପ୍ରତିରକ୍ଷା ଆଇନର ଧାରା ୧୬୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ସହିତ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଗତ ଶନିବାର ଶେଷ ହୋଇଥିଲା, ଯାହାକୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି ଜିଲ୍ଲା ମାଜିଷ୍ଟ୍ରେଟ୍।

# ନାବାଳିକା ଗଣଦୁଷ୍କର୍ମ ମାମଲା: ୪ ଗିରଫ



କୁଚିଣ୍ଡା(ନିପ୍ର): ନାବାଳିକା ଗଣ ଦୁଷ୍କର୍ମ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ୍ । ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ରାସ୍ତାରୁ ଟେକି ନେଇ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ୪ ଅଭିଯୁକ୍ତଙ୍କ ଗିରଫ ନେଇ ସୂଚନା ଦେଇଛନ୍ତି କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା । ଗତ ୩୦ ତାରିଖରେ ନାବାଳିକା ନିଜ ସମ୍ପର୍କୀ ଭାଇଙ୍କ ସହିତ ସମ୍ବଲପୁର ଜିଲ୍ଲା ରଙ୍ଗବତୀ ବିଲୁଙ୍ଗ ଗାଁରେ ଆୟୋଜିତ ଯାତ୍ରା ଦେଖିବାକୁ ଯାଇଥିଲେ । ସେଠାରେ କିଛି ଯୁବକଙ୍କ ସହିତ ନାବାଳିକାଙ୍କ ଭାଇଙ୍କର କଥା କଟାକଟି ହୋଇଥିଲା । ବୁଝାସୁଝା ପରେ ବିବାଦ ସମାଧାନ ହୋଇଥିଲା । ଯାତ୍ରା ଦେଖିବା ପରେ ରାତିରେ ନାବାଳିକା ତାଙ୍କ ସମ୍ପର୍କୀୟ ଭାଇଙ୍କ ସହିତ ଘରକୁ ଫେରୁଥିଲେ । ଠିକ୍ ସେତିକି ବେଳେ ବିଚ୍ ରାସ୍ତାରୁ ନାବାଳିକାଙ୍କୁ ୪ ଅଭିଯୁକ୍ତ ଟେକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ପୀଡ଼ିତା ଏନେଇ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଭିତରେ ଦୁଇ ଜଣ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ଥାନା ନୂଆପାଲି ଗାଁର ଅନୀଲ ମିଞ୍ଜ ଓ କୁତ୍ରା ଥାନା କର୍ମାବାହାଲ ଗ୍ରାମ ସରୋଜ ଏକ୍କା ଏବଂ ଅନ୍ୟ ଦୁଇଜଣ ମହୁଲପାଲି ଥାନା ବିଲୁଙ୍ଗ ଗାଁର ଜିତେନ୍ଦ୍ର ଭଞ୍ଜ ଓ ଦୁମକୁ ଗାଁର ଗୋବିନ୍ଦ ଏକ୍କା । ଏନେଇ ସୂଚନା ଦେଇଛନ୍ତି କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା ।

## ମାଟି ଖୋଳାହୋଇ ବାହାରିଲା ରଜନୀକାନ୍ତଙ୍କ ମୃତଦେହ
### ସଂପର୍କୀୟଙ୍କ ନାଁରେ ହତ୍ୟା ଅଭିଯୋଗ

କଟକ(ନିପ୍ର): ବାରଙ୍ଗ ଥାନା ରତାଗଡ଼ରେ ଘଟିଛି ଅଭାବନୀୟ ଘଟଣା । ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ପୋଲିସକୁ ନ ଜଣାଇ ତାଙ୍କ ମୃତ ଦେହକୁ ପୋତି ଦେଇଥିଲେ ସଡୁ । ମୃତକଙ୍କ ପରିବାର ଲୋକଙ୍କ ପକ୍ଷରୁ ହତ୍ୟା ଅଭିଯୋଗ ଅଣାଯାଇଛି । ଅଭିଯୋଗ ପରେ ସାଇଣ୍ଟିଫିକ ଟିମ, ତହସିଲଦାର ଏବଂ ପୋଲିସ ଉପସ୍ଥିତିରେ ମାଟି ଖୋଳା ହୋଇ ଶବ ବାହାରିଛି । ମୃତକ ହେଲେ ଚନ୍ଦକା ଅଳସୁଆ ଗାଁର ରଜନୀକାନ୍ତ ବେହେରା । ମାଟିତଳୁ ଶବ ବାହାରିବା ପରେ ବାରଙ୍ଗ ଥାନା ପୋଲିସ ସଡୁଙ୍କୁ ଅଟକ ରଖିଛି । ସୂଚନାଯୋଗ୍ୟ, ରଜନୀକାନ୍ତ ଦ୍ୱିତୀୟ ବିବାହ କରି ସଡୁଙ୍କ ଗାଁ ରତାଗଡ଼ରେ ରହୁଥିଲେ । ପାରିବାରିକ କଳହ କାରଣରୁ ଟ୍ରେନ ଲାଇନରେ ଆତ୍ମହତ୍ୟା କରିଥିବା ଦର୍ଶାଇ ଶବକୁ ପୋତି ଦେଇଥିଲେ । ଏହି ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଉଥିବା ମୃତକଙ୍କ ଭାଇ ଅଭିଯୋଗ ଆଣିଥିଲେ । ଯାହାକୁ ଖଣ୍ଡନ କରିଥିଲେ ସଡୁ କାଳିଆ ସାମଲ । ସଡୁଙ୍କ କହିବା ଅନୁସାରେ, କିଛି ଲୋକ ରେଳ ଧାରଣାରେ ରଜନୀକାନ୍ତଙ୍କ ମୃତ ଦେହ ପଡ଼ିଥିବାର ଖବର ଦେଇଥିଲେ । ଏହା ପରେ ରଜନୀକାନ୍ତଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ହେଲେ କେହି ଆସିନଥିଲେ । ତେଣୁ ସେ ପ୍ରଥମେ ଶବକୁ ନିଜ ଗାଁକୁ ନେଇଥିଲେ । କିଛି ସମୟର ଅପେକ୍ଷା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହକୁ ଜରିଅଖା ଦେଇ ମାଟି ତଳେ ପୋତି ଦେଇଥିଲେ । ଅପର ପକ୍ଷରେ ଘଟଣା ସଂପର୍କରେ ମୃତକଙ୍କ ଭାଇ ଓ ସ୍ତ୍ରୀ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗ ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚିଥିଲା । ସାଇଣ୍ଟିଫିକ ଟିମ, ତହସିଲଦାର ଏବଂ ପୋଲିସ ଉପସ୍ଥିତିରେ ମାଟି ଖୋଳା ହୋଇ ଶବକୁ ବାହାର କରାଯାଇଛି । ଏହା ପରେ ପୋଲିସ ଶବକୁ ବ୍ୟବଚ୍ଛେଦ ନିମନ୍ତେ ମେଡ଼ିକାଲକୁ ପଠାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣା ପଡ଼ିବ ବୋଲି ଆଶା କରାଯାଉଛି । ପୋଲିସ ତଦନ୍ତ ଜାରି ରଖିଛି ।

## ଗୁଜରାଟରୁ ଫେରିଲେ ୯ଜଣ ଶ୍ରମିକ



ରାୟଗଡ଼(ନିପ୍ର): ଗୁଜରାଟରେ କାମ ପାଇଁ ଯାଇଥିବା ରାୟଗଡ ଜିଲ୍ଲାର ୯ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଘରକୁ ଫେରାଇ ଆଣିଲା ଜିଲ୍ଲା ପ୍ରଶାସନ । ଏହି ଶ୍ରମିକ ମାନେ ଗୁଜରାଟର ଏକ କମ୍ପାନୀରେ କାମ କରିବା ପାଇଁ ଯାଇଥିଲେ । କମ୍ପାନୀ ଦ୍ୱାରା ସେଠାରେ ସେମାନଙ୍କୁ ଅଟକ ରଖାଇଯାଇଥିଲା । କୌଣସି ସୂତ୍ରରୁ ଜିଲ୍ଲାଶ୍ରମ ବିଭାଗ ଖବର ପାଇ ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀଙ୍କ ପ୍ରଚେଷ୍ଟାରେ ରାଜ୍ୟ ସରକାରଙ୍କ ଶ୍ରମବିଭାଗ ତରଫରୁ ଗୁଜରାଟ ସରକାରଙ୍କ ସହିତ ଯୋଗାଯୋଗ କରି ସେମାଙ୍କୁ ଉଦ୍ଧାର କରାଯାଇ ଟ୍ରେନ ଯୋଗେ ରାୟଗଡକୁ ପଠାଇଥିଲେ । ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ ବିଷମକଟକ ବ୍ଲକର ୬ଜଣ ଓ କାଶୀପୁର ବ୍ଲକରୁ ୩ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜ ସୂଚନା ଦେଇଥିଲେ । ଏହି ଘଟଣା ଏବେ ତଦନ୍ତ ପରିସରଭୁକ୍ତ ରହିଅଛି ଓ ଏଥିରେ ସମ୍ପୃକ୍ତ ଥିବା ଦଲାଲକୁ ଚିହ୍ନଟ କରାଯିବା ସହିତ ଶ୍ରମିକ ମାନଙ୍କର ବକେୟା ଥିବା ପ୍ରାପ୍ୟ ପ୍ରଦାନ କରାଯିବା ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାଧୀନ ରହିଛି ।

## ପରିବା ଦୋକାନରେ ଚଢ଼ାଉ: ଲାଗିଲା ରେଟ୍ ଚାର୍ଟ



କାକଟପୁର(ନିପ୍ର): ବର୍ତ୍ତମାନ ସାରା ରାଜ୍ୟରେ ଆଳୁକୁ ନେଇ ଚର୍ଚ୍ଚା ଜୋର ଧରିଛି । ଆଳୁ ଗରିବଙ୍କଠୁ ଆରମ୍ଭ କରି ଧନୀ ସମସ୍ତଙ୍କ ପ୍ରଧାନ ଖାଦ୍ୟ । ବିଭିନ୍ନ ଜଳଖିଆ ହଉ କି ଫାଷ୍ଟଫୁଡ ଆଳୁ ଉପରେ ରହିଛି ସଭିଙ୍କ ନଜର । କିନ୍ତୁ ଚଳିତ ବର୍ଷ ପଶ୍ଚିମବଙ୍ଗ ସରକାର ଓଡିଶାକୁ ଆଳୁ ରପ୍ତାନି ବନ୍ଦ କରିଦେବା ଦ୍ୱାରା ବର୍ତ୍ତମାନ ଆଳୁ ସଙ୍କଟ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି । ଗୋଟିଏ ପଟେ ଯୋଗାଣ ମନ୍ତ୍ରୀଙ୍କ କହିବା କଥା ଉତ୍ତରପ୍ରଦେଶ ଆଳୁ ପ୍ରଚୁର ପରିମାଣରେ ମଗାଯାଇଛି ଆଉ ଯେଉଁ ଆଳୁ ଷ୍ଟକ ରହିଛି ତାହାକୁ ଚଡା ଦରରେ ଖାଉଟିଙ୍କୁ ବିକ୍ରୟ ନ କରିବା ପାଇଁ ନିର୍ଦ୍ଦେଶ କରାଯାଇଛି । କିନ୍ତୁ ବର୍ତ୍ତମାନ ଅସ୍ତରଙ୍ଗ ଅଞ୍ଚଳରେ ବ୍ୟବସାୟୀମାନେ ଏହି ଆଳୁ ସଙ୍କଟର ଭରପୁର ଫାଇଦା ଉଠାଉଛନ୍ତି । ଅସ୍ତରଙ୍ଗ ଅଞ୍ଚଳରେ ଦୁଇ ଦିନ ମଙ୍ଗଳବାର ଓ ଶନିବାର ସାପ୍ତାହିକ ହାଟରେ ଆଳୁ ମୂଲ୍ୟ ୫୦ରୁ ୬୦ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି । କେବଳ ସେତିକି ନୁହେଁ ଅନ୍ୟ ପରିବା ବ୍ୟବସାୟୀ ବି ହାଟ ପାଳି ଦରକୁ ନଜରରେ ରଖି ଚଡା ଦରରେ ବିକ୍ରି କରୁଛନ୍ତି । ଯାହାକୁ ନେଇ ଅସ୍ତରଙ୍ଗ ଅଞ୍ଚଳରେ ଗ୍ରାହକମାନଙ୍କ ମହଲରେ ବିଶେଷ ଅଶାନ୍ତିଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ବୁଧବାର ଅସ୍ତରଙ୍ଗ ଯୋଗାଣ ବିଭାଗର ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବଜାରରେ ପରିବା ଦୋକାନମାନଙ୍କରେ ପହଞ୍ଚି ଅଚାନକ ରେଡ କରି ସେଠି ଆଳୁର ନିର୍ଦ୍ଧାରିତ ରେଟଚାର୍ଟ ମାରିଛନ୍ତି । ଦୋକାନ ମାନଙ୍କରେ ପହଞ୍ଚି ଆଳୁର ଦର ବୁଝିବା ସହିତ ଆଳୁ ରେଟକୁ କମାଇଛନ୍ତି । ଖାଉଟିମାନଙ୍କୁ ମଧ ପଚାରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି । ବଛା ଆଳୁ କିଲୋ ପ୍ରତି ୪୫ ଟଙ୍କା ଓ ଅବଛା ଆଳୁ କିଲୋ ପ୍ରତି ୪୦ ଟଙ୍କା ରେଟ ଧାର୍ଯ୍ୟ କରିବା ସହିତ ବ୍ୟବସାୟୀଙ୍କୁ ସିଲଟ ଓ ଚକ ଖଡି କିଣେଇ ପ୍ରତ୍ୟେକ ଦୋକାନ ଆଗରେ ରେଟ ଚାର୍ଟ ମାରିବା ସହିତ ବ୍ୟବସାୟୀଙ୍କୁ ତାଗିଦ କରିଛନ୍ତି । ଆଗାମୀ ଦିନରେ ଆଳୁ ଉପଯୁକ୍ତ ପରିମାଣରେ ଷ୍ଟକ ହାଉସରେ ପହଞ୍ଚିବା ପର୍ଯ୍ୟନ୍ତ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଆଳୁ ବିକ୍ରି କରିବାକୁ ବ୍ୟବସାୟୀଙ୍କୁ ପରାମର୍ଶ ଦେଇଛନ୍ତି । ତା' ସହିତ ଆଳୁ ସ୍ଥିତି ଠିକ୍ ହେବା ପର୍ଯ୍ୟନ୍ତ ପ୍ରତ୍ୟକ ଦିନ ଯୋଗାଣ ବିଭାଗର ଟିମ୍ ବଜାରରେ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବେ ବୋଲି ଅସ୍ତରଙ୍ଗ ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

### ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ

# ମହତ ଉଦ୍ଦେଶ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଆହ୍ୱାନ



କଟକ(ନିପ୍ର): ପରିବାର ପାଇଁ ସନ୍ତାନଟିଏ ଯେପରି ଆବଶ୍ୟକ, ସନ୍ତାନ ପାଇଁ ମଧ ପରିବାରଟିଏ ସେଭଳି ଅପରିହାର୍ଯ୍ୟ । ଦୁନିଆରେ ଏଭଳି ପିତାମାତା ଅଛନ୍ତି, ଯେଉଁମାନେ ସନ୍ତାନର ସୁଖ ପାଇପାରି ନାହାନ୍ତି ଏବଂ ସନ୍ତାନସନ୍ତତି ଅଛନ୍ତି ଯେଉଁମାନଙ୍କୁ ପରିବାରଟିଏ ମିଳିପାରୁନାହିଁ । ନିଃସନ୍ତାନ ଦମ୍ପତ୍ତି ହୁଅନ୍ତୁ କିମ୍ବା ସ୍ୱେଚ୍ଛାକୃତ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ସେ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବୁଧବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନ୍ୟାୟିକ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଏକ ମହତ ଉଦ୍ଦେଶ୍ୟ ରଖି ସମାଜର ସବୁ ବର୍ଗର ଲୋକେ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ ମାଧ୍ୟମରେ କିଭଳି ଅଧିକରୁ ଅଧିକ ପିଲାମାନେ ପ୍ରତିପାଳିତ ହୋଇପାରିବେ ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି । ପ୍ରତିପାଳନ ବ୍ୟବସ୍ଥାରେ ପିଲାଙ୍କୁ ଥଇଥାନ କରାଇ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାରେ ସମସ୍ତେ କରିବା ହେଉଛି ଚଳିତ ବର୍ଷର ପ୍ରସଙ୍ଗ । ଏଣୁ ଅଧିକରୁ ଅଧିକ ଜନସାଧାରଣ ଏହି ବ୍ୟବସ୍ଥାରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି । ଏହି କର୍ମଶାଳାରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା କେତେକ ପିତାମାତା ଓ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଆଗ୍ରହୀ ଥିବା କେତେକ ପିତାମାତା ଅଂଶ ଗ୍ରହଣ କରି ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ସଂପର୍କିତ ଏକ ଲିଫ୍ଲେଟ ଉନ୍ମୋଚନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଭବନର ନିର୍ଦ୍ଦେଶକ ଡାକ୍ତର ପ୍ରଭାକର ମିଶ୍ର, କଟକ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଜିଲ୍ଲାର ବିଭିନ୍ନ ଥାନାର ଆରକ୍ଷୀ ନିରୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀ, ବାଳ ଅପରାଧ ନ୍ୟାୟିକ ପରିଷଦର ସଦସ୍ୟ, ଏସସିବି ମେଡ଼ିକାଲ କଲେଜ ଓ ହସପିଟାଲର ପରିଚାଳକ ଓ ଜିଲ୍ଲା ଶିଶୁ କଲ୍ୟାଣ ସମିତିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

### ଘରୋଇ କଳିର ପରିଣାମ
## ଝିଅ ସହ ଚାଲିଗଲା ମା'ର ଜୀବନ: ସ୍ୱାମୀ ଅଟକ

କଟକ(ନିପ୍ର): ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି ମା' ଓ ଶିଶୁ । ଏଭଳି ଏକ ଅଘଟଣା ସ୍ଥାନୀୟ ଜଗତପୁର ଥାନା ଆଟୋଡ଼ା ଗାଁରେ ଘଟିଛି । ଏହି ଘଟଣା ପରେ ସ୍ୱାମୀକି ଅଟକ ରଖି ଜଗତପୁର ଥାନା ପୋଲିସ ପଚରାଉଚୁରା କରୁଛି । ପ୍ରାଥମିକ ତଦନ୍ତ ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଦେହରେ କିରୋସିନ ଢ଼ାଳି ନିଜ ୪ ମାସର ଶିଶୁକନ୍ୟାକୁ ଧରି ସୁଚିସ୍ମିତା ମହାନ୍ତି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପାରିବାରକ କଳହରୁ ଏଭଳି କରିଥିବା କୁହାଯାଉଥିବା ବେଳେ ସୁଚିସ୍ମିତାଙ୍କ ମା ରସ୍ମିତା ମହାନ୍ତି ଯୌତୁକ ନିର୍ଯ୍ୟାତନା ଆଣି ଜଗତପୁର ଥାନାରେ ଏତଲା ଦେଇଛନ୍ତି । ଏତଲାରେ ସ୍ୱାମୀ, ଶାଶୁ ଓ ବିବାହିତ ନଣନ୍ଦଙ୍କ ନାମ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ମାସ ୧୦ ତାରିଖରେ ବୈଦିକ ରୀତିରେ ସୌରି ଗାଁର ସୁଚିସ୍ମିତା ମହାନ୍ତି ଆଟୋଡ଼ା ଗାଁର ଶୁଭ ରଂଜନ ଲେଙ୍କାକୁ ବିବାହ କରିଥିଲେ । ବିବାହ ସମୟରେ ଶାଶୁ ଘର ଲୋକଙ୍କ ଡିମାଣ୍ଡ ମୁତାବକ ସମସ୍ତ ଟଙ୍କା, ଆସଭାବପତ୍ର ଓ ସୁନା ଅଳଙ୍କାର ଦେଇଥିଲେ । ତେବେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକ କିରୋସିନ ଢ଼ାଳି ମା ଝିଅଙ୍କୁ ମାରି ଦେଇଥିବା ମୃତ ସୁଚିସ୍ମିତାର ମା ଓ ଭଉଣୀ ଅଭିଯୋଗ ଆଣିଛନ୍ତି । ମୃତ ସୁଚିସ୍ମିତାଙ୍କ ମାଙ୍କ ଏତଲାକୁ ଭିତ୍ତି କରି ପୋଲିସ କେସ ନଂ୬୧୫/୨୪ ଏକ ମାମଲା ରୁଜୁ କରିଛି । ପ୍ରଥମେ ପାରିବାରିକ କଳହକୁ କେନ୍ଦ୍ର କରି ମହିଳା ଜଣକ ତାଙ୍କ ଶିଶୁକନ୍ୟାକୁ ଧରି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ଜଣା ପଡ଼ିଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କ ମା ହତ୍ୟା ଅଭିଯୋଗ ଆଣିଛନ୍ତି । ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି ବୋଲି ଏସସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି।

### ରାଳବ ନାଚମଣ୍ଡପରେ ବିଭତ୍ସ ଦୃଶ୍ୟ ଘଟଣା
## ସାପ ଖେଳାଳିଙ୍କୁ ଗିରଫ କଲା ବନବିଭାଗ



ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ରାଳବ ଗ୍ରାମରେ ଗତ ୨୪ ତାରିଖରେ କାଞ୍ଜିଅଁଳା ଯାତ୍ରା ଶୁଭାରମ୍ଭ ହୋଇଥିଲା । ଯାତ୍ରାରେ ଚାଲିଥିବା ରାମାୟଣ ନାଟକରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ନାଟକ ମଞ୍ଚରେ ବାଳି ଓ ସୁଗ୍ରୀବ ଭୂମିକାରେ ଅଭିନୟ କରୁଥିବା କଳାକାର ଦ୍ୱୟ ସାପ ଖେଳାଇବା ଘଟଣା ଦେଖିବାକୁ ମିଳିଥିଲା । ସଂପୃକ୍ତ ଘଟଣାରେ ବ୍ରହ୍ମପୁର ବନ ବିଭାଗ ସାପ ଖେଳାଳି ଗିରଫ କରିଛି । ଗିରଫ ଜଣକ ହେଲେ ମିଥୁନ ସେଠୀ । ସେ ନାଟକ ମଞ୍ଚରେ ସାପ ଖେଳାନ୍ତି । ସୂଚନାଯୋଗ୍ୟ ଗ୍ରାମ କାଞ୍ଜିଅଁଳା ଯାତ୍ରାରେ ରାଳବ ଗ୍ରାମର ତଳସାହିରେ ଚିକିଲି ଦଳ ପକ୍ଷରୁ ରାମାୟଣ ନାଟକ ପରିବେଷଣ କରାଯାଇଥିଲା । ତେବେ ଯାତ୍ରା ଦଳ ମଧ୍ୟରେ ପ୍ରତିଯୋଗିତାରୁ ଦେଖିବାକୁ ମିଳିଥିଲା ବିଭତ୍ସ ଦୃଶ୍ୟ । ଅସୁର ଭୂମିକାରେ ଅଭିନୟ କରୁଥିବା କିଛି କଳାକାର ଏକ ଜୀଅନ୍ତା ଘୁଷୁରୀକୁ ବାନ୍ଧି ଝୁଣି ଝୁଣି ମାଂସ ଭକ୍ଷଣ କରୁଥିବା ଏବଂ ହଜାର ହଜାର ଦର୍ଶକଙ୍କ ଆଗରେ ସାପ ଖେଳାଳି ମିଥୁନ ବିଷଧର ସାପକୁ ନାଟ ମଞ୍ଚରେ ଖେଳାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସଂପୃକ୍ତ ଘଟଣାକୁ କିଛି ଦର୍ଶକ ଏହାକୁ ମନଭରି ଉପଭୋଗ କରି ତାଳି ମାରି ଅଧିକ ଉତ୍ସାହିତ କରୁଥିବା ବେଳେ ଆଉ କିଛି ଦର୍ଶକଙ୍କ ମନରେ ଭୟ ସଞ୍ଚାର ହୋଇଥିଲା । ତଥାପି କେହି ଏହାର ବିରୋଧ କରିନଥିଲେ । ନା ଯାତ୍ରା କମିଟି, ନା ଗାଁ କମିଟି ନା ଦର୍ଶକ । ଅନୁରୂପ ଭାବେ ବାଳୀ ଓ ସୁଗ୍ରୀବ ଭୂମିକାରେ ଅଭିନୟ କରୁଥିବା କଳାକାର ଦ୍ୱୟ ବିଷଧର ସାପକୁ ନାଟ ମଞ୍ଚରେ ଖେଳାଉଥିବା ଦୃଶ୍ୟ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ଏଭଳି ବିଭତ୍ସ ଦୃଶ୍ୟ ପଦର୍ଶନ କରୁଥିବା କଳାକାର ଓ ଯାତ୍ରା କମିଟିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିଲା । ଯାହାକୁ ନେଇ ପୁଲିସ ଓ ବନ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରି ରାକ୍ଷସ ଭୂମିକାରେ ଅଭିନୟ କରୁଥିବା କଳାକାର ବିମ୍ବାଧର ଗୌଡ଼ଙ୍କୁ ହିଞ୍ଜିଳି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଓ ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ନାଟ୍ୟ ପରିଚାଳକ ଖଲ୍ଲିକୋଟ ଥାନା ଚିକିଲି ଗ୍ରାମର ନାରାୟଣ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ।

## ପ୍ରଧାନମନ୍ତ୍ରୀ ଆବାସ ସଚେତନତା



କୃଷ୍ଣପ୍ରସାଦ(ନିପ୍ର): କୃଷ୍ଣପ୍ରସାଦ ବ୍ଲକ ଅଧିନ ବଡଅଁଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ମନୋନୟନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ବୀଣାପାଣି ପ୍ରଧାନ ଓ ସମିତିସଭ୍ୟା କାଜଲ ଦଳେଇଙ୍କ ତତ୍ତ୍ୱାବଧାନରେ ହୋଇଯାଇଛି । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ନାୟକ ଆବାସ ଯୋଜନା ହିତାଧିକାରୀ ହେବାକୁ ଥିବା ମାନଦଣ୍ଡ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଓ୍ୱାର୍ଡର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

### ଅବକାରୀ ବିଭାଗ ସଜାଗ
## ୧୭୫୦ଲିଟର ଚୋରା ଦେଶୀ ମଦ ଜବତ: ଜଣେ ଗିରଫ

କଟକ(ନିପ୍ର): ପୁଣି ଆକ୍ସନ ମୋଡ଼ରେ ଆସିଛି ଅବକାରୀ ବିଭାଗ । କଟକ, ନରସିଂହପୁର, ବାଙ୍କୀ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ବଡ଼ ଧରଣର ଚଢ଼ାଉ କରାଯାଇଛି । ଚଢ଼ାଉରେ ୧୭୫୦ଲିଟର ଚୋରା ଦେଶୀ ମଦ ଜବତ କରାଯାଇଥିବାବେଳେ ୧୬୯୦୫ ଲିଟର ପୋଚ ନଷ୍ଟ କରାଯାଇଛି । ଚୋରା ଦେଶୀ ମଦ ଚାଲାଣ କରୁଥିବାବେଳେ ଜଣକୁ ଗିରଫ କରାଯାଇଛି । ଗିରଫ ଜଣକ ହେଲେ ତିଗିରିଆ ଥାନା ପଣସପାଟଣା ଗାଁର ସଂଜୟ କୁମାର ସାହୁ ବୋଲି ଜଣାପଡ଼ିଛି । ଖବର ଅନୁଯାୟୀ ତିଗିରିଆ ଥାନା ଭିରୁଡ଼ା ଓ ପଣସପାଟଣା ଗ୍ରାମରେ ବେଆଇନ ମଦ ଚୋରା ଚାଲାଣ ହେଉଥିଲା । ଏ ନେଇ ଅବକାରୀ ବିଭାଗ ଖବର ପାଇ ଚଢ଼ାଉ କରିଥିଲେ । କଟକ, ନରସିଂହପୁର, ବାଙ୍କୀ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଜଣକୁ ଗିରଫ କରାଯାଇଛି । ଅଭିଯୁକ୍ତ ସଂଜୟଙ୍କ ନିକଟରୁ ୫୬୦ଲିଟର ଚୋରା ଦେଶୀ ମଦ ଓ ୩୪୩୦ ଲିଟର ପୋଚ ଜବତ କରାଯାଇଛି । ଏଥି ସହିତ ଏହି କାରବାରରେ ବ୍ୟବହୃତ ଏକ ସ୍କୁଟିକି ମଧ୍ୟ ଅବକାରୀ ବିଭାଗ ଜବତ କରିଛି । ଅବକାରୀ ବିଭାଗ ଏହି ଘଟଣାରେ ୫ଟି ମାମଲା ରୁଜୁ କରିଛି । ଏହି ଚଢ଼ାଉରେ ଅବକାରୀ ବିଭାଗର ୧୦ରୁ ଅଧିକ ଅଧିକାରୀ ସାମିଲ ଥିଲେ ।

### ଆକ୍ସନ ମୋଡ଼ରେ ସିଏମସି
## ବେଆଇନ ଜବରଦଖଲ ଉଚ୍ଛେଦ

କଟକ(ନିପ୍ର): ସରକାରୀ ଆକ୍ସନ ମୋଡ଼ରେ କଟକ ମହାନଗର ନିଗମ । ଏସସିବି ମେଡ଼ିକାଲକୁ ଲାଗି ରହିଥିବା କାଠଗୋଲା ଅଂଚଳରୁ ବୁଧବାର ସିଏମସିର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ପକ୍ଷରୁ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଛି । ସରକାରୀ ଜମି ଓ ଡ୍ରେନ ଉପରେ ରହିଥିବା ପାଖାପାଖି ୨୫ରୁ ଊର୍ଦ୍ଧ୍ୱ ମେଡ଼ିସିନ ଦୋକାନକୁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଉଚ୍ଛେଦ କରିଛି । ଏହି ମେଡ଼ିସିନ ଦୋକାନଗୁଡ଼କୁ ପୂର୍ବରୁ ନୋଟିସ ମଧ ଦିଆଯାଇଥିଲା । ଆଜି ସକାଳୁ ମାଇକ ଜରିଆରେ ସଚେତନତା ଅବଲମ୍ବନ କରିବା ପାଇଁ କୁହାଯିବା ପରେ ଏହି ଜବର ଦଖଲ ମେଡ଼ିସିନ ଦୋକାନ ଗୁଡ଼ିକୁ ଅବରୋଧମୁକ୍ତ କରାଯାଇଛି । ସିଏମସି ଡେପୁଟି କମିଶନର ଶ୍ୱେତପଦ୍ମା ଶତପଥିଙ୍କ କହିବା ମୁତାବକ ପୂର୍ବରୁ ଏହି ସ୍ଥାନକୁ ନେଇ ଅଭିଯୋଗ ଆସିଥିଲା । ଯେହେତୁ ଏହି କାଠଗୋଲା ଅଂଚଳଟି ଏସସିବି ମେଡ଼ିକାଲ ସାମନାରେ ରହୁଛି ତେଣୁ ଆମ୍ବୁଲାନ୍ସ ଯିବା ଆସିବା ଗହଳି କମାଇବା ନିମନ୍ତେ ସିଏମସି ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିଲା । ମାପଚୁପ ହେବା ପରେ ୨୬ଟି ମେଡ଼ିସିନ ଦୋକାନ ବେଆଇନ ନିର୍ମାଣ ହୋଇଥିବା ଜଣା ପଡ଼ିଥିଲା । ତେବେ ଏହି ଦୋକାନଗୁଡ଼ିକୁ ନୋଟିସ ଦେବା ପରେ ଆଜି ମାଇକ ଜରିଆରେ ସଚେତନ କରାଯାଇ ବେଆଇନ ଦୋକାନକୁ ଅବରୋଧମୁକ୍ତ କରାଯାଇଛି । ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ ମତରେ ନୋଟିସ ଗୋଟିଏ ମାସ ପୂର୍ବରୁ ନଦେଇ ତରତରିଆ ଭାବରେ ଏହି ଉଚ୍ଛେଦ କରାଯାଇଛି, ଯାହା ଆଇନ ବିରୁଦ୍ଧ । ସମୟ ନଦେଇ ଅତର୍କିତ ଭାବରେ ଉଚ୍ଛେଦ ଗ୍ରହଣୀୟ ନୁହେଁ । ତେଣୁ ସିଏମସିର କାର୍ଯ୍ୟରତ ଅଧିକାରୀମାନଙ୍କ ନାଁରେ ଆଗାମୀ ଦିନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସ୍ଥାନୀୟ ଲୋକ କହିଛନ୍ତି ।



## ଗ୍ୟାସ୍ ଟ୍ୟାଙ୍କର ସହ ସ୍କୁଟି ଧକ୍କା: ଜଣେ ମୃତ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ତଥା ୫୯ ନଂ ଜାତୀୟ ରାଜପଥ ଚୈତନ୍ୟପଡା ଗ୍ରାମ ଛକ ନିକଟରେ ଗ୍ୟାସ୍ ଟ୍ୟାଙ୍କର (ଓଡି୦୭ ଏଭି ୪୩୬୫) ସହ ସ୍କୁଟି (ଓଡି୦୭ଏୟୁ ୩୭୧୫) ମୁହାଁମୁହିଁ ଧକ୍କା ଘଟିଛି । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣଙ୍କ ହେଲେ ବ୍ରହ୍ମପୁର ବଡବଜାର ଥାନା ପୁରୁଣା ବ୍ରହ୍ମପୁର ଅଞ୍ଚଳର ଗୟା ଦାସ (୩୦) ଓ ଗୁରୁତର ଆହତ ଜଣଙ୍କ ହେଲେ ବ୍ରହ୍ମପୁର ବଡବଜାର ଥାନା ପୁରୁଣା ବ୍ରହ୍ମପୁର ମାର୍ଥା ସାହିର ନିରଞ୍ଜନ ଅପିଣ୍ଟୁ ପ୍ରଧାନ (୩୨) । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଓ ଗୁରୁତର ଆହତ ଦ୍ୱୟଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଗୟାଙ୍କୁ ମୃତ ଘୋଷଣା କରିଥିଲେ । ନିରଞ୍ଜନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ଗୁରୁବାର ମୃତଦେହକୁ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ ବୋଲି ପୁଲିସ କହିଛି । ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଗୟା ଓ ନିରଞ୍ଜନ ଶେରଗଡ଼ ଥାନା ଗୋବିନ୍ଦପୁର ଗ୍ରାମରୁ ସ୍କୁଟି ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ ବ୍ରହ୍ମପୁର ଠାରୁ ଆସିକା ଅଭିମୁଖେ ଯାଉଥିବା ଏକ ଗ୍ୟାସ୍ ଟ୍ୟାଙ୍କର ସହ ୫୯ ନଂ ଜାତୀୟ ରାଜପଥ ଚୈତନ୍ୟପଡା ଛକ ନିକଟରେ ମୁହାଁମୁହିଁ ଧକ୍କା ଘଟିଥିଲା । ଘଟଣା ସ୍ଥଳରେ ହିଁ ଗୟାଙ୍କ ମୃତ୍ୟୁ ଘଟିଥିଲା । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଜଣାପଡିଛି ।

## ଗଞ୍ଜେଇ ଜବତ: ଦୁଇ ଗିରଫ

ବାଲିପାଟଣା(ନିପ୍ର): ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ବାଲିଅନ୍ତା ପୋଲିସ ଗୋଟିଏ ହୋଣ୍ଡାସିଟି କାରରୁ ୨୧ କିଲୋ ଗଂଜେଇ ଜବତ କରିଛି । ଯାହାର ଅନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବାଲିଅନ୍ତା ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଏକ ହୋଣ୍ଡାସିଟି ଗାଡିରେ ଗଂଜେଇ ଚାଲାଣ ହେଉଛି । ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ବାଲିଅନ୍ତା ପୋଲିସର ଏକ ଟିମ କାକରୁଦ୍ରପୁର କେନାଲ ରାସ୍ତାରେ ହୋଣ୍ଡାସିଟି କାରକୁ ଅଟକାଇ ତା ମଧ୍ୟରେ ଗଞ୍ଜେଇ ଥିବା ଜାଣିଲା ପରେ ବାଲିଅନ୍ତା ଥାନାକୁ ନେଇଥିଲା । କାରରୁ ୨୧ କେଜି ୭୦୦ ଗ୍ରାମ ଗଂଜେଇ, ୨ଟି ମୋବାଇଲ ଜବତ କରିଛି ପୋଲିସ । ତା' ସହିତ ଦୁଇ ଜଣଙ୍କୁ ଗିରଫ କରି ପଚାରା ଉଚରା କରୁଥିବା ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ଗିରଫ ଦ୍ୱୟ ହେଲେ ଡ୍ରାଇଭର ଅଶୋକ ବରାଳ ଏବଂ ସେକ ହକିମ ବୋଲି ଜଣାପଡିଛି । ଉକ୍ତ ଚୋରା ଗଂଜେଇ ବୌଦ୍‌ରୁ ଆସୁଥିବା ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି ।

■ ଏସିସି ଅଣ୍ଡର-୧୯ ଏସିଆ କପ୍

# ୟୁଏଇକୁ ହରାଇ ସେମିରେ ଭାରତ

**ନୂଆଦିଲ୍ଲୀ, ୪/୧୨:** ୟୁଏଇକୁ ପରାସ୍ତ କରିବା ପରେ ଏସିସି ଅଣ୍ଡର-୧୯ ଏସିଆ କପ୍ ସେମିଫାଇନାଲରେ ପ୍ରବେଶ କରିଛି ଭାରତୀୟ ଦଳ । ୟୁଏଇକୁ ୧୦ ୱିକେଟ୍‌ରେ ପରାସ୍ତ କରି ଭାରତ ସେମିରେ ପ୍ରବେଶ କରିଛି । ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ଭାରତ, ନିଜର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଜାପାନ ଏବଂ ୟୁଏଇକୁ ପରାସ୍ତ କରିଛି । ଶାରଜାହ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ୟୁଏଇ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁଏଇ ଟିମ୍ ୪୪ ଓଭରରେ ୧୩୭ ରନ୍‌ରେ ଅଲଆଉଟ୍ ହୋଇଥିଲା । ଭାରତ ପାଇଁ ଯୁଦ୍ଧଜିତ୍ ଗୁହା ସର୍ବାଧିକ ୩ ୱିକେଟ୍ ନେଇଥିବା ବେଳେ ଚେତନ ଶର୍ମା ଏବଂ ହାର୍ଦ୍ଦିକ ରାଜ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି । ୧୩୮ ରନ୍ ପିଛା କରିଥିବା ଭାରତ ୧୬.୧ ଓଭରରେ ୧୪୩ ରନ୍ କରି ମ୍ୟାଚ୍ ନିଜ ନାଁରେ କରିଛି । ଭାରତ ପାଇଁ ମାତ୍ରେ ୬୭ ରନ୍ ଏବଂ ଚର୍ଚ୍ଚିତ ଯୁବ ବ୍ୟାଟର ସୂର୍ଯ୍ୟବଂଶୀ ୭୬ ରନ୍ କରିଛନ୍ତି । ଦୁଇ ଓପନର ଭାରତ ପାଇଁ ଚମତ୍କାର ବ୍ୟାଟିଂ କରି ଟିମକୁ ସହଜ ବିଜୟ ଦେଇଛନ୍ତି।



ଗ୍ରୁପ୍ ଏ'ରୁ ଭାରତ ଏବଂ ପାକିସ୍ତାନ ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିଛନ୍ତି । ସେମିଫାଇନାଲରେ ଭାରତ ବନାମ ଶ୍ରୀଲଙ୍କା ମୁକାବିଲା ହେବ । ଦ୍ୱିତୀୟ ସେମିଫାଇନାଲରେ ବାଂଲାଦେଶ ଏବଂ ପାକିସ୍ତାନ ମୁହାଁମୁହିଁ ହେବେ । ଡିସେମ୍ବର ୬ରେ ଉଭୟ ସେମିଫାଇନାଲ ଖେଳାଯିବ । ଶ୍ରୀଲଙ୍କା ଏବଂ ପାକିସ୍ତାନ ଟିମ୍ ଏବେ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ଅଛନ୍ତି । ଶ୍ରୀଲଙ୍କା ଗ୍ରୁପ୍ ବି'ରେ ବାଂଲାଦେଶ, ନେପାଳ ଏବଂ ଆଫଗାନିସ୍ତାନକୁ ହରାଇଛି । ଗ୍ରୁପ୍ ବି'ରୁ ଶ୍ରୀଲଙ୍କା ଏବଂ ବାଂଲାଦେଶ ସେମିଫାଇନାଲ ପାଇଁ କ୍ୱାଲିଫାଏ କରିଛନ୍ତି। ଟିମ୍‌ଗୁଡ଼ିକର ପ୍ରଦର୍ଶନ ଦେଖିବାକୁ ଗଲେ ଭାରତ ଏବଂ ପାକିସ୍ତାନ ଫାଇନାଲ୍ ପାଇଁ ପ୍ରବଳ ଦାବିଦାର । ଡିସେମ୍ବର ୮ରେ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଫାଇନାଲ୍ ମୁକାବିଲା ଖେଳାଯିବ ।

ଉନ୍ନୟନମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ

## ସରକାରୀ ଯୋଜନା ସଫଳ କରାଇ ନ ଦେବା ପାଇଁ ଚକ୍ରାନ୍ତ

**ନିମାପଡ଼ା, ୪।୧୨(ନିପ୍ର):** ଏହି ପଞ୍ଚାୟତ ସମିତି ଅଧୀନସ୍ଥ କୋଠକୁସାଙ୍ଗ ଗ୍ରାପର ବିଭିନ୍ନ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବାରେ ସରକାରୀ କର୍ମଚାରୀମାନେ ଲିପ୍ତ ରହିଥିବା ଅଭିଯୋଗ ହୋଇଛି । କାର୍ଯ୍ୟ ସବୁ ନିମ୍ନମାନର ହେବା ସହିତ ସରକାରୀ ଅନୁଦାନ ହଡ଼ପ ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯାଉଥିବା ସଂପର୍କରେ ନାଏବ ସରପଞ୍ଚ ସୁକାନ୍ତ ବେହେରାଙ୍କ ସମେତ ସଚେତନ ନାଗରିକମାନେ ପୁରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କେନ୍ଦ୍ର ସରକାରଙ୍କ 'ନରେଗା' ଯୋଜନାରେ କାର୍ଯ୍ୟ କରା ନ ଯାଇ କିଛି ମୁଷ୍ଟିମେୟ ବ୍ୟକ୍ତି ଗ୍ରାମ ରୋଜଗାର ସେବକ, କନିଷ୍ଠ ଯନ୍ତ୍ରୀଙ୍କ ସହଯୋଗରେ ଅନୁଦାନ ହଡ଼ପ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି। ପ୍ରତି ୱାର୍ଡ଼ରେ ନିର୍ମାଣଧୀନ ଆବର୍ଜନା କୁଣ୍ଡ ନିର୍ମାଣରେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଥିବା ବେଳେ ତାହା କମ୍ ଦିନରେ ଭାଙ୍ଗିଯିବା ସମ୍ଭାବନା ଥିବା ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଗ୍ରାପ କାର୍ଯ୍ୟାଳୟ ରଙ୍ଗ ହେଉଥିବା ବେଳେ 'ପୁଟି' ନ ଲଗାଇ ମନୋମୁଖୀ କାର୍ଯ୍ୟକରି ସରକାରୀ ଅର୍ଥ ଲୁଟିବା ପାଇଁ ସରକାରୀ କର୍ମଚାରୀମାନେ ଯୋଜନାବଦ୍ଧ ଉଦ୍ୟମ ଜାରି ରଖି ଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ପୁରୁଣା କାନ୍ଥରେ ନିମ୍ନମାନର ରଙ୍ଗ ଲଗାଯାଇ ଥିବାରୁ ତାହାର ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ ।

ମହୋଦଧି ଦିବସ

## ମାସ୍କେଟ ଫିନ୍ନି ଲୋକାର୍ପିତ

**ପୁରୀ, ୪/୧୨(ନିପ୍ର):** ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବୁଧବାର ପୂର୍ବାହ୍ନରେ ତାଙ୍କ ସରକାରୀ ବାସଭବନଠାରେ ମହୋଦଧି ଦିବସ ପାଇଁ ମାସ୍କେଟ ଫିନ୍ନି କୁ ଲୋକାର୍ପିତ କରିଛନ୍ତି । ଏହି ଅନ୍ତର୍ଜାତୀୟ ମହୋତ୍ସବର ସଫଳତା କାମନା କରିଛନ୍ତି । ମହୋଦଧି ଦିବସ ଚଳିତମାସ ଡିସେମ୍ବର ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ୱର୍ଣ୍ଣାଭ ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବ । ଆନ୍ତର୍ଜାତୀୟ ସ୍ପୋର୍ଟ୍ସ କାରନିଭାଲ ଅନୁଷ୍ଠିତ ହେବ । ଉପକୂଳ ଐତିହ୍ୟର ପ୍ରତୀକ ଭାବେ ସମୁଦ୍ରକୂଳ ସଫା ରଖିବା, ଜଳରାଶି ସଫା ରଖିବା, ଉପକୂଳ କ୍ରୀଡା, ସମୁଦ୍ର ଜଳରାଶିରେ ନୌକା କ୍ରୀଡା ଆଦି କାର୍ଯ୍ୟକ୍ରମ ରହିଛି । ଏହି ପ୍ରତିଯୋଗିତାରେ ଦେଶ ବିଦେଶର ପ୍ରାୟ ୬୦୦ରୁ ଅଧିକ ପ୍ରତିଯୋଗୀ ଓ ୧୦ ଟି ଦେଶରୁ ୩୫ ଟି ଅନ୍ତର୍ଜାତୀୟ ପ୍ରତିନିଧୀ ଯୋଗଦେବେ । ଏହା ଭାରତର ଉପକୂଳ ପର୍ଯ୍ୟଟନ ଏବଂ ପରିବେଶ ସଚେତନତା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ।

## ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଅନୁଦାନ ରାଶି ମଞ୍ଜୁର

**ଭାପୁର,୪/୧୨(ନିପ୍ର):** ବାସ୍ତବରେ ନୟାଗଡ ଜିଲ୍ଲା ଭାପୁର ବ୍ଲକ ବିଜିପୁର ଗ୍ରାମରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଥାଇ ଦୀର୍ଘ ୧୨ ବର୍ଷ ହେଲା କାଗଜପତ୍ରରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ସହିତ ଡାକ୍ତର,ଷ୍ଟାଫ୍ ନର୍ସ,ଫାର୍ମାସିଷ୍ଟ ଏବଂ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇ ରାଜ୍ୟ ସରକାରଙ୍କ ଠାରୁ ଦରମା ପାଇ ଆସୁଥିବା ଭଳି ବିକଳ ଚିତ୍ର ଦେଖିବାକୁ ମିଳିଥିଲା। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ନିଦ ଭାଙ୍ଗିଥିଲା ଏବଂ ସରକାରୀ ସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜିପୁର ପଞ୍ଚାୟତ ଅଧିନ ବାରକାହାଣିଆ ମୌଜାର ପ୍ଲଟ ନମ୍ବର ୪ ରେ ଏକ ଏକର ପରିମିତ ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବ । ପ୍ରାୟ ୧ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଏବଂ ଘର ନିର୍ମାଣ ଡିଜାଇନ୍ ବିଭାଗୀୟ ଅନୁମୋଦନ ନିମନ୍ତେ ଯାଇଥିବାବେଳେ ଖୁବ୍ ଶୀଘ୍ର ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ମତ ପ୍ରକାଶ ପାଇଛି ।

# ବିପଦରେ ଦେଶର ଭବିଷ୍ୟତ

### ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?

**ରାୟଗଡ,୪/୧୨(ନିପ୍ର):** ପୋଲ ନ ଥିବାରୁ ପିଲାମାନେ ବିପଦସଂକୁଳ ଅବସ୍ଥାରେ ନଦୀରେ ପଶି ସ୍କୁଲ ଯାଆନ୍ତି। ଗାଁକୁ ରାସ୍ତା ଖଣ୍ଡିଏ ନାହିଁ କି ନଦୀ ଉପରେ ପୋଲଟିଏ ନଥିବାରୁ ୧୫ ଜଣ ପିଲା ବଡ଼ ଅସୁବିଧାରେ ବିପଦରେ ଭରାନଦୀ ପାର ହୋଇ ବିଦ୍ୟାଳୟକୁ ଯାଇଥାନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କୋଲନାରା ବ୍ଲକ ସ୍ଥିତ ବଡ ଖୀଲାପଦାର ପଞ୍ଚାୟତ ଅନ୍ତର୍ଗତ ନେରେଡ଼ିଗୁଡା ଗ୍ରାମରେ। ନଦୀପାର ହୋଇ ପ୍ରତିଦିନ ୨ କିମି ଦୂର ପିଣ୍ଡାପଦର ଗ୍ରାମରେ ରହିଥିବା ବିଦ୍ୟାଳୟକୁ ବିପଦକୁ ସାମ୍ନାକରି ଯାଉଛନ୍ତି କୁନି କୁନି ପିଲା। ତଥାପି ଏହା ଉପରେ ବ୍ଲକ ପ୍ରଶାସନର ଦୃଷ୍ଟି ପଡୁନଥିବା ସମସ୍ତଙ୍କୁ ଚକିତ କରିଛି। ରାୟଗଡାଠାରୁ ୨୫ କିମି ଦୂରରେ ରହିଥିବା ନେରେଡ଼ିଗୁଡା ଗାଁ ବହୁବର୍ଷ ଧରି ଅବହେଳିତ ହୋଇ ପଡ଼ିରହିଛି। ଏହି ନେରେଡ଼ିଗୁଡା ଗ୍ରାମରେ ୧୪ ପରିବାର ବାସ କରନ୍ତି। ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଓ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ। ପକ୍କା ରାସ୍ତା ନ ଥିବାରୁ ଗ୍ରାମକୁ ଆସିପାରିନଥାଏ ଆମ୍ବୁଲାନ୍ସ ସେବା ଫଳରେ ଗର୍ଭାବତୀ ମହିଳା କିମ୍ବା ରୋଗୀ ଭାରରେ ବୁହାହୋଇ ମେଡିକାଲ ଯାଇଥାନ୍ତି। ଗ୍ରାମରେ ସ୍କୁଲ ନ ଥିବାରୁ ପିଲା ୨ କିଲୋମିଟର ଦୂରରେ ଥିବା ପିଣ୍ଡପଦର ବିଦ୍ୟାଳୟକୁ ଯାଇଥାନ୍ତି। ବର୍ଷାଦିନେ ଉପର ମୁଣ୍ଡରେ ବର୍ଷାର ପରିମାଣ ଅଧିକ ହେଲେ ନଦୀରେ ପ୍ରବଳ ପାଣି ହୋଇଯାଏ ଏବଂ ବନ୍ଦହୁଏ ପିଲାଙ୍କ ସ୍କୁଲ ଯିବା। ଯାହାହେଲେ ବି ଏଭଳି ବିପଦସଂକୁଳ ଅବସ୍ଥାରେ ୮ ଜଣ ଛାତ୍ର ଓ ୭ ଜଣ ଛାତ୍ରୀ ପାଠ ପଢିବା ପାଇଁ ବିପଦସଂକୁଳ ଅବସ୍ଥାରେ ସ୍କୁଲ ଯାଇଥାଆନ୍ତି। ପିଲାଙ୍କ ସୁବିଧାରେ ଯିବାଆସିବା କରିବା ପାଇଁ ଏକ ଲୁହା ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ନିବେଦନ କରିଥିବା କହିଛନ୍ତି। ସେମାନେ କହିଛନ୍ତି ଯେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପାଖରେ ଯେତେ ଗୁହାରି କଲେ ମଧ୍ୟ କେହି ଶୁଣୁ ନ ଥିବା କ୍ଷୋଭର ସହ କହିଛନ୍ତି। ଏହା ପୂର୍ବତନ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ସତ୍ତ୍ୱେ ମଧ ସେ ଏଥିପ୍ରତି ଦୃଷ୍ଟି ଦେଇନଥିବା ଦୁଃଖ ଆଉ ପରିତାପର ବିଷୟ ବୋଲି କହିଛନ୍ତି।



ପୁରୀ: ନୌସେନା ପକ୍ଷରୁ ଜଣେ ଯବାନଙ୍କ ପରାକ୍ରମ ପ୍ରଦର୍ଶନ (ଫଟୋ- ଦିନଲିପି)

||||| ବିଲ୍ ପୈଠ ଠକେଇ ପ୍ରସଙ୍ଗ |||||

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ସତର୍କ ସୂଚନା

**ବ୍ରହ୍ମପୁର, ୪/୧୨(ନିପ୍ର):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଉପଭୋକ୍ତାମାନଙ୍କୁ ଫିସିଂ ଠକେଇ ସମ୍ପର୍କରେ ସତର୍କ ବାର୍ତ୍ତା ଦିଆଯାଇଛି। ସାଇବର ଅପରାଧୀମାନେ ଉପଭୋକ୍ତାଙ୍କ ମୋବାଇଲ ନମ୍ବରକୁ ବକେୟା ବିଲ୍ ଯୋଗୁଁ ବିଦ୍ୟୁତ ସଂଯୋଗ ବିଛିନ୍ନ ହେବା ନେଇ ମେସେଜ ପଠାଉଥିବା ଦେଖିବାକୁ ମିଳୁଛି। ବିଶେଷ କରି +୯୧୮୪୮୧-୦୪୨୧୫୧ ନମ୍ବରରୁ ଏଭଳି ମେସେଜ ଆସୁଛି। କିଛି ସାଇବର ଠକ ବିଦ୍ୟୁତ ସେବା ବିଚ୍ଛିନ୍ନ ନହେବା ପାଇଁ ଉପଭୋକ୍ତାଙ୍କୁ ୬୨୯୦୩୧୭୩୯୫ ନମ୍ବରରେ କଲ୍ କରିବାକୁ କହୁଛନ୍ତି। ଉପଭୋକ୍ତାଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ହାସଲ କରିବା ସହ ଅନଧିକୃତ ଉପାୟରେ ଟଙ୍କା ଉଠାଇବା ପାଇଁ ସାଇବର ଠକମାନେ ଏଭଳି ଫିସିଂ ମେସେଜ ପଠେଇଥାନ୍ତି। ତେଣୁ ଏଭଳି ଫୋନ୍ କଲ୍ କିମ୍ବା ମେସେଜରୁ ଦୂରେଇ ରହିବା ସହ ଠକେଇର ଶିକାର ନହେବା ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ସତର୍କ ବାର୍ତ୍ତା ଜାରି କରାଯାଇଛି। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍‌ଓଡିଏଲରେ ଉପଭୋକ୍ତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଏ।

ରେଳ ସାଇଡ଼ିଂ କାର୍ଯ୍ୟକୁ ନେଇ ପୁଣି ଆନ୍ଦୋଳନ

# ପୁଣି ବିବାଦ ଘନେଇଲା, ଠପ୍ ହେଲା କାମ

**ଯୋଡା,୪/୧୨(ନିପ୍ର):** କାର୍ଯ୍ୟରତ ଶ୍ରମିକ ଓ କାର୍ଯ୍ୟ ପାଇଁ ଅଡ଼ି ବସିଥିବା ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ରେଳ ସାଇଡ଼ିଂ କାର୍ଯ୍ୟକୁ ନେଇ ପୁଣି ଆନ୍ଦୋଳନ ଘନେଇଲା। ଆଲୋଚନାରେ ପ୍ରଭାବିତ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ମିଳିବା ପରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଅସନ୍ତୋଷ ବୃଦ୍ଧି ପାଇ ବୁଧବାର ରେଳ ସାଇଡିଂରେ ଧାରଣାରେ ବସିଛନ୍ତି। କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ବିଲେଇପଦା ସ୍ଥିତ ଟାଟାଷ୍ଟିଲ ସ୍ପଞ୍ଜ ଆଇରନ ଲି଼ର ରେଲୱେ ସାଇଡିଂରେ ପୁଣି ଅଶାନ୍ତି ଦେଖାଦେଇଛି । ଗତ ୨୯ ତାରିଖରୁ ଲହଣ୍ଡା ଓ ଭାଗଲପୁର ଗ୍ରାମବାସୀ ୬ ଦଫା ଦାବି ନେଇ କମ୍ପାନୀର ରେଳସାଇଡ଼ିଂରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବାପରେ ମଙ୍ଗଳବାର ଏନେଇ ଠିକା ସଂସ୍ଥା, କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ ହୋଇଥିଲା । ଗ୍ରାମବାସୀଙ୍କ ୬ଟି ଦାବି ମଧ୍ୟରୁ ଠିକା ସଂସ୍ଥା ପକ୍ଷରୁ ୪ଟି ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ । ତେବେ ଏହି ନିଷ୍ପତ୍ତି ବିରୁଦ୍ଧରେ ବୁଧବାର ପୁଣି ରେଲୱେ ସାଇଡିଂରେ ଅଶାନ୍ତି ଦେଖାଦେଇଛି । ଅନ୍ୟ ଏକ ପକ୍ଷ, ଯେଉଁମାନେ କି ଦୀର୍ଘବର୍ଷ ଧରି ରେଳ ସାଇଡିଂ କାମରେ ନିୟୋଜିତ ଥିଲେ ସେମାନେ ଠିକା ସଂସ୍ଥାର ଏଭଳି ନିଷ୍ପତ୍ତି ବିରୁଦ୍ଧରେ କାର୍ଯ୍ୟରୁ ବିରତ ରହି ଶାନ୍ତିପୂର୍ଣ୍ଣ ଭାବରେ ବସିରହିଛନ୍ତି । ଏମାନଙ୍କ ଅଭିଯୋଗ ଅନୁଯାୟୀ, ଏକତରଫା ଆଲୋଚନା କରି ଏହି ନିଷ୍ପତ୍ତି ନିଆଯାଇଛି । ଅନ୍ୟ ମାନଙ୍କୁ କାମ ଦେଇଦେଲେ ଆମେ କ'ଣ କରିବୁ ? ଗ୍ରାମବାସୀ ଦୀର୍ଘବର୍ଷ ଧରି କାମକରୁଛନ୍ତି, ସେମାନେ କୁଆଡ଼େ ଯିବେ ? ସେମାନଙ୍କୁ କାହିଁକି ବାଦ୍ କରାଯାଉଛି ? ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମେ ଏହିପରି ବସିବୁ । କମ୍ପାନୀ ଆମକୁ ଅଣଦେଖା ନ କରି ଆମ ଦାବି ପୂରଣକରୁ ବୋଲି ଗ୍ରାମବାସୀ ମଙ୍ଗଳ କରୁଆ ,ଦୀପକ ସିଂ ଖୁଣ୍ଟିଆ,ମହେଶ ମହାରଣା, ଚନ୍ଦ୍ରା ବତି ଗାଗରାଇ କହିବା ସହିତ ରେଳ ସାଇଡ଼ିଂରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି । ଏଭଳି ପରିସ୍ଥିତିରେ ମଙ୍ଗଳବାର ରାତିଠାରୁ ପ୍ରାୟତଃ ସାଇଡିଂରେ କାମ ବନ୍ଦ ରହିଛି । ଏ ନେଇ ଟାଟା ଷ୍ଟିଲ ସ୍ପଞ୍ଜ ଆଇରନ ଲିଃ ର ଅଧିକାରୀ କହିଛନ୍ତି ଯେ, ଏଥିରେ ଟାଟା ଷ୍ଟିଲର କିଛି ନାହିଁ, ଠିକା ସଂସ୍ଥା ଲଜିଷ୍ଟିକ୍ ସଲ୍ୟୁସନ୍‌କୁ ଡକାଇ ଆଲୋଚନା କରାଯିବ। ତେଣେ ପ୍ରିନ୍ସିପାଲ ଏମ୍ପ୍ଲୟର ହୋଇ ଟାଟା ଷ୍ଟିଲ ସ୍ପଞ୍ଜ ଆଇରନ କାରଖାନା ଦୁଇ ଗୋଷ୍ଠୀର ବିଭାଜନର ଫାଇଦା ଉଠାଉଛି ବୋଲି ବିଲେଇ ପଦାଠାରୁ ଯୋଡା ପର୍ଯ୍ୟନ୍ତ ଆଲୋଚନା ହେଉଛି ।



# କୁଚିପୁଡ଼ି ଓ ଓଡ଼ିଶୀ ନୃତ୍ୟରେ ବିମୋହିତ ପର୍ଯ୍ୟଟକ

## କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟା





**କୋଣାର୍କ,୪/୧୨(ନିପ୍ର):** ବୁଧବାର ଥିଲା ୩୫ତମ କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟା। ଚତୁର୍ଥ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ହାଇଦ୍ରାବାଦରୁ ଆସିଥିବା ଦୀପିକା ରେଡ୍ଡୀ ଓ ସାଥୀଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା 'କୁଚିପୁଡ଼ି' ନୃତ୍ୟ । ଦୀପିକା ରେଡ୍ଡୀ ବିଗତ ପାଞ୍ଚ ଦଶନ୍ଧି ଧରି କୁଚିପୁଡ଼ି ନୃତ୍ୟ ଶୈଳୀର ଜଣେ ଧୂରୀଣ ନୃତ୍ୟାଙ୍ଗନା । ସେ ତାଙ୍କର ଦୀପାଞ୍ଜଳି ଅନୁଷ୍ଠାନ ମାଧ୍ୟମରେ କୁଚିପୁଡ଼ି ନୃତ୍ୟ ଶୈଳୀକୁ ଶିଖରରେ ପହଁଞ୍ଚେଇବାରେ ସଫଳ ହୋଇଛନ୍ତି। ଶାରୀରିକ ଅକ୍ଷମମାନଙ୍କୁ ମଧ୍ୟ ନୃତ୍ୟର କଳା ଓ ଚାତୁରୀରେ ରସତୀର୍ଣ୍ଣ କରାଇବାରେ ସେ ସଫଳ ହୋଇଛନ୍ତି। ଦୀପିକାଙ୍କ ପାଇଁ କେବଳ ଏକ ରୁଚି ନୁହେଁ ବରଂ ଈଶ୍ୱର-ନୀରାଜନାର ମାଧ୍ୟମ। 'କୁଚିପୁଡ଼ି ବନ୍ଦନା' ମାଧ୍ୟମରେ ଅଗ୍ରପୂଜ୍ୟ ଗଣେଶଙ୍କର ବନ୍ଦନା ସହିତ 'ଥାକୁଭେମିମନାକୁ'ଓ 'ମଧୁରମ ମଧୁରମ'ରେ କୃଷ୍ଣଙ୍କର ଲୀଳା ଓ ରାସର ପ୍ରଦର୍ଶନ କରାଇଥିଲେ। ନିତ୍ୟ 'ନିରଞ୍ଜନମ'ରେ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ବିଭିନ୍ନ ତାଳ ଓ ନୃତ୍ୟାଙ୍ଗନାମାନଙ୍କର ଅଙ୍ଗରାଗ କୁଚିପୁଡ଼ି ନୃତ୍ୟ ଶୈଳୀରେ ପରିବେଷଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଦୀପିକା ରେଡ୍ଡୀ ନିର୍ଦ୍ଦେଶନା ଦେଉଥିବାବେଳେ ସଙ୍ଗୀତର ରୂପ ଦେଇଥିଲେ ଡି ଏସ୍ ଭି ଶାସ୍ତ୍ରୀ ।ଦିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର 'ରୁଦ୍ରାକ୍ଷ ଫାଉଣ୍ଡେସନ'ର ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଓ ସାଥୀଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା ଓଡିଶୀ ନୃତ୍ୟ। ଓଡ଼ିଶୀ ନୃତ୍ୟର ରୂପ, ରସ, ରାଗ, ଛନ୍ଦ ଓ ଭଙ୍ଗୀମାର ଅପୂର୍ବ ପରିପ୍ରକାଶ ଘଟିଥିଲା, ଶିଳ୍ପୀମାନଙ୍କ 'ହଂସ କଲ୍ୟାଣୀ ପଲ୍ଲବୀ'ଓ 'ଶାକ୍ୟ ମୁନି ବୁଦ୍ଧ' ଦୁଇ ନୃତ୍ୟ ସଂରଚନା ଓଡ଼ିଶୀ ନୃତ୍ୟର ସମସ୍ତ ବ୍ୟାକରଣକୁ ଆଧାର କରି ରୁଦ୍ରାକ୍ଷ ଫାଉଣ୍ଡେସନର ଶିଳ୍ପୀଗଣ ଦର୍ଶକଙ୍କୁ ସେମାନଙ୍କ ନୃତ୍ୟ ଶୈଳୀରେ ବିମୋହିତ କରି ରଖିଥିଲେ। ନିର୍ଦ୍ଦେଶନାରେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଏବଂ ସଙ୍ଗୀତରେ ଗୁରୁ ରାମହରି ଦାସ, ଗୁରୁ ଶ୍ରୀଜନ ଚାଟାର୍ଜି ଓ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ଅପୂର୍ବ କିଶୋର ବୀର କଳା ଚାତୁରୀ ପ୍ରଦର୍ଶିତ ହୋଇଥିଲା। ଚତୁର୍ଥ ସନ୍ଧ୍ୟାର ଅତିଥି ଭାବରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ଦୀନବନ୍ଧୁ ସାହୁ ପୁରୀ ସର୍କଲର ଏଏସ୍‌ଆଇ ଅଧୀକ୍ଷକ ପ୍ରତ୍ନତତ୍ତ୍ୱବିତ୍ ଦେବୀସୀତା ବ୍ରଜ ସୁନ୍ଦର ଗଡନାୟକ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ ପ୍ରମୁଖ ଯୋଗ ଦେଇ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଚନ୍ଦ୍ରଭାଗାଠାରେ ୧୪ତମ ଆନ୍ତର୍ଜାତୀୟ ବାଲୁକା ଉତ୍ସବର ଚତୁର୍ଥ ଦିନରେ ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ଥିଲା ସେବାରେ ସ୍ୱଚ୍ଛତା,ମହିଳାମାନଙ୍କ ପାଇଁ ଥିଲା ସାମୁଦ୍ରିକ ଜୀବନ ସୌନ୍ଦର୍ଯ୍ୟ ବୋଧ। ରାଜ୍ୟ ବାହାରୁ ଆସିଥିବା ବାଲୁକା ଶିଳ୍ପୀମାନଙ୍କ ପାଇଁ ବିଷୟବସ୍ତୁ ଥିଲା ବନ୍ୟାପ୍ରାଣୀ ଓ ପରିବେଶ ।

ଚିକିତ୍ସା ସେବାରେ ବିଳମ୍ବ ଅଭିଯୋଗ

## ମେଡିକାଲ କର୍ମଚାରୀଙ୍କୁ ମାଡ଼

**ହିଞ୍ଜିଳିକାଟୁ, ୪।୧୨(ନିପ୍ର):** ଚିକିତ୍ସା ସେବା ଯୋଗାଇବାରେ ବିଳମ୍ବ ହେବାରୁ ୨ ଯୁବକ ମେଡିକାଲ କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କୁ ମାଡ ମାରିବା ସହ ମେଡିକାଲ ପରିସରରେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି । ଏଭଳି ଏକ ଘଟଣା ମଙ୍ଗଳବାର ଭୋର ସକାଳୁ ଆଡପଡା ଗ୍ରାମରେ ଦେଖିବାକୁ ମିଳିଛି । ୨ ଯୁବକଙ୍କ ମାଡରେ ମେଡିକାଲ ଆଟେଣ୍ଡାଣ୍ଟ ଓ ସୁରକ୍ଷାକର୍ମୀ ଗୁରୁତର ଆହତ ହୋଇଛନ୍ତି । ଆହତମାନେ ହେଲେ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଟେଣ୍ଡାଣ୍ଟ ତଥା ପାଟପୁର ଥାନା ବଡିଓସ୍ତା ଗ୍ରାମର ସୁକାନ୍ତ କୁମାର ଆଚାରୀ ଓ ସୁରକ୍ଷାକର୍ମୀ ତଥା ପାଟପୁର ଥାନା ଗୌତୁମୀ ଗ୍ରାମର ନିରଞ୍ଜନ ସେଠି । ଘଟଣା ନେଇ ମଙ୍ଗଳବାର ରାତିରେ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡାକ୍ତର ଶୁଭ୍ରାଂଶୁ ମୋହନ ସାହୁ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନା କେସ ନଂ- ୯୯୦/୨୪ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରି ଆକ୍ରମକାରୀ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଫେରାର ହୋଇ ଯାଇଛନ୍ତି । ଗିରଫ ଜଣଙ୍କ ହେଲେ ହିଞ୍ଜିଳି ଥାନା ଆଡପଡା ଫାଣ୍ଡି ପେଣ୍ଠୁରାଲୁଣ୍ଠି ଗ୍ରାମର ଶୁଭମ ନାୟକ ଓ ଫେରାର ଯୁବକ ଜଣଙ୍କ ହେଲେ ପାଟପୁର ଥାନା କଙ୍କୋରଡା ଗ୍ରାମର ଭୋଳାଶଙ୍କର ବରଡ । ଗିରଫ ଯୁବକଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇ ସୁନିଳ କଣ୍ଡାଗୋରିଙ୍କ ସୂତ୍ରରୁ ପ୍ରକାଶ ।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ